୬ ବୈଭବ ସୂର୍ଯ୍ୟବଂଶୀଙ୍କୁ ମିଳିଲା ଦେଶର ସର୍ବୋଚ୍ଚ ପୁରସ୍କାର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୨ ● ସଂଖ୍ୟା–୩୨୯ ● ୨୭ ଡିସେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-329 ● 27th December 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

# ଧରଣୀଧର ଆମ ପାଇଁ ପ୍ରେରଣାର ଉତ୍ସ

**କେନ୍ଦୁଝର, ୨୬।୧୨**
**ନ୍ୟୁଜ୍**

କେନ୍ଦୁଝର ମାଟି ହେଉଛି ବିପ୍ଳବୀ ମାଟି। ଏଠି ଅନେକ ବିପ୍ଳବୀ ଜନ୍ମ ଗ୍ରହଣ କରିଛନ୍ତି। କିନ୍ତୁ, ଯେତେବେଳେ ବି ବିପ୍ଳବୀଙ୍କ କଥା ଆଲୋଚନା ହେବ, ଆମ ଜିଲ୍ଲାରେ ଧରଣୀଧରଙ୍କ ନାମ ସର୍ବାଗ୍ରେ ଆସିବ। ବିପ୍ଳବୀ ଧରଣୀଧର ଆମ ପାଇଁ ପ୍ରେରଣାର ଉତ୍ସ ବୋଲି ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।



ଶୁକ୍ରବାର କେନ୍ଦୁଝର ସହରର ପ୍ରବେଶ ଦ୍ୱାର ନେକେଡାଘରଠାରେ ବିପ୍ଳବୀ ଧରଣୀଧରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ କହିଥିଲେ, ଆଜି ଆମ ପାଇଁ ଗର୍ବର ଦିନ କାରଣ ଆଜି କେନ୍ଦୁଝରକୁ ଦେଇଥିବା ଆଉ ଏକ ପ୍ରତିଶ୍ରୁତି ପୂରଣ ହେଲା। ଏଇ କେନ୍ଦୁଝର ମାଟିର ବରପୁତ୍ର ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତି କେନ୍ଦୁଝର ସହରର ମୁଖ୍ୟ ପ୍ରବେଶ ପଥ ନେକେଡ଼ା ଘର ଛକ, ଜାମୁନାଳିଆ ଠାରେ ଉନ୍ମୋଚନ ହେଲା।

ମୁଁ ଆଜି ଏକଥା କହିବାକୁ ଗର୍ବ ବୋଧ କରୁଛି ଯେ, ଏ କେନ୍ଦୁଝରିଆ କଥା ଦେଇ କଥା ରଖିଲା। ଏଇ ବର୍ଷ ମାର୍ଚ୍ଚ ୫ ତାରିଖରେ ମୁଁ ଏଇଠାରେ କଥା ଦେଇଥିଲି ଯେ କେନ୍ଦୁଝର ମାଟିର ବରପୁତ୍ର ଉଚିତ ସମ୍ମାନ ପାଇବେ ଆଉ ତାଙ୍କ ପ୍ରତିମୂର୍ତ୍ତି କେବଳ ରାଜଧାନୀରେ ନୁହେଁ, କେନ୍ଦୁଝର ପ୍ରବେଶ ପଥରେ ମଧ୍ୟ ଶୋଭା ପାଇବ। ଆଉ ତାହାହିଁ ହୋଇଛି ।

ସେ କହିଥିଲେ, ଯେତେବେଳେ ବି ବିପ୍ଳବୀଙ୍କ କଥା ଆଲୋଚନା ହେବ, ଆମ ଜିଲ୍ଲାରେ ଧରଣୀଧର ନାୟକଙ୍କ ନାମ ସର୍ବାଗ୍ରେ ଆସିବ। ଯେଉଁ ଲଢୁଆ ପୁଅର ପରିଚୟ ଦେଇ ସେ ଅତ୍ୟାଚାରୀ ରାଜତନ୍ତ୍ର ବିରୁଦ୍ଧରେ ବିଦ୍ରୋହ କରିଥିଲେ, ସେ ଲଢୁଆ ପୁଅର ଶକ୍ତି ଆଜିବି ଆମ ସମସ୍ତଙ୍କୁ ପ୍ରେରଣା ଦେଇ ଚାଲିଛି। ଏ ମାଟି କେବଳ ଖଣି ଖାଦାନର ମାଟି ନୁହେଁ, ଏ ମାଟି ଲଢେଇ କରିବା ବି ଜାଣିଛି।

କେନ୍ଦୁଝରରେ ନିରୀହ ପ୍ରଜାଙ୍କ ଉପରେ ଯେଉଁ ଅତ୍ୟାଚାର *(ପୃଷ୍ଠା ୭ରେ)*

## ବୀର ବାଲ୍ ଦିବସ କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

# ସାହସୀ ସାହିବଜାଦେମାନେ ବୀରତ୍ୱର ସର୍ବୋଚ୍ଚ ଆଦର୍ଶକୁ ପ୍ରତିପାଦିତ କରନ୍ତି

**ନୂଆଦିଲ୍ଲୀ, ୨୬।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନୂଆଦିଲ୍ଲୀର ଭାରତ ମଣ୍ଡପମରେ 'ବୀର ବାଲ୍ ଦିବସ' ପାଳନ ଉଦ୍ଦେଶ୍ୟରେ ଅନୁଷ୍ଠିତ ଜାତୀୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ସାରା ଦେଶରୁ ଆସିଥିବା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଉପସ୍ଥିତ ପିଲାମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଆଜି ଦେଶ ବୀର ବାଲ୍ ଦିବସ ପାଳନ କରୁଛି। ସେ ବନ୍ଦେ ମାତରମର ସୁନ୍ଦର ଉପସ୍ଥାପନା ଉପରେ ଆଲୋକପାତ କରି ଉଲ୍ଲେଖ କରିଥିଲେ ଯେ ଏଥିରେ କଳାକାରମାନଙ୍କର ନିଷ୍ଠା ଏବଂ ପ୍ରୟାସ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଥିଲା।



ଏହି ଦିନରେ ଦେଶ ଭାରତର ଗର୍ବ ଏବଂ ଅଦମ୍ୟ ସାହସ ଓ ବୀରତ୍ୱର ଶୀର୍ଷ ପ୍ରତିନିଧିତ୍ୱ କରୁଥିବା ସାହସୀ ସାହିବଜାଦେମାନଙ୍କୁ ମନେ ପକାଏ ବୋଲି ଶ୍ରୀ ମୋଦୀ କହିଥିଲେ। ଏହି ସାହିବଜାଦେମାନେ ବୟସ ଏବଂ ପରିସ୍ଥିତିର ସୀମାକୁ ଅତିକ୍ରମ କରି ନିଷ୍ଠୁର ମୋଗଲ ସାମ୍ରାଜ୍ୟ ବିରୁଦ୍ଧରେ ପଥର ପରି ଦଣ୍ଡାୟମାନ ହୋଇଥିଲେ। ସେମାନେ ଧାର୍ମିକ କଟୋରତା ଏବଂ ଆତଙ୍କବାଦର ଅସ୍ତିତ୍ୱକୁ ଦୋହଲାଇ ଦେଇଥିଲେ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ, ଏପରି ଗୌରବମୟ ଅତୀତ ସହିତ ଯେଉଁ ରାଷ୍ଟ୍ରର ଯୁବ ପିଢ଼ି ଏପରି ପ୍ରେରଣାଦାୟକ ଐତିହ୍ୟ ପାଇଛନ୍ତି, ସେମାନେ ଯେକୌଣସି ସଫଳତା ହାସଲ କରିପାରିବେ।

ଶ୍ରୀ ମୋଦୀ କହିଥିଲେ ଯେ, ଯେତେବେଳେ ଡିସେମ୍ବର ୨୬ ତାରିଖଟି ଆସେ, ସେ ନିଶ୍ଚିତ ଭାବରେ ଅନୁଭବ କରନ୍ତି ଯେ ସରକାର ସାହିବଜାଦେଙ୍କ ବୀରତ୍ୱ ଦ୍ୱାରା ଅନୁପ୍ରାଣିତ ହୋଇ ବୀର ବାଲ୍ ଦିବସ ପାଳନ କରିବା ଆରମ୍ଭ କରିଦେଇଛନ୍ତି। ସେ ଆଲୋକପାତ କରିଥିଲେ ଯେ, ଗତ ଚାରି ବର୍ଷ ମଧ୍ୟରେ, ଏହି ନୂତନ ପରମ୍ପରା ଯୁବ ପିଢ଼ିଙ୍କ ନିକଟରେ ସାହିବଜାଦେଙ୍କ ପ୍ରେରଣାକୁ ପହଞ୍ଚାଇଛି ଏବଂ ସାହସୀ ଓ ପ୍ରତିଭାବାନ ଯୁବପିଢ଼ି ଗଠନ ପାଇଁ ଏକ ମଞ୍ଚ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ କହିଥିଲେ, ପ୍ରତିବର୍ଷ ଦେଶ ପାଇଁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରୁଥିବା ପିଲାମାନଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର (ପିଏମଆରବିପି) ରେ ସମ୍ମାନିତ କରାଯାଏ ଏବଂ ଏହି ବର୍ଷ ମଧ୍ୟ ସାରା ଦେଶରୁ ୨୦ ଜଣ ପିଲା ଏହି ପୁରସ୍କାର ପାଇଛନ୍ତି। ସେ ସେମାନଙ୍କ ସହିତ ଆଲୋଚନା ସମ୍ପର୍କରେ ଉଲ୍ଲେଖ କରି କହିଥିଲେ ଯେ, ସେମାନଙ୍କ ମଧ୍ୟରୁ କେତେକ ଅସାଧାରଣ ସାହସ ପ୍ରଦର୍ଶନ କରିଛନ୍ତି, କେତେକ ସମାଜସେବା ଏବଂ ପରିବେଶ ସୁରକ୍ଷା, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ତଥା କ୍ରୀଡ଼ା, କଳା ଏବଂ ସଂସ୍କୃତିରେ ତାଙ୍କର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଏହି ସମ୍ମାନ କେବଳ ସେମାନଙ୍କ ପାଇଁ ନୁହେଁ ବରଂ ସେମାନଙ୍କ ପିତାମାତା, ଶିକ୍ଷକ ଏବଂ ପରାମର୍ଶଦାତାଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସେ ବିଜେତା ଏବଂ ସେମାନଙ୍କ ପରିବାରକୁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ବୀର ବାଲ୍ ଦିବସ ହେଉଛି ଭାବପ୍ରବଣତା *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର


- ଗୁଜରାଟ ବିଧାନସଭା ଉପାଧ୍ୟକ୍ଷଙ୍କ ପଦତ୍ୟାଗ।
- ବିଶ୍ୱବିଦ୍ୟାଳୟ ପରିସରରେ ଶିକ୍ଷକଙ୍କୁ ହତ୍ୟା।
- ସେନା ପାଇଁ ସୋସିଆଲ ମାଧ୍ୟମ ନିୟମରେ ସଂଶୋଧନ।
- ସୁରକ୍ଷା ବାହିନୀ ଅଭିଯାନରେ ମାଓବାଦୀ ନେତା ନିହତ।
- ଗରିବ ଲୋକଙ୍କ ପାଇଁ ସସ୍ତା ଖାଦ୍ୟ ଯୋଜନା ବିସ୍ତାର।
- ସାରା ଦେଶରେ ନୂଆ ରେଳ ଭଡ଼ା କାର୍ଯ୍ୟକାରୀ।
- ପୁରୀରେ ସଡ଼କ ଦୁର୍ଘଟଣା, ଜଣେ ମୃତ ଓ ତିନି ଆହତ।
- ସମ୍ବଲପୁରରେ ଦେଶର ପ୍ରଥମ ଶିକ୍ଷାମୂଳକ ଗବେଷଣା ଗୋଷ୍ଠୀ ଉଦ୍‌ଘାଟିତ।
- କେନ୍ଦୁଝର ଚମ୍ପୁଆ ଅଞ୍ଚଳରେ ହାତୀପଲଙ୍କ ତାଣ୍ଡବ, ଲୋକମାନେ ଭୟଭୀତ।

# ସ୍କୁଲ୍ ପିଲାଙ୍କ ପାଇଁ ଆରମ୍ଭ ହେବ ମାଗଣା ବସ୍ ସେବା

**ଭୁବନେଶ୍ୱର, ୨୬।୧୨**
**ନ୍ୟୁଜ୍ ବ୍ୟୁରୋ**

ସ୍କୁଲ ପିଲାମାନଙ୍କୁ ମାଗଣା ବସ୍ ସେବା ଯୋଗାଇଦେବେ ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ପିଲାଙ୍କୁ ଏହି ସେବା ମିଳିବ। ଏଥିପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି।

ସରକାରଙ୍କ ଅନୁମୋଦନ ପରେ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସ୍କୁଲରେ ଡ୍ରପଆଉଟ(ଅଧାରୁ ପାଠ ଛାଡ଼ିବା) ହ୍ରାସ କରିବା ଲାଗି ସରକାର ଏହି ପଦକ୍ଷେପ ନେଇଛନ୍ତି। ଉଭୟ ଏସି(ଶୀତତାପ ନିୟନ୍ତ୍ରିତ ଏବଂ ଅଣ ଶୀତତାପ ନିୟନ୍ତ୍ରିତ) ବସ୍‌ରେ ସ୍କୁଲ ଛାତ୍ରଛାତ୍ରୀମାନେ ମାଗଣାରେ ସ୍କୁଲକୁ ଯାଆସ କରିପାରିବେ। ବସ୍‌ରେ ଯାତ୍ରା ସମୟରେ ଛାତ୍ରଛାତ୍ରୀମାନେ ସ୍କୁଲ ୟୁନିଫର୍ମ ସହିତ ପରିଚୟପତ୍ର ପାଖରେ ରଖିବା ବାଧ୍ୟତାମୂଳକ କରାଯାଇଛି। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି) *(ପୃଷ୍ଠା ୭ରେ)*




# ୨୦ଜଣଙ୍କୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୨୬।୧୨**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଜାତୀୟ ବୀର ବାଲ୍ ପୁରସ୍କାର ପ୍ରଦାନ କରିଛନ୍ତି। ଦଶମ ଏବଂ ଶେଷ ଶିଖ୍ ଗୁରୁ ଶ୍ରୀ ଗୋବିନ୍ଦ ସିଂହଙ୍କ ଚାରି ପୁତ୍ରଙ୍କ ସହିଦତାକୁ ସମ୍ମାନ ଜଣାଇ ପ୍ରତିବର୍ଷ ଡିସେମ୍ବର ୨୬କୁ ବୀର ବାଲ୍ ଦିବସ ଭାବରେ ପାଳନ କରାଯାଏ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ୨୦୨୨ରେ ଏହି ଦିବସ ପାଳନ କରିବାକୁ ଘୋଷଣା କରିଥିଲେ ।



ଶୁକ୍ରବାର ବୀର ବାଲ୍ ଦିବସ ଅବସରରେ ଦେଶର ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ଚୟନ ହୋଇଥିବା ପ୍ରାୟ ୨୦ ଜଣ ପିଲାଙ୍କୁ ରାଷ୍ଟ୍ରୀୟ ବୀର ବାଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଛଅଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା। ସେଗୁଡିକ ହେଲା ସାହସିକତା, କଳା, ସଂସ୍କୃତି, ବିଜ୍ଞାନ, ପରିବେଶ, ସମାଜସେବା ଏବଂ କ୍ରୀଡା। ୨୦ ଜଣ ପିଲାଙ୍କ ମଧ୍ୟରୁ ଦୁଇଜଣଙ୍କୁ ମରଣୋତ୍ତର ବୀର ବାଲ୍ ପୁରସ୍କାର ମିଳିଛି। ବୀର ବାଲ୍ ପୁରସ୍କାର ପାଇଥିବା ୨୦ ଜଣ ପିଲାଙ୍କ ମଧ୍ୟରେ ୧୪ ବର୍ଷୀୟ କ୍ରିକେଟର *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୦୨ (+୭୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୮୩୫ (+୭୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୫୦୨ (+୫୮)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୫୪ (+୯)

# କାନାଡାରେ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା

**ନୂଆଦିଲ୍ଲୀ, ୨୬।୧୨**

କାନାଡା ଟୋରଣ୍ଟୋ ସ୍କାରବୋରୋ ବିଶ୍ୱବିଦ୍ୟାଳୟରେ ଜଣେ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା କରାଯାଇଛି । ପୀଡ଼ିତ ଜଣଙ୍କ ହେଉଛନ୍ତି ୨୦ବର୍ଷୀୟ ଡକ୍ଟରେଟ୍ ଛାତ୍ର "ଶିବାଙ୍କ ଅବସ୍ଥି" । ପୁଲିସ ଘଟଣାରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ କରୁଛି ।



କାନାଡୀୟ ଗଣମାଧ୍ୟମ ଅନୁସାରେ ଗତ ମଙ୍ଗଳବାର ଏହି ଗୁଳିକାଣ୍ଡ ଘଟିଥିଲା । ବୁଧବାର ଟୋରଣ୍ଟୋ ପୁଲିସ ପୀଡିତ ଶିବାଙ୍କ ଅବସ୍ଥିଙ୍କୁ ଚିହ୍ନଟ କରି ତଦନ୍ତ ଆରମ୍ଭ କରିଛି। କାନାଡୀୟ ପୁଲିସ ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନ ପ୍ରାୟ ୩:୩୦ ସମୟରେ ବିଶ୍ୱବିଦ୍ୟାଳୟ ପରିସର ନିକଟରେ ଜଣେ ଆହତ ବ୍ୟକ୍ତି ତଳେ ପଡ଼ିଥିବାର ସୂଚନା ପାଇଥିଲେ । ପୁଲିସ ଅଧିକାରୀମାନେ ପହଞ୍ଚିବା ପରେ ସେମାନେ ସେହି ଛାତ୍ରଙ୍କ ଦେହରେ ଗୁଳି ବାଜିଥିବା ଦେଖିଥିଲେ । ଘଟଣାସ୍ଥଳରେ ହିଁ ଛାତ୍ରଙ୍କୁ ମୃତ ଘୋଷଣା କରାଯାଇଥିଲା ।

ଟୋରଣ୍ଟୋ ପୁଲିସ କହିଛି ଯେ, ପୁଲିସ ପହଞ୍ଚିବା ପୂର୍ବରୁ ସନ୍ଦିଗ୍ଧ ବ୍ୟକ୍ତି *(ପୃଷ୍ଠା ୭ରେ)*

# ଫୁଲବାଣୀରେ ଆଣ୍ଟି–ନକ୍ସଲ ଅପରେସନର ସମୀକ୍ଷା କଲେ ଏଡିଜି

**ଭୁବନେଶ୍ୱର, ୨୬।୧୨**
**ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲାରେ ଚାଲିଥିବା ନକ୍ସଲବାଦୀ ବିରୋଧୀ ଅପରେସନ ସମ୍ପର୍କରେ ଆଣ୍ଟି ନକ୍ସଲ ଅପରେସନ ଏଡିଜି ସଞ୍ଜୀବ ପଣ୍ଡା ଫୁଲବାଣୀରେ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ସେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତାରେ କନ୍ଧମାଳ ଏନ୍‌କାଉଣ୍ଟରରେ ସାମିଲ୍ ଥିବା ସମସ୍ତ ସୁରକ୍ଷାକର୍ମୀଙ୍କୁ ପ୍ରଶଂସା କରିଛନ୍ତି।



ଏଡିଜି ଶ୍ରୀ ପଣ୍ଡା କହିଛନ୍ତି ଯେ, ଏହି ଅପରେସନ ଏବେବି ଜାରି ରହିଛି ଏବଂ ଅଧିକ ସୁରକ୍ଷା ଦଳକୁ ଏହାରେ ସାମିଲ୍ କରାଯାଇଛି। ଅପରେସନ ସମୟରେ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ, ଆଧୁନିକ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଏନ୍‌କାଉଣ୍ଟରରେ ନିହତ ମାଓନେତା ଗଣେଶ ଉଇକେ ପ୍ରାୟ ୩୯ ବର୍ଷ ଧରି ମାଓ ସଂଗଠନ ସହ ଜଡିତ ଥିଲା। ଗଣେଶ ବିଭିନ୍ନ ରାଜ୍ୟରେ ଘଟିଥିବା ଅନେକ ହିଂସାକାଣ୍ଡରେ ସକ୍ରିୟ ଭୂମିକା ନେଇଥିବା ସହ ଓଡ଼ିଶାରେ ନକ୍ସଲ ଗତିବିଧିର ନେତୃତ୍ୱ ନେଉଥିଲା। ସେ ମାଓ ସଂଗଠନର ଜଣେ ମୁରବୀ ନେତା ଥିବାରୁ ତାଙ୍କ ମୃତ୍ୟୁ ସଂଗଠନ ପାଇଁ ଏକ ବଡ଼ ଝଟକା ବୋଲି ଏଡିଜି କହିଛନ୍ତି।

## ଆଜି ଓଡ଼ିଶା ଆସୁଛନ୍ତି ଇସିଆଇ

**ଭୁବନେଶ୍ୱର, ୨୬।୧୨**
**ନ୍ୟୁଜ୍ ବ୍ୟୁରୋ**

ଶନିବାର ଓଡ଼ିଶା ଆସୁଛନ୍ତି ଭାରତର ନିର୍ବାଚନ ଆୟୁକ୍ତ(ଇସିଆଇ) ଜ୍ଞାନେଶ କୁମାର। ସେ ୩ ଦିନ ପାଇଁ ଓଡ଼ିଶା ଗସ୍ତରେ ଆସିବେ। ଭୁବନେଶ୍ୱରରେ ପହଞ୍ଚିବା ପରେ ସେ ପୁରୀ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହା ପରେ ପୁରୀରୁ ସେ କୋଣାର୍କ ଯିବେ। ଗସ୍ତର ଦ୍ୱିତୀୟ ଦିନ ଅର୍ଥାତ ୨୮ ତାରିଖରେ ସେ ଐତିହ୍ୟ ଗ୍ରାମ ରଘୁରାଜପୁର ଯିବେ। ସେଠାରୁ ଫେରି ଧଉଳି, ଖଣ୍ଡଗିରି, ଉଦୟଗିରି, ମୁକ୍ତେଶ୍ୱର ମନ୍ଦିର ବୁଲିବେ। ଶେଷ ଦିବସ ବା ୨୯ ତାରିଖରେ ସେ ଓୟୁଏଟିରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ସମ୍ବୋଧନ କରିବେ।

## ଏକାଳ ପଖାଳ



ଜଙ୍ଗଲ ବିଭାଗ କେତେ ଖୋଲାମେଲା
ଯାଉଛି ପଦାରେ ପଡି
ବଡ ବାବୁଏ ଖାଇପିଇ ସବୁ
ମାରୁଛନ୍ତି ଖାଲି ଓଡ଼ି
ଏବେ କାହିଁ ଶୁଖେ ନାଡି
ଭିଜିଲାନ୍ସ ଯେବେ ଧରିଦିଏ ସବୁ
କାହିଁକି କାନ୍ଦୁଛ ଗଡି।

# ଭାରତୀୟ ପାସପୋର୍ଟ ୮୫ତମ ସ୍ଥାନକୁ ଖସିଲା




**ନୂଆଦିଲ୍ଲୀ, ୨୬।୧୨**

ନୂଆବର୍ଷ ପୂର୍ବରୁ ଭାରତୀୟ ପାସପୋର୍ଟ ଏକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏବେ ଭାରତୀୟ ପାସପୋର୍ଟ ବିଶ୍ୱ ରାଙ୍କିଂରେ ୮୫ତମ ସ୍ଥାନକୁ ଖସିଯାଇଛି। ପୂର୍ବରୁ ଏହାର ସ୍ଥାନ ୮୦ ଥିଲା। ଭାରତ ସହିତ ଆମେରିକା ମଧ୍ୟ ଏକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ହେନଲି ପାସପୋର୍ଟ ସୂଚକାଙ୍କ ୨୦୨୫ ଏକ ନୂତନ ତାଲିକା ପ୍ରକାଶ କରିଛି। ଏଥିରେ ଆମେରିକୀୟ ପାସପୋର୍ଟ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏବେ ଆମେରିକୀୟ ପାସପୋର୍ଟ ୧୨ତମ ସ୍ଥାନରେ ପହଞ୍ଚିଛି। ପୂର୍ବରୁ ଏହାର ସ୍ଥାନ ୧୦ ଥିଲା।

ବିଶ୍ୱରେ ଭାରତୀୟ ପାସପୋର୍ଟର ସ୍ଥିତି ଦୁର୍ବଳ ହୋଇଛି। ଗତ ବର୍ଷ ଭାରତ ବିଶ୍ୱ ରାଙ୍କିଂରେ ୮୦ତମ ସ୍ଥାନରେ ଥିଲା। ଏହି ବର୍ଷ ଭାରତୀୟ ପାସପୋର୍ଟ ୫ ସ୍ଥାନ ଖସି ୮୫ତମ ସ୍ଥାନରେ ପହଞ୍ଚିଛି। ତଥାପି, ସିଙ୍ଗାପୁର କ୍ରମାଗତ ଭାବରେ ଏହାର ପ୍ରଥମ ସ୍ଥାନ ବଜାୟ ରଖିଛି। ହେନଲି ପାସପୋର୍ଟ ସୂଚକାଙ୍କ ୨୦୨୫ ତାଲିକା ସାରା ବିଶ୍ୱରେ ପାସପୋର୍ଟର ରାଙ୍କିଂ ପ୍ରକାଶ କରିଛି।

ଭାରତୀୟ ପାସପୋର୍ଟର ରାଙ୍କିଂ ହ୍ରାସ ଯୋଗୁଁ ଭାରତୀୟ ନାଗରିକମାନେ ଏବେ ବିଶ୍ୱର କେବଳ ୫୬ ରୁ ୫୯ ଦେଶକୁ ଭିସା ବିନା ଯାତ୍ରା *(ପୃଷ୍ଠା ୭ରେ)*

# ରାଜସ୍ଥାନରେ ହିଂସା : ଇଣ୍ଟରନେଟ୍ ବନ୍ଦ

**ଜୟପୁର, ୨୬।୧୨**

ରାଜସ୍ଥାନର ଜୟପୁର ନିକଟରେ ଏକ ମସ୍‌ଜିଦ ନିକଟରେ ହିଂସା ଦେଖିବାକୁ ମିଳିଛି। ଜବରଦଖଲ ଉଚ୍ଛେଦ ସମୟରେ ପୁଲିସ ଉପରକୁ ପଥର ମାଡ଼ ହୋଇଛି । ଶାନ୍ତି ଫେରାଇବାକୁ ସ୍ଥାନୀୟ ଅଞ୍ଚଳରେ ଇଣ୍ଟରନେଟ ବନ୍ଦ କରାଯାଇଛି ।

ସୂଚନା ଅନୁଯାୟୀ ଜୟପୁର ନିକଟସ୍ଥ ଚୋମୁ ସହର କଲନ୍ଦରୀ ମସଜିଦ ନିକଟରେ ଘଟିଛି ଏହି ଅଘଟଣ। ଘଟଣା ସ୍ଥଳରେ କିଛି ଦିନ ଧରି ଜବରଦଖଲକୁ ନେଇ ବିବାଦ ଚାଲିଥିଲା । ଶୁକ୍ରବାର ସକାଳେ ପୁଲିସ ଜବରଦଖଲ ଉଚ୍ଛେଦ କରି ପଥର ଉଠାଇଥିଲା। ଏହି ସମୟରେ ହଠାତ ଏକ ଭିଡ଼ ଘଟଣାସ୍ଥଳରେ ପହଞ୍ଚି ପୁଲିସ ଉପରକୁ ପଥର ମାଡ଼ କରିଥିଲେ । ଯାହା ଫଳରେ ପୁଲିସ ଅଧିକାରୀମାନେ ଭିଡ଼କୁ ଘଉଡ଼ାଇବା ପାଇଁ ଲୁହ ବୁହା ଗ୍ୟାସ୍ ପ୍ରୟୋଗ କରିଥିଲେ । ଘଟଣା ପରେ ଚୋମୁ ସହରର କିଛି ସ୍ଥାନରେ ସୁରକ୍ଷା କଡ଼ାକଡ଼ି କରାଯାଇଛି ଏବଂ ୨୪ ଘଣ୍ଟା ପାଇଁ ଅଞ୍ଚଳରେ ମୋବାଇଲ୍ ଇଣ୍ଟରନେଟ୍ ଏବଂ ଏସଏମଏସ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି ।

ଘଟଣାରେ ଅଭିଯୁକ୍ତମାନଙ୍କୁ ସେମାନଙ୍କ ଘରୁ ଗିରଫ କରାଯାଇଛି । ଶାନ୍ତି ବଜାୟ ରଖିବା ପାଇଁ ଅଞ୍ଚଳରେ ପର୍ଯ୍ୟାପ୍ତ ପୁଲିସ ବଳ ମୁତୟନ କରାଯାଇଛି । ବର୍ତ୍ତମାନ ପରିସ୍ଥିତି ଶାନ୍ତିପୂର୍ଣ୍ଣ ଏବଂ ନିୟନ୍ତ୍ରଣରେ ରହିଥିବା ସ୍ଥାନୀୟ ପୁଲିସ କହିଛନ୍ତି । ଏହାସହ ଶାନ୍ତ ବଜାୟ ରଖିବା ପାଇଁ ନିବେଦନ *(ପୃଷ୍ଠା ୭ରେ)*





# ମଦ୍ୟପଙ୍କୁ ତାରାତାରିଣୀ ମନ୍ଦିର ମନା : ଏଣିକି ମୋବାଇଲ ସହ ଫଟୋ ଉଠାକୁ ବାରଣ

**ପୁରୁଷୋତ୍ତମପୁର, ନ୍ୟୁଜ୍‌ବ୍ୟୁରୋ**

ବର୍ତ୍ତମାନ ପର୍ଯ୍ୟଟନର ଋତୁ ଚାଲିଥିବା ବେଳେ ଆଉ କିଛି ଦିନ ପରେ ଆସୁଛି ନୂଆବର୍ଷ। ଏହି ଅବସରରେ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ମା'ଙ୍କ ଦର୍ଶନ ନିମନ୍ତେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଲାଗି ରହିବ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଏଥିନେଇ ମନ୍ଦିର ନିର୍ବାହୀଅଧିକାରୀ ତଥା ତହସିଲଦାର ବିନୋଦକୁମାର ବେହେରାଙ୍କ ସଂଯୋଜନାରେ ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତାରାତାରିଣୀ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା ଦାୟିତ୍ୱ ନେବା ପରେ ଏହା ହେଉଛି ପ୍ରଥମ ବୈଠକ। ଏଥିରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ, ଆଇଆଇସି ରାକେଶ କୁମାର ନାୟକ, ଉନ୍ନୟନ ପରିଷଦର ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ସେବାୟତ



ସଂଘ ସଭାପତି ତପନ ରଣା, ବାପୁଲି ରଣାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କବଂ ମନ୍ଦିରର ସେବାୟତମାନେ ଯୋଗ ଦେଇଥିଲେ। ବୈଠକରେ ମନ୍ଦିରର ଉନ୍ନତି ଓ ଭକ୍ତ ମାନଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଅନେକ ନିଷ୍ପତ୍ତି ନିଆଯାଇଛି।

ବିଶେଷକରି ମଦ୍ୟପଙ୍କ ଯୋଗୁ ବହୁସମୟରେ ଅପ୍ରୀତିକର ଘଟଣାମାନ ଘଟୁଥିବାରୁ ଦୃଷ୍ଟିରେ ରଖି କଡ଼ା ପଦକ୍ଷେପ ନିଆଯାଇଛି। ସେ ଭକ୍ତ ହୁଅନ୍ତୁ କି ସେବାୟତ, ଯିଏବି ମଦ୍ୟପାନ କରି ଆସିଲେ ମନ୍ଦିର ମଧ୍ୟକୁ ପ୍ରବେଶ ସହ ଦର୍ଶନ ଉପରେ ସମ୍ପୂର୍ଣ୍ଣ ରୂପେ ରୋକ ଲାଗାଯାଉଛି। ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ଦୀପ ଲଗାଇବାକୁ କରିବାକୁ ବାରଣ କରାଯାଇଛି, ମନ୍ଦିର ପରିସରରେ ସିସି କ୍ୟାମେରା ସୁଚାରୁ ରୂପେ ଚାଲିବା ନେଇ ନିଷ୍ପତ୍ତି ନିଆଯାଇଛି। ସେବାୟତମାନେ ଭକ୍ତଙ୍କୁ ଉତ୍ତମ ବ୍ୟବହାର କରିବା ସହ ଭକ୍ତମାନଙ୍କଠାରୁ ଦର୍ଶନ ଓ ନଡ଼ିଆ ଭାଙ୍ଗିବାରେ ଦକ୍ଷିଣା ସଂଗ୍ରହକୁ ବାରଣ କରାଯାଉଛି। ପିକନିକ ଲାଗି ଆସୁଥିବା ପର୍ଯ୍ୟଟକଙ୍କ ପାନୀୟଜଳର ସୁବିଧାଲାଗି ନିରୁପମା ହୋଟେଲଠାରୁ ପାହାଡ଼ ଉପର ରାସ୍ତା ପର୍ଯ୍ୟନ୍ତ ବିଭିନ୍ନସ୍ଥାନରେ ପାଣିବ୍ୟାପାନ ତୁରନ୍ତ ଲଗାଇବା, ମନ୍ଦିରର ସୁରକ୍ଷା ଦୃଷ୍ଟିରୁ ମନ୍ଦିର ପରିସର ମଧ୍ୟକୁ ମୋବାଇଲ ନେବା ଓ ଫଟୋ ଉଠାଇବାକୁ ବାରଣ କରାଯାଇଛି। ଏହାକୁ ଉଲଙ୍ଘନ କଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମନ୍ଦିର ଗର୍ଭଗୃହରେ ସର୍ବସାଧାରଣଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଛି। ପାହାଡ଼ ଉପରକୁ ଯାଉଥିବା ବସରେ ଛାତ୍ରଛାତ୍ରୀଙ୍କୁ ରିହାତି ଦେବା, ପାହାଡ଼ ଉପର ମନ୍ଦିରକୁ ଯିବାଲାଗି ରହିଥିବା ଜଙ୍ଗଲପୂର୍ଣ୍ଣ ରାସ୍ତାଟି ଅନ୍ଧକାର ରହୁଥିବାରୁ ଆଲୋକିକରଣ କରିବା ଲାଗି ପଦକ୍ଷେପ ନିଆଯିବା ସହ ମନ୍ଦିରର ତଳ ଭାଗରେ ଏକ ସ୍ଥାୟୀ ହେଲିପ୍ୟାଡ ନିର୍ମାଣ କରିବା ଭଳି ଅନେକ ପଦକ୍ଷେପମାନ ପ୍ରଶାସନ ପକ୍ଷରୁ ନିଆଯାଇଛି। ଏଥିରେ ବିଦ୍ୟୁତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବିଶ୍ୱରଞ୍ଜନ ମହାପାତ୍ର, ଅଗ୍ନିଶମ ଅଧିକାରୀ ଆଲୋକ କୁମାର ଦଳାଇ, ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀ ସୁରେଶ କୁମାର ମିଶ୍ରଙ୍କ ସମେତ ବହୁ ଅଧିକାରୀମାନେ ଯୋଗଦେଇଥିଲେ।

## ବର୍ଦ୍ଧିତ ଭତ୍ତାରୁ ଦିବ୍ୟାଙ୍ଗ ଓ ବାର୍ଦ୍ଧକ୍ୟ ହିତାଧିକାରୀ ବଞ୍ଚିତ

# ୮୫%ରୁ ଅଧିକ ଭିନ୍ନକ୍ଷମ, ୮୦ ବର୍ଷରୁ ବୟସ ଅଧିକ ତଥାପି ମିଳୁନି ବର୍ଦ୍ଧିତ ଭତ୍ତା





**ହରଭଙ୍ଗା, ନ୍ୟୁଜ୍‌ବ୍ୟୁରୋ**

୮୫ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ। ୮୦ ବର୍ଷରୁ ବୟସ ଅଧିକ। ତଥାପି ମିଳୁନି ବର୍ଦ୍ଧିତ ଭତ୍ତା। ଏଥିପାଇଁ ଦୌଡ଼ି ଦୌଡ଼ି ହୋଇଗଲେଣି ନୟାନ୍ତ। ହରଭଙ୍ଗା ବ୍ଲକ କୁସଙ୍ଗ ପଞ୍ଚାୟତ କୁମାରୀ ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ହରଭଙ୍ଗା ବ୍ଲକ କୁସଙ୍ଗ ପଞ୍ଚାୟତ କୁମାରୀ ଗ୍ରାମର ଶୈଳେନ୍ଦ୍ରି ଚଣ୍ଡୀ ଜନ୍ମରୁ ଭିନ୍ନକ୍ଷମ। ଗୋଟିଏ ଗୋଡ଼ ସଂପୂର୍ଣ୍ଣ ଅଚଳ ଥିବା ବେଳେ ବାଡ଼ି ଓ ଅନ୍ୟ ସହାୟତାରେ ଜୀବନ ବିତାଉଛି। ୮୫ ପ୍ରତିଶତ ଭିନ୍ନକ୍ଷମ। ବର୍ଦ୍ଧିତ ଭତ୍ତା ପାଇଁ ଅନଲାଇନରେ ପଞ୍ଜିକୃତ ଓ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣିରେ ଅଭିଯୋଗ ପଞ୍ଜିକରଣ କରିଥିଲେ ହେଲେ ଆଜି ପର୍ଯ୍ୟନ୍ତ ବର୍ଦ୍ଧିତ ଭତ୍ତା ମିଳୁନି।

ସେହିପରି କୁମାରୀ ଗ୍ରାମର ଅକ୍ଷୟ ବେହେରା ଓ ଝୁନା ବେହେରାପତି ୮୦ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ସେମାନଙ୍କୁ ବର୍ଦ୍ଧିତ ଭତ୍ତା ମିଳୁନି। ସେହିପରି ତୁଳସୀ ଖଟୁଆ, ଧୁବୁଣି ଖଟୁଆ, ଛକେଲ ବେହେରା ଓ ଅଳଗସାର ଗ୍ରାମର ପାଲ ବେହେରାଙ୍କୁ ୮୦ ବୟସରୁ ଅଧିକ ହୋଇଥିଲେ ମଧ୍ୟ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ରହିଛନ୍ତି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ବର୍ଦ୍ଧିତ ଭତ୍ତା ଦେବାକୁ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

# ଏରସମାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି : ୧୭୮ ମାମଲା ପଞ୍ଜିକୃତ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୧୭୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୬୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୭ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୧୫ଟି, ଆବାସ ଯୋଜନା ସମ୍ପର୍କୀୟ ୧୮ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୪୨ଟି, ପୋଲିସ୍ ସହାୟତା ପାଇବା ପାଇଁ ୪ଟି, ଭତ୍ତା ପାଇବା ପାଇଁ ୬୧ଟି ଏବଂ ଅନ୍ୟାନ୍ୟ ୧୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏରସମା ଦାଶରଥି ଜେନା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ପ୍ରକାଶ ଥାଉ କି, ଡିସେମ୍ବର ୧୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସୁଶାସନ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜନ ଶୁଣାଣୀ ଶିବିର ରେ ସୁଶାସନ ଶିବିର ଆୟୋଜନ କରାଯାଇ ଯୋଗ୍ୟ ହିତାଧୀକାରୀ ମାନଙ୍କୁ ଆବଶ୍ୟକୀୟ ସାଧନ ଯୋଗାଇ ଦିଆଯାଇଥିଲା।

# ଏଫଏମ୍ ବିଶ୍ୱବିଦ୍ୟାଳୟର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ

**ବାଲେଶ୍ୱର, ନ୍ୟୁଜ୍**

ଫକୀର ମୋହନ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦ ଦ୍ୱାରା ସମାଜର ଅବହେଳିତ, ଅସହାୟ ବର୍ଗର ଲୋକମାନଙ୍କ ପ୍ରତି ସହାନୁଭୂତି, ସେବାଭାବନା ସହିତ ଏକ ସେବାମୂଳକ ପଦକ୍ଷେପ ଗ୍ରହଣ କରି ସମାଜ କଲ୍ୟାଣ ଦିଗରେ ନିଜର ଦାୟିତ୍ୱ ନିର୍ବାହ କରିବା ଲକ୍ଷ୍ୟରେ, ଶୀତ ଋତୁରେ ଆବଶ୍ୟକତାରେ ଥିବା ଲୋକମାନଙ୍କୁ ଉଷ୍ମତା ପ୍ରଦାନ କରିବା ନିମନ୍ତେ ଏକ ନିଃଶୁଳ୍କ କମ୍ବଳ ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ମିତ୍ରପୁର ଡାଲସାହି ଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଛାତ୍ର




କଲ୍ୟାଣ ନିର୍ଦ୍ଦେଶକ ଡକ୍ଟର ନିହାର ରଂଜନ ରାଉତ, ଡକ୍ଟର ଦେବଦତ୍ତ ଦାସ, ଡକ୍ଟର ମିନତୀ ମିଶ୍ର, ଡକ୍ଟର ଜଗନ୍ନାଥ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଏହି ସେବାମୂଳକ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଏଥି ଦ୍ୱାରା ବିଶ୍ୱବିଦ୍ୟାଳୟର ସାମାଜିକ ଦାୟିତ୍ୱବୋଧକୁ ଆଉ ଅଧିକ ସୁଦୃଢ଼ କରାଯାଇ ପାରିଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ଏକ କ୍ଷୁଦ୍ର ତଥା ଅର୍ଥପୂର୍ଣ୍ଣ ପ୍ରୟାସ, ଯାହା ମାଧ୍ୟମରେ ଏହି ଶୀତକାଳରେ କଷ୍ଟରେ ଥିବା ଲୋକମାନଙ୍କ ନିକଟକୁ ପ୍ରତିବର୍ଷ ସାହାଯ୍ୟର ହାତ ବଢ଼ାଯାଇଥାଏ। ଏହି ଅବସରରେ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏଥିସହ ସଂସଦର ସଦସ୍ୟମାନେ ଏହି ସେବାମୂଳକ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରି ସମାଜର ସାମଗ୍ରିକ ବିକାଶରେ ସକାରାତ୍ମକ ପ୍ରଭାବ ପକାଇବାର ଆଶାପୋଷଣ କରିଥିଲେ। ଏହି ମହତ କାର୍ଯ୍ୟରେ ସ୍ଥାନୀୟ ସମାଜସେବୀ ପରମାନନ୍ଦ ଦାଶ ଓ ଲକ୍ଷ୍ମୀରାଣୀ ଦାଶ ସକ୍ରିୟ ସହଯୋଗ କରିଥିବା ବେଳେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ବୃନ୍ଦ ଅଂଶଗ୍ରହଣ କରିଥିଲେ।

# ରାଇକଲା ଜଙ୍ଗଲରେ ୧୩ ଟିକିଆ ହାତୀପଲ : ଭୟରେ ଆତଙ୍କିତ ଗ୍ରାମବାସୀ

**ଜି.ଉଦୟଗିରି, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲା ଜି.ଉଦୟଗିରି ରେଞ୍ଜ ଲିଙ୍ଗାଗଡ଼ ବନାଞ୍ଚଳ ଅନ୍ତର୍ଗତ ରାଇକଲା ଜଙ୍ଗଲକୁ ୧୩ ଟିକିଆ ହାତୀପଲ ଆସିଥିବା ଦେଖିବାକୁ ମିଳିଛି। ଜଙ୍ଗଲର ଅତି ନିକଟରେ ଘର କରି ରହୁଥିବା ପରିବାର ଭୟଭୀତ ଅବସ୍ଥାରେ ଅଛନ୍ତି।

ସୂଚନା ଅନୁସାରେ, ସକାଳୁ ଗ୍ରାମବାସୀ ହାତୀପଲ ଦେଖି ଭୟଭୀତ ହୋଇ ବନବିଭାଗକୁ ସୂଚନା ଦେଇଥିଲେ। ଖବରପାଇ ସ୍ଥାନୀୟ ବନଖଣ୍ଡ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକ, ମନୋଜ କୁମାର ମହାପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବିଭାଗ ପକ୍ଷରୁ ହାତୀପଲ ଉପରେ ବନ କର୍ମଚାରୀ ଉପସ୍ଥିତ ରହି ତୀକ୍ଷ୍ଣ ଦୃଷ୍ଟି ରଖିଥିବା ବେଳେ ଘୁମୁସର ଉତ୍ତର ବନଖଣ୍ଡ ଅନ୍ତର୍ଗତ ବାଇବାଲି ଜଙ୍ଗଲରୁ ଆସିଥିବା ନେଇ



ବନ ଅଧିକାରୀ ସୂଚନା ଦେଇଛନ୍ତି। ହାତୀପଲ ସମ୍ମୁଖକୁ ନ ଯିବା ସହ ସେମାନଙ୍କୁ ବିରକ୍ତ ନ କରିବା ପାଇଁ ବନବିଭାଗ ତରଫରୁ ଗ୍ରାମବାସୀଙ୍କୁ ଅନୁରୋଧ କରିବା ସହ ସତର୍କ ରହିବା, ଜଙ୍ଗଲକୁ ଯିବା ପାଇଁ ବାରଣ କରାଯାଇଛି। ବର୍ତ୍ତମାନ ମଧ୍ୟ ହାତୀପଲ ସେହି ଜଙ୍ଗଲରେ ରହିଥିବା ବେଳେ ବନ କର୍ମଚାରୀ ମଧ୍ୟ ହାତୀପଲର ଗତିବିଧି ଉପରେ ନଜର ରଖିଥିବା କହିଛନ୍ତି। ବିଗତ କିଛି ମାସ ପୂର୍ବରୁ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ରୁ ଊର୍ଦ୍ଧ୍ୱ ଗାଈ, ଛେଳିଙ୍କ ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ସାଧାରଣରେ ଭୟର ବାତାବରଣ ରହିଥିବା ବେଳେ ଏବେ ରାଇକଲା ଜଙ୍ଗଲରେ ୧୩ ଟିକିଆ ହାତୀପଲ ଦେଖି ଭୟରେ ଥିବା ଗ୍ରାମବାସୀ ହାତୀମାନଙ୍କୁ ଘଉଡ଼ାଇବା ପାଇଁ ବନବିଭାଗକୁ ନିବେଦନ କରିଛନ୍ତି।

# ବିନିକାରେ ଯୁଗ୍ମ ଅଭିଯୋଗ ଶୁଣାଣି : ୯୭ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର :– ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ସିଂଘିଯୁବା ଗ୍ରାମ କାର୍ଯ୍ୟାଳୟ ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ ନୃପରାଜ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୯୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୮୩ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୪ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୦୧ ଗୋଟି ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣୀ ଶିବିରରେ



ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିନିକା, ଶରତ କୁମାର ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ, ସୋନପୁର, ଡ. ସୋମ୍ୟାରୂପା ରଥଙ୍କ ସମେତ ତହସିଲଦାର, ବିନିକା, ସୁଶ୍ରୀ ରସନା ଭୋଇ, ସରପଞ୍ଚ, ସିଂଘିଯୁବା ଗ୍ରାମ ପଞ୍ଚାୟତ ପଦ୍ମିନୀ ତ୍ରିପାଠୀ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସୁବର୍ଣ୍ଣପୁର ଜିଲ୍ଲାର ସୁଶାସନ ସପ୍ତାହ ୧୯–୨୫ ଡିସେମ୍ବର ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସ୍ତରୀୟ ସୁଶାସନ ସମ୍ପର୍କୀୟ କର୍ମଶାଳା ସିଂଘିଯୁବା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ସୁଶାସନ କର୍ମଶାଳାରେ ସୁବର୍ଣ୍ଣପୁର ଜିଲ୍ଲାରେ ସୁଶାସନ ଉପରେ ଆଲୋଚନା କରାଯାଇଥିଲା।

# ମାହାଙ୍ଗାରେ ୪୨ ଅଭିଯୋଗର ତ୍ୱରିତ ସମାଧାନ କଲେ ଜିଲ୍ଲାପାଳ

**କଟକ, ନ୍ୟୁଜ୍‌ବ୍ୟୁରୋ**

ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମଜିଷ୍ଟ୍ରେଟ, ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୮୯ଟି ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରେ ୧୮୨ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୭ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୪୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଶୁଣାଣି ଅବସରରେ ରେଡକ୍ରସ ପାଣ୍ଠିରୁ ସହାୟତା ଗୋଟିଏ ନିମନ୍ତେ ଆବେଦନ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ, ଗ୍ରାମାଞ୍ଚଳ ପ୍ରଦୀପ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଆସନ୍ତା ସୋମବାର ତା୨୯. ୧୨. ୨୦୨୫ ରିଖରେ ସାଲେପୁର ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ମା' ଓ ମାତୃଭାଷାକୁ ସମ୍ମାନ ଦେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। କଠିନ ପରିଶ୍ରମ କରି ସଫଳତା ଲାଭକରି ସମାଜର ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବା ଏବଂ ମୋବାଇଲ ଠାରୁ ନିଜକୁ ଦୂରେଇ ରଖି ପୁସ୍ତକ ପଢିବା ଉପରେ ଗୁରୁତ୍ୱ ଦେଇଥିଲେ। ଚଳିତ ବର୍ଷ ସମସ୍ତ କ୍ଷେତ୍ରରେ ସଫଳତା ଲାଭ କରିଥିବା ଶ୍ରେଷ୍ଠ ଛାତ୍ର ଭାବେ ୮ମ ଶ୍ରେଣୀର ପ୍ରତୀକ ସାହୁଙ୍କୁ ଶିରିଶ ଚନ୍ଦ୍ର ମହାପାତ୍ର ସ୍ମାରକୀ ଟ୍ରଫି ମୁଖ୍ୟ ଅତିଥି ଡଃ ପରିଡ଼ାଙ୍କ ହାତରେ ପ୍ରଦାନ କରାଯାଇଥିଲା ଓ ତତସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କଳ୍ପନା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରବୋଧ କୁମାର ମହାପାତ୍ର ଓ ଅଧ୍ୟକ୍ଷା କବିତାରାଣୀ ସି ବିଦ୍ୟାଳୟର ସଫଳତା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ କଲ୍ୟାଣ କୁମାର ସିନ୍‌ହା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନକୁ ବିରୋଧ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଗାନ୍ଧୀ ଛକ (ମାହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ) ଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମାହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ନାମକରଣ ବଦଳଇବା, ଯୋଜନାର ରୂପରେଖା ବିକୃତ କରିବା ବିରୋଧରେ, ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ, ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂହଙ୍କ ନେତୃତ୍ୱରେ, ବରିଷ୍ଠ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଏକ ସୋଭା ଯାତ୍ରାରେ ଯାଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ସନ୍ତୋଷ ସିଂହ ସାଲୁଜ, ଯୁଗଳ ପ୍ରସାଦ ସିଂହ, ସରୋଜ କୁମାର ଷଡଙ୍ଗୀ, କିଶୋର ଦଫାଦାର, ବ୍ରହ୍ମାନନ୍ଦ ମହାକୁଡ଼, ଆନନ୍ତ ଶୟନ ପାଢ଼ୀ, ପ୍ରତାପ ଚନ୍ଦ୍ର ନାୟକ, ମୋତୀଲାଲ ଦାଶ, ପଞ୍ଚାନନ ମିଶ୍ର, ଯୁଗେଶ ପ୍ରଧାନ, ଆନନ୍ଦ ପ୍ରଧାନ, ସତ୍‌ଯନାରାୟଣ ଦେବତା, ଗଜରାଜ ସିଂ ପୁଛା, ସନ୍ତୋଷ ଶତପଥୀ,ରମେଶ ଚନ୍ଦ୍ର ପଣ୍ଡା,ସୁଭେନ୍ଦୁ ସାହୁ, ପାଣ୍ଡବ କର୍ଣ୍ଣ, ସୁଶିଲ କୁମାର ଭୋଇ, ଗୌରବ ଆଜାଦ ପତି, ସୁଶାନ୍ତ କୁମାର ସାହୁ, ବିମଳ ଶିକ୍କା, ଜତୀରଞ୍ଜନ ପୁଝାରୀ, ଲାଲ ଦୀପ, ଅଜୟ କୁମାର ଦେହେରୀ, ମଗଶିର ନନ୍ଦ, କୈଳାସ ସାହୁ, ବାବୁଲି କୁମ୍ଭାର, ରଥି କୁମ୍ଭାର, ମାଧ ସାହୁ, ଭବାନୀ ଶଙ୍କର ପାଢ଼ୀ, ଜଗନ୍ନାଥ ପ୍ରଧାନ, କାର୍ତ୍ତିକ ସୁନା, କ୍ଷୀରସିନ୍ଧୁ ଡଙ୍ଗା, ଦଶରଥ ମେହେର, ସୁନିତା ବାଗ, ଫଗନୁ ମହାନନ୍ଦ, ଦିନବନ୍ଧୁ ମେହେର, ସନ୍ତୋଷ ସାହୁ, ଦୟାସାଗର ମେଣ୍ଡେଲୀ, ସୁଧା ସାହୁ, ଚିନ୍ତାମଣି ସାହୁ, ରାହୁଲ ସାହୁ, ଆନନ୍ଦ ପ୍ରଧାନ, ସୁନୀଲ ଗଡ଼ତ୍ରିଆ, ଦମୟନ୍ତୀ ମହାନନ୍ଦ, ଶୋଭାରାଣୀ ବିଭାର, ଦେବକୀ ବିଭାର, ପାର୍ବତୀ ଜଗଦଲା, ସୁଜାତା ବିଭାର, ମାଳତୀ ଭେଣ୍ଡ୍ରା, ଡିଲେଶ୍ୱରୀ କୁମ୍ଭାର, ସୁଧେଶ୍ୱରୀ ସାହୁ, ଗୁଣନିଧି ମିଶ୍ର, ସୁନିଲ ଦାଶ, ଚକା ମେହେର, ଶମ୍ଭୁ ଦାଶ, ପ୍ରତାପ ନାଗ, ତୁଳସୀ ବେହେରା, ଶାନ୍ତି ସେଠ୍ ଓ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# 'ମନରେଗା'ର ନାମକରଣ ବଦଳିବା ପ୍ରତିବାଦରେ କଂଗ୍ରେସର ଧାରଣା ଓ ବିକ୍ଷୋଭ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନାର ନାମକରଣ ବଦଳାଇବା, ଯୋଜନାର ରୂପରେଖ ବିକୃତି କରିବା ବିରୋଧରେ ବସଷ୍ଟାଣ୍ଡ ସମ୍ମୁଖରେ ଶତାଧିକ କଂଗ୍ରେସ କର୍ମୀ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। କେନ୍ଦ୍ର ବିଜେପି ସରକାର ବିରୁଦ୍ଧରେ ଓପିସିସି ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱ ରେ, ଓପିସିସି ଉପ ସଭାପତି ଡ. ଲଲାଟେନ୍ଦୁ ମହାପାତ୍ର ଓ ଓପିସିସି ସାଧାରଣ ସମ୍ପାଦକ ତଥା ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ୟାସିର ନଓ୍ୱାଜଙ୍କ ଉପସ୍ଥିତିରେ ଜଗତସିଂହପୁର ସ୍ଥିତ ବସଷ୍ଟାଣ୍ଡ ସମ୍ମୁଖରେ ଶତାଧିକ କଂଗ୍ରେସ କର୍ମୀ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଜେପି ସରକାର ଜାତିର ପିତାଙ୍କ ନାମରେ ନାମିତ ଯୋଜନାରେ ତାଙ୍କ ନାମକୁ ହଟାଇଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବିଷୟ ଏବଂ ଏକ ଆପତ୍ତିଜନକ ଭୟଙ୍କର ଆର୍ଦ୍ଦଶଗତ



ନିଷ୍ପତ୍ତି। ଏହି ନାମ ପରିବର୍ତ୍ତନ ଗାନ୍ଧୀମୂଲ୍ୟ ପ୍ରତି ଅସ୍ୱୀକୃତିକୁ ପ୍ରତିବିମ୍ବିତ କରୁଛି ତତ୍‌ସହିତ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ରୂପରେଖକୁ ବଦଳାଇ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ୬୦ : ୪୦ ଭାବେ ଅନୁଦାନକୁ ଭାଗ ଭାଗ କରାଯାଇଛି। ତୃତୀୟରେ ଶ୍ରମିକର ଦାବି ମୁତାବକ କାମ ଆଉ ମିଳିପାରିବ ନାହିଁ କାରଣ କେନ୍ଦ୍ର ତା' ପାଖରେ କ୍ଷମତା ରଖିଛି ନିଷ୍ପତ୍ତି ନେବାକୁ କେଉଁ ଅଞ୍ଚଳରେ କାମ ହେବ ଆଉ ସେହି ଅଞ୍ଚଳର ଶ୍ରମିକ ହିଁ ଯୋଜନାର ଉପକାର ପାଇ ପାରିବେ ଏହାକୁ ଜାତୀୟ କଂଗ୍ରେସ ଦଳ ଘୋର ବିରୋଧ କରୁଛି ବୋଲି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ନାୟକ ମତବ୍ୟକ୍ତ କରିଛନ୍ତି। ଧାରଣା ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରଶାନ୍ତ ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ପ୍ରିୟବ୍ରତ ମିଶ୍ର, ଆର୍ତ୍ତତ୍ରାଣ ପଣ୍ଡା, ନିହାର ରଞ୍ଜନ ଦାସ, ଧନଞ୍ଜୟ ସୂତାର, ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ଡ. ଜଗଦାନନ୍ଦ, ଦିଲ୍ଲିପ ଗୁପ୍ତା, ସୁବ୍ରତ ରାୟ, ପ୍ରିତମ ପରିଜା, ବୃନ୍ଦାବନ ପ୍ରଧାନ, ସେକ୍ ହିଦାୟତ ଅଲ୍ଲୀ, ଦେବ ପ୍ରସାଦ ମହାପାତ୍ର , ସତ୍‌ୟବ୍ରତ ଦାସ, ଦିଲ୍ଲୀପ କୁମାର ମାହାର, ରାକେଶ ମହାନ୍ତି, ଲକ୍ଷ୍ମୀଧର ମଲ୍ଲିକ, ଶୁଭ ନାରାୟଣ ନାୟକ, ମହମ୍ମଦ ଅବଦୁଲ ୱାହିଦ, ବିଶ୍ୱଜିତ ସେଠୀ, ସେକ୍ ଅବୁ ସୋଫିୟାନ, କିଶୋର ପଟ୍ଟନାୟକ, ଅନନ୍ତ ପୃଷ୍ଟି, ଅଜୟ ମଲ୍ଲିକ, ପଦମନ ସେଠୀ, ସୁରଜକାନ୍ତ ଦାସ, ସତ୍ୟଜିତ ମହାନ୍ତି, ସୌଭାଗ୍ୟ ସାହୁ, ଅମ୍ରିତ ପଶାୟତ, ପବିତ୍ର ମୋହନ ଦାସ, ଦେବ ପ୍ରସାଦ ମହାପାତ୍ର, ରାଜେନ୍ଦ୍ର ସ୍ୱାଇଁ, ନାରାୟଣ ନାୟକ, ପ୍ରଦୀପ୍ତ ଦାସ, ଲକ୍ଷ୍ମୀଧର ନାୟକ, ପ୍ରଶାନ୍ତ ଲେଙ୍କା, ଧ୍ରୁବ ଚରଣ ପରିଡ଼ା, ଜ୍ଞାନେନ୍ଦ୍ର ସ୍ୱାଇଁ, ଦେବ ଜ୍ୟୋତି ମହାନ୍ତି, ପ୍ରକାଶ ସ୍ୱାଇଁ, ସ୍ୱାଧୀନ ମହାପାତ୍ର, ବିଜୟ ପୃଷ୍ଟି, ଶୁଭାଶିଷ ସ୍ୱାଇଁ, ବିଭୁ ରଞ୍ଜନ ସ୍ୱାଇଁ, ରାକେଶ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର, ରାହୁଲ ମଲ୍ଲିକ, ଦିଗବିଜୟ ମହାନ୍ତିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୭ ଡିସେମ୍ବର ୨୦୨୫ ଶନିବାର





# ଧୂଷୁରୀ ବଜାରରେ ପ୍ରଶାସନର ଜବରଦଖଲ ଉଚ୍ଛେଦ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ବଜାରରେ ଜବରଦଖଲ ଉଚ୍ଛେଦକୁ ନେଇ ଏକ ନାଟକୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବୁଧବାର ଦିନ ପ୍ରଶାସନ ପକ୍ଷରୁ କରାଯାଇଥିବା ଏହି କାର୍ଯ୍ୟାନୁଷ୍ଠାନ ଏବେ ବିବାଦ ଘେରକୁ ଆସିଛି। ଅଭିଯୋଗ ହୋଇଛି ଯେ, ବଜାରର ଶତାଧିକ ବେଆଇନ୍ ଦୋକାନ ଘରକୁ ଛାଡ଼ି ପ୍ରଶାସନ କେବଳ ଏକ ନିର୍ଦ୍ଦିଷ୍ଟ ପ୍ଲଟ୍‌କୁ ଟାର୍ଗେଟ୍ କରି ଭାଙ୍ଗିଛି। ସୂଚନା ଥାଉ କି ଧୂଷୁରୀ ବଜାରରେ ପ୍ରାୟ ୧୫୦ରୁ ଅଧିକ ଦୋକାନ ଘର ସରକାରୀ ଜାଗା ଏବଂ ଅନାବାଦୀ ଜମିରେ ରହିଛି। ଦୀର୍ଘ ଦିନ ହେବ ଏହାକୁ ନେଇ କୌଣସି ପଦକ୍ଷେପ ନିଆଯାଉନଥିବା ବେଳେ, ବୁଧବାର ଧାମନଗର ତହସିଲଦାରଙ୍କ ଉପସ୍ଥିତିରେ ଏବଂ ପୋଲିସ ଫୋର୍ସ ସହାୟତାରେ ଏକ ନିର୍ଦ୍ଦିଷ୍ଟ ମିଠା ଦୋକାନ ଉପରେ ବୁଲ୍‌ଡୋଜର ଚାଲିଥିଲା। ଅଇଁଠି ସାହୁ ମିଠା ଦୋକାନ ମାଲିକ ବାବୁଲାଲ ସାହୁ ଅଭିଯୋଗ କରିଛନ୍ତି। ଉଚ୍ଛେଦର ଶିକାର ହୋଇଥିବା ଅଇଁଠି ସାହୁ ମିଠା ଦୋକାନର ମାଲିକ ବାବୁଲା ସାହୁ ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନ ପ୍ଲଟ୍ ନମ୍ବର ୨୨୧୧ ଭାଙ୍ଗିବା କଥା, କିନ୍ତୁ ଜାଣିଶୁଣି ପ୍ଲଟ୍ ନମ୍ବର ୨୨୧୦ (ଖାତା ନଂ ୮୧୧)କୁ ଭଙ୍ଗା ଯାଇଛି। ପାରିବାରିକ କଳହର ଭାଇ-ଭାଇଙ୍କ ମଧ୍ୟରେ ଥିବା ବିବାଦ ଯୋଗୁ ମାମଲା ହାଇକୋର୍ଟକୁ ଯାଇଥିଲା। ଏହି ଆଳରେ ପ୍ରଶାସନକୁ ହାତ କରି ଏଭଳି ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି। ବଜାରରେ ଅନ୍ୟ ସମସ୍ତ ଜବରଦଖଲକାରୀ ଅଛନ୍ତି, ମାତ୍ର ସେମାନଙ୍କୁ କିଛି ନକହି କେବଳ ତାଙ୍କୁ ହିଁ ଉଚ୍ଛେଦ କରାଯାଇଛି। ବହୁ ସଂଖ୍ୟକ ପୋଲିସ ଓ ତହସିଲଦାରଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନର ଏହି 'ନାଟକୀୟ' ଉଚ୍ଛେଦକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠୁଛି କାହା ଚାପରେ ପ୍ରଶାସନ କେବଳ ଗୋଟିଏ ପ୍ଲଟ୍‌କୁ ଟାର୍ଗେଟ୍ କଲା। ସରକାରୀ ଜାଗା ଜବରଦଖଲ ମୁକ୍ତ ହେବା ସ୍ୱାଗତଯୋଗ୍ୟ, କିନ୍ତୁ ଏହା ସମସ୍ତଙ୍କ ପାଇଁ ସମାନ ହେବା ଉଚିତ୍ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏ ଦିଗରେ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀ କହିଛନ୍ତି ଯେ ତାଙ୍କର ଭାଇ ଭାଇ ମଧ୍ୟରେ କଳି ଲାଗି ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଧୂଷୁରି ବଜାରରେ ଜବରଦଖଲ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଶ୍ରୀ ସେଠୀ କହିଛନ୍ତି।

# ଅଟଳଜୀ ରାଜନୀତିଜ୍ଞ, କବି, ସାହିତ୍ୟିକ ଓ ସାମ୍ବାଦିକଭାବେ ବେଶ୍ ପରିଚିତ ଥିଲେ

**କଟକ, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ ତଥା ଜିଲ୍ଲାସ୍ତରୀୟ ସୁଶାସନ ଦିବସ-୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୯ ଘଟିକା ସମୟରେ ବେଲଭିୟୁ ଛକ ସ୍ଥିତ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସାଂସଦ ଭର୍ତ୍ତୃହରି ମହତାବ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ନୂତନ ସମ୍ମିଳନୀ କକ୍ଷ ଠାରେ ସୁଶାସନ ଦିବସ ଉପଲକ୍ଷେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋତା ଯୋଗଦେଇ ବିଶିଷ୍ଟ ଜନନାୟକ, ରାଷ୍ଟ୍ରନେତା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ନିଆରା ଥିଲା ବୋଲି କହିଥିଲେ। ରାଷ୍ଟ୍ର ଗଠନରେ ତାଙ୍କ ଚିନ୍ତାଧାରା ଓ ଆଦର୍ଶରେ ଦେଶବାସୀ ଅନୁପ୍ରାଣିତ ହୋଇ ଦେଶ ହିତରେ କାର୍ଯ୍ୟ କରୁଥିବାର ପରିଲକ୍ଷିତ ହୋଇଛି। ଶାସନ ବ୍ୟବସ୍ଥାରେ ସୁଧାର ଆଣିବା ସହ ରାଜନୈତିକ କ୍ଷେତ୍ରରେ ସମସ୍ତଙ୍କ ସହ ସୁସମ୍ପର୍କ ତାଙ୍କୁ ଜଣେ ଆଦର୍ଶବାଦୀ ରାଷ୍ଟ୍ରନୀତିଜ୍ଞ ଭାବେ ପ୍ରତିଷ୍ଠିତ କରିପାରିଥିଲା। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ସୁଶାସନ ବ୍ୟବସ୍ଥାରେ ସାମିଲ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଅନ୍ୟର ଅସୁବିଧାକୁ ନିଜର ଅସୁବିଧା ଭାବେ ବିବେଚନା କରି ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ବାଜପେୟୀଙ୍କ ଆଦର୍ଶବାଦୀ ଆଚରଣ ଏବଂ ଶାସନ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରି କହିଲେ ଯେ, ତାଙ୍କ ଭଳି ଜଣେ ରାଜନୀତିଜ୍ଞ ଯେ କି ଦଳମତ ନିର୍ବିଶେଷ ଉର୍ଦ୍ଧ୍ୱରେ ରହି ଦେଶର ହିତ ପାଇଁ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତାହା ଅବିସ୍ମରଣୀୟ। ଏକାଧାରରେ ଜଣେ ରାଜନୀତିଜ୍ଞ, କୂଟନୀତିଜ୍ଞ, ସାହିତ୍ୟିକ, କବି ଏବଂ ସାମ୍ବାଦିକ ଭାବରେ ବେଶ୍ ପରିଚିତ ବୋଲି ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଜପେୟୀଙ୍କ ଜୀବନୀକୁ ଆଧାରକରି ସହରର ବିଶିଷ୍ଟ ସାହିତ୍ୟିକ ଓ କବିମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। ଏଥିରେ ୧୧ ଜଣ କବି ଓ କବୟିତ୍ରୀ ଯୋଗ ଦେଇଥିଲେ। କବି ପ୍ରତିଭାଙ୍କୁ ଉପଢୌକନ ଏବଂ ସମ୍ମାନପତ୍ର ପ୍ରଦାନ ପୂର୍ବକ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଶିଶୁ ସୁରକ୍ଷା, ସାମାଜିକ ଓ ଭିନ୍ନକ୍ଷମ, ଶ୍ରମ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସହାୟତା ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ ଏବଂ ଆଠଗଡ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାଶ୍ୱତୀ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ସଫଳ ଆୟୋଜନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରୀତିରଞ୍ଜନ ଘଡେଇ, ସହକାରୀ କୃଷି ନିର୍ଦ୍ଦେଶକ ଅସୀମ ମିଶ୍ରଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ବୈଠକରେ ଉପସ୍ଥିତ ଥିଲେ ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଏଥିରେ ଯୋଗଦେଇଥିଲେ।

# ଜନତାଙ୍କ ସେବକ ଭାବେ ସରକାରୀ କର୍ମଚାରୀ ଦାୟିତ୍ୱ ସମ୍ପାଦନ କରନ୍ତୁ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଟାଉନ୍ ହଲ୍ ପରିସରରେ ଜିଲ୍ଲାସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ୨୦୧୪ ମସିହାରୁ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନକୁ ସୁଶାସନ ଦିବସ ଭାବେ ସମଗ୍ର ଦେଶରେ ପାଳନ କରାଯାଉଛି। ଏହି ଦିନଟି ସୁଶାସନ, ପାରଦର୍ଶିତା, ଲୋକମୁଖୀ ପ୍ରଶାସନ ଓ ଲୋକସେବାର ମୂଲ୍ୟବୋଧକୁ ସ୍ମରଣ କରାଇବାର ଏକ ଗୁରୁତ୍ୱପୂର୍ଣ୍ଣ ଅବସର ଭାବେ ଗଣ୍ୟ। ଚଳିତବର୍ଷ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀ ଅବସରରେ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦିବସକୁ ସ୍ମରଣୀୟ କରିବା ନିମିତ୍ତେ କବିତା ପଠନ କାର୍ଯ୍ୟକ୍ରମ ସହ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଯୋଗଦେଇ ସୁଶାସନର ଗୁରୁତ୍ୱ, ପ୍ରଶାସନର ଦାୟିତ୍ୱ ଓ ସାଧାରଣ ଜନତାଙ୍କ ପ୍ରତି ସରକାରୀ ସେବାର ପ୍ରଭାବ ବିଷୟରେ ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ ଓ ବିଶିଷ୍ଟ ଶିକ୍ଷାବିତ୍ ଡ. ଯସବର୍ଦ୍ଧନ ସିଂହ ସୈନି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଏକ ମୁଖ୍ୟ ଆକର୍ଷଣ ଥିଲା କବିତା ପଠନ ସମ୍ମିଳନୀ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସର୍ବମୋଟ ୧୦ ଜଣ କବି ଏହି ସମ୍ମିଳନୀରେ ଯୋଗଦେଇ ଓଡ଼ିଆ ସହିତ ଅନ୍ୟାନ୍ୟ ଭାଷାରେ ସୁଶାସନ, ଦେଶପ୍ରେମ, ନୀତିମୂଲ୍ୟ ଓ ମାନବିକତା ଭିତ୍ତିକ କବିତା ପାଠ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କବିଙ୍କୁ ସମ୍ମାନ ପତ୍ର ସହ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ଓ ସାର୍ଥକ କରିଥିଲେ।



# ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ ପଞ୍ଚାୟତିରାଜ ମନ୍ତ୍ରୀ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଗତ ୨୧ତାରିଖରେ ସୁନ୍ଦରଗଡ଼ ଠାରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାଏକ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସିବା ସହିତ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଉପ–ବାଚସ୍ପତି, ଓଡ଼ିଶା ବିଧାନ ସଭା, ଭବାନୀ ଶଙ୍କର ଭୋଇ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ପୂର୍ବତନ ବିଧାୟିକା କୁସୁମ ଟେଟେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ କରମଡିହି ସ୍ଥିତ ସ୍କିଲ୍ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିବା ସହିତ ପ୍ରଶିକ୍ଷକ, ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି କରମଡିହି ସ୍ଥିତ ଗ୍ରାମୀଣ ଶିଳ୍ପ ପାର୍କ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସିଲାଇ ଓ ପ୍ୟାକେଜିଂ ୟୁନିଟ୍‌ର କାର୍ଯ୍ୟ ନିରୀକ୍ଷଣ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ସେଥିସହିତ ମହୁଆ ପ୍ୟାକେଜିଂ କାର୍ଯ୍ୟକଳାପକୁ ମଧ୍ୟ ସମୀକ୍ଷା କରି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ନିଜର ବିକାଶ ପାଇଁ ସତ୍ୟନିଷ୍ଠା ଓ ପରିଶ୍ରମ ସହ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ। ଏହି ଗସ୍ତ ସମୟରେ ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ କେଶବ ଝା, ଓଡ଼ିଆ ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ସାମୁଏଲ ଟୋପ୍ପୋ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ////////// ବାପ ଛେଉଣ୍ଡ ଝିଅକୁ ଦୁଷ୍କର୍ମ //////////

# ଲୋକ ଲଜ୍ଜା ଭୟରେ ବିଷ ପିଇଲେ ପୀଡ଼ିତା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଚାନ୍ଦବାଲି ନାବାଳିକା ଦୁଷ୍କର୍ମର କଥା ଲୋକଙ୍କ ମନରୁ ଲିଭିନଥିବା ବେଳେ ଧାମରା ଅଞ୍ଚଳରେ ପୁନଶ୍ଚ ଏକ ବାପ ଛେଉଣ୍ଡ ଝିଅକୁ ଏକ ସାବାଳକ ଧର୍ଷଣ କରିଥିବା ନେଇ ଧାମରା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ ଧର୍ଷିତାଙ୍କ ହାତଲେଖା ଚିଠି ଏବଂ ପୀଡ଼ିତାଙ୍କ ମା'ଙ୍କ ଲିଖିତ ଅଭିଯୋଗ ମୂଳେ ସଂପୃକ୍ତ ସାବାଳକକୁ ଉଠାଇ ନେଇଛନ୍ତି। ପ୍ରାପ୍ତ ଖବର ଅନୁଯାଇ ଧାମରା ପଞ୍ଚାୟତ ନରସିଂହପୁର ଗ୍ରାମର ଜଣେ ବାପ ଛେଉଣ୍ଡ ଝିଅ ସନ୍ଧ୍ୟା ସମୟରେ ରୋଷେଇ କରୁଥିବା ସମୟରେ ସେହି ଗ୍ରାମର ଜ୍ଞାନରଞ୍ଜନ ପତି ସେଠାକୁ ଯାଇ ଝିଅର ଓଢଣୀକୁ ଝିଅ ପାଟିରେ ପୂରାଇ ଦେବାପରେ ସଂପୃକ୍ତ ପୀଡ଼ିତା ପିନ୍ଧିଥିବା ଡ୍ରେସ୍‌କୁ ଖୋଲି ସେହି ରୋଷେଇ ଘରେ ଧର୍ଷଣ କରିଥିଲା। ଏହି କଥା ଲୋକ ଲୋଚନକୁ ଆସିବା ପୂର୍ବରୁ ସଂପୃକ୍ତ ପୀଡ଼ିତା ନିଜେ ଏକ କାଗଜରେ ଏହି ଘଟଣାକୁ ଆମୁଳଚୂଳ ଭାବେ ଲେଖିବା ପରେ ଦୁଦୁରା ମଞ୍ଜିକୁ ଖାଇ ଅସୁସ୍ଥ ହୋଇପଡିଥିଲା। ଅବସ୍ଥା ଗୁରୁତ୍ୱର ହେବାରୁ ସଂପୃକ୍ତ ପୀଡ଼ିତାଙ୍କୁ ପ୍ରଥମେ ଧାମରା ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭଦ୍ରକ ଏବଂ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ସଂପୃକ୍ତ ପୀଡ଼ିତାଙ୍କ ବିଧବା ମା' ନିଜର ଝିଅ ଲେଖି ଦେଇ ଯାଇଥିବା ହାତଲେଖା ଚିଠି ଏବଂ ଲିଖିତ ଅଭିଯୋଗ ନେଇ ଧାମରା ଥାନାରେ ପହଞ୍ଚି ନ୍ୟାୟ ମାଗିଥିଲେ। ପରେ ଏହି ଘଟଣାର ଗୁରୁତ୍ୱକୁ ବିଚାରକୁ ନେଇ ଧାମରା ଥାନାଧିକାରୀ ସଂପୃକ୍ତ ଦୁଷ୍କର୍ମକାରୀକୁ ଥାନାକୁ ନେଇ ଆସିଥିଲେ। ଏଥିସହ ସଂପୃକ୍ତ ପୀଡ଼ିତା ନିଜ ହାତ ଲେଖା ଚିଠିରେ ଉଲ୍ଲେଖ କରିଛନ୍ତି ଏହି ଘଟଣା ବାହାରେ ପ୍ରକାଶ କଲେ ତୋର ଅନ୍ୟ ଭଉଣୀ ମାନଙ୍କ ସହ ଏପରି କରାଯିବ ତେଣୁ ଏହି କଥା ବାହାର ପ୍ରକାଶ କରିବୁନାହିଁ ବୋଲି ଧମକ ମଧ୍ୟ ଦେଇଛି। ତୁରନ୍ତ ଏହି ଘଟଣାରେ ଦୋଷୀକୁ ଉପଯୁକ୍ତ ଦଣ୍ଡ ବିଧାନ କରିବା ସହ ବାପ ଛେଉଣ୍ଡ କନ୍ୟାକୁ ନ୍ୟାୟ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି ମଧ୍ୟ ଜଣାଇଛନ୍ତି। ଏନେଇ ଧାମରା ଥାନାଧିକାରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଘଟଣାର ସତ୍ୟତା ଅଛି ଏହି ଘଟଣା ଗତ ୧୭ ତାରିଖରେ ଘଟିଥିବା ବେଳେ ଲୋକ ଲଜ୍ଜା ଭୟରେ ସଂପୃକ୍ତ ପୀଡ଼ିତା ଏହି ଘଟଣାକୁ ବାହାରେ ପ୍ରକାଶ କରିପାରିନଥିବା ବେଳେ ଶେଷରେ ୨୦ ତାରିଖ ଦିନ ବିଷ ପିଇଥିଲା ଏବଂ ଅସୁସ୍ଥ ହୋଇ କଟକ ବେସରକାରୀ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଛନ୍ତି। ଏନେଇ ଧାମରା ଥାନାରେ ଏକ କେସ୍ ରୁଜୁ କରାଯାଇ ତଦନ୍ତ ଚାଲିଛି ଏବଂ ସଂପୃକ୍ତ ପୀଡ଼ିତା ଏବଂ ତାଙ୍କ ମା'ଙ୍କ ବୟାନ ଏବଂ ଲିଖିତ ଅଭିଯୋଗ ଅନୁଯାଇ ଏହି କେସ୍‌ର ଆସାମୀ ଜ୍ଞାନରଞ୍ଜନ ପତିକୁ ଗିରଫ ମଧ୍ୟ କରାଯାଇଛି।

# ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ସକ୍ରୀୟ ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ବାର୍ଷିକ ଜିଲ୍ଲା ଅପାତକାଳୀନ ବୈଠକ (DCG), ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, କାରଖାନା ଓ ବାଷ୍ପିତ୍ର ବିଭାଗ ମିଳିତ ଆନୁକୂଲ୍ୟରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ମୁକାବିଲା ନିମନ୍ତେ ଆଲୋଚନା କରାଯାଇଥିଲା ଓ ବୈଠକରେ ଜିଲ୍ଲାପାଳ, ରାସାୟନିକ କାରଖାନା ଗୁଡିକରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ସହିତ ଆପଦକାଳୀନ ସମୟରେ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ବିଭାଗ, ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଓ କାରଖାନା ପ୍ରବନ୍ଧନ ମଧ୍ୟରେ ସମନ୍ୱୟର ଅତ୍ୟନ୍ତ ଆବଶ୍ୟକ ଉପରେ ଗୁରୁତ୍ୱ ଦେଇଥିଲେ। ଦୁର୍ଘଟଣା ସମୟରେ ସାଧାରଣ ଲୋକଙ୍କୁ କିପରି ସୁରକ୍ଷିତ ରଖାଯିବ ଓ ଆପଦକାଳୀନ ଯୋଜନାକୁ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଫ୍ୟାକ୍ଟରି ଓ ବୟଲର ବିଭାଗ ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ଶିଳ୍ପାନୁଷ୍ଠାନଗୁଡିକ ସହ ସମ୍ଭାବ୍ୟ ବିପଦ ତଥା ସେମାନଙ୍କ ପକ୍ଷରୁ ନିଆଯାଇଥିବା ଉପାୟ ଗୁଡିକ ଉପରେ ଆଲୋଚନା କରାଯାଇଥିଲା ଓ କାରଖାନା ଏବଂ ବଏଲର୍ସର ସହକାରୀ ନିର୍ଦ୍ଦେଶକ ଶିଳ୍ପାନୁଷ୍ଠାନର ସଂକ୍ଷିପ୍ତ ଦୃଶ୍ୟକ୍ରମ ଓ ଜିଲ୍ଲା କ୍ରାଏସିସ ଗ୍ରୁପର କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ଓ ପରବର୍ତ୍ତୀ ସମୟରେ, ସମସ୍ତ ବିପଦପୂର୍ଣ୍ଣ ଶିଳ୍ପାନୁଷ୍ଠାନ ପ୍ରତିନିଧିମାନେ ସେମାନଙ୍କର ପ୍ରକ୍ରିୟା, ବିପଦ ପରିସ୍ଥିତି ଏବଂ ପ୍ରତିରୋଧକ ଏବଂ ପ୍ରଶମନକାରୀ ସୁରକ୍ଷା ପଦକ୍ଷେପ ଉପସ୍ଥାପନ କରିଥିଲେ। ଆଲୋଚନା ଉପରେ ଆଧାରକରି, ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଧିକ ସୁରକ୍ଷା ଉନ୍ନତି ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଥିଲା ଏବଂ ଚୂଡ଼ାନ୍ତ କରାଯାଇଥିଲା। ଔଦ୍ୟୋଗିକ ସୁରକ୍ଷା ଏବଂ ସାର୍ବଜନିକ ପ୍ରସ୍ତୁତିକୁ ମଜବୁତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପାରାଦୀପ ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ମେଜର ଆକ୍ସିଡେଣ୍ଟ ହ୍ୟାଜାର୍ଡ (MAH) ୟୁନିଟ୍‌ଗୁଡ଼ିକୁ ଜିଲ୍ଲା ପ୍ରଶାସନର ସରକାରୀ ୱେବ୍‌ସାଇଟ୍ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା-ସମ୍ବନ୍ଧୀୟ ସୂଚନା ସକ୍ରିୟ ଭାବେ ସେୟାର କରିବାକୁ କୁହାଯାଇଥିଲା ଓ ପ୍ରସ୍ତାବିତ ବ୍ୟବସ୍ଥାଗୁଡ଼ିକର ଅଂଶ ଭାବେ, MAH ୟୁନିଟ୍‌ଗୁଡ଼ିକୁ ଜିଲ୍ଲା ପ୍ରଶାସନ ପୋର୍ଟାଲ୍‌ରେ ରାସାୟନିକ (କେମିକାଲ୍ ଷ୍ଟକ୍) ବିବରଣୀ ପ୍ରତିଦିନ ଅପଲୋଡ୍ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହା ସହିତ, ନିୟମିତ ଅନ୍-ସାଇଟ୍ ଏବଂ ଅଫ୍-ସାଇଟ୍ ମକ୍ ଡ୍ରିଲ୍ କରାଯିବାର ଗୁରୁତ୍ୱକୁ ପୁନରୁଚ୍ଚାରଣ କରଯାଇଥିଲା। ଏହି ଡ୍ରିଲ୍‌ଗୁଡ଼ିକରେ DCG (ଜିଲ୍ଲା ସଙ୍କଟ ଗୋଷ୍ଠୀ), ଜରୁରୀ ସେବା ସଂସ୍ଥାମାନେ ଏବଂ ସ୍ଥାନୀୟ ପ୍ରଶାସନ ସମେତ ସମସ୍ତ ସମ୍ପୃକ୍ତ ହିତଧାରୀଙ୍କ ସହଭାଗିତା ଅତ୍ୟାବଶ୍ୟକ। ଏପରି ସମନ୍ୱିତ ଅଭ୍ୟାସଗୁଡ଼ିକ ଆପତ୍କାଳୀନ ପ୍ରତିକ୍ରିୟା ପ୍ରଣାଳୀକୁ ପରୀକ୍ଷା କରିବା, ଏଜେନ୍ସିମାନଙ୍କ ମଧ୍ୟରେ ସଂଯୋଗ ସୁଦୃଢ଼ କରିବା ଏବଂ ଶିଳ୍ପ ଅଞ୍ଚଳର ସାର୍ବିକ ବିପଦ ପ୍ରସ୍ତୁତିକୁ ଉନ୍ନତ କରିବାରେ ସହାୟକ ହୋଇପାରିବ ଓ ପୂର୍ବ ସୂଚନା ବିନା ଆପାତାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ପରୀକ୍ଷା କରାଯାଉଥିବା "ସାଇଲେଣ୍ଟ ଆୱର" ମକ୍ ଡ୍ରିଲ୍ ଆୟୋଜନ ଉପରେ ମଧ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ଓ ଏହି ବୈଠକରେ ଜଗତସିଂପୁରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅନିଶା ଦାସ, କଟକ ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ପାରାଦୀପର କାରଖାନା ଏବଂ ବଏଲର୍ସର ସହକାରୀ ନିର୍ଦ୍ଦେଶକ ଏବଂ ଡିସିଜିର ସଦସ୍ୟ ସଚିବ ଯନ୍ତ୍ରୀ ଚନ୍ଦ୍ର ଶେଖରା ବେହେରା, ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଡିସିଜି, ଅଗ୍ନିଶମ ସେବା ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଡିଆଇପିଆର୍‌ଓ, କୃଷି ବିଭାଗ, ସିଆଇଏସ୍‌ଏଫ୍‌ର ସଦସ୍ୟ, ଜଗତସିଂପୁରର ପୋଲିସ ଅଧିକ୍ଷକ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପ୍ରତିନିଧି, ଡିଜିଏଫ୍‌ଏଏସ୍‌ଏଲ୍‌ଆଇର ଡକ୍ ସୁରକ୍ଷା ନିରୀକ୍ଷକ ଏବଂ ସମସ୍ତ ମୁଖ୍ୟ ଦୁର୍ଘଟଣା ପ୍ରବଣ ବିପଦପୂର୍ଣ୍ଣ ଶିଳ୍ପାନୁଷ୍ଠାନ ଏବଂ ଅନ୍ୟାନ୍ୟ ବିପଦପୂର୍ଣ୍ଣ କାରଖାନାର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ପୂର୍ବ ବୈଠକର ବିବରଣୀ (MOM) ସମୀକ୍ଷା କରାଯାଇଥିଲା। ଏହାପରେ, ନୂତନ କାର୍ଯ୍ୟସୂଚୀ ବିନ୍ଦୁଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ ବୈଠକ ଶେଷ ହୋଇଥିଲା ଯେଉଁଥିରେ ଜିଲ୍ଲାର ସମସ୍ତ MAH ୟୁନିଟ୍ ମଧ୍ୟରେ ନିରନ୍ତର ବିପଦ ହ୍ରାସ, ଜରୁରୀକାଳୀନ ପ୍ରସ୍ତୁତି, ଆନ୍ତଃ-ଏଜେନ୍ସି ସମନ୍ୱୟ ଏବଂ ଆଇନଗତ ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇଥିଲା।




# ପରିବା ଚାଷ କରି ଉଦାହରଣ ସୃଷ୍ଟି କଲେ ଯୁବକ ସଞ୍ଜିତ:ବାର୍ଷିକ ଆୟ କରୁଛନ୍ତି ୪୫ ଲକ୍ଷ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଚାଷ ପ୍ରତି ଏବେ ଆକୃଷ୍ଟ ହେଉଛନ୍ତି ଯୁବଗୋଷ୍ଠୀ। ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର ସ୍ୱାବଲମ୍ବୀ ହୋଇପାରୁଛନ୍ତି। ଅନ୍ୟମାନଙ୍କ ପାଇଁ ବି ରୋଜଗାର ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ତୁଲାଉଛନ୍ତି। ଏମିତି ଜଣେ ସଫଳ ଯୁବ ଚାଷୀ ହେଉଛନ୍ତି ସଞ୍ଜିତ ବିଶ୍ୱାସ। ଘର ରାଇଘର ବ୍ଲକ ପାରୁଆ ପଞ୍ଚାୟତର ଛତାବେଡା ଗାଁରେ। ମିଶ୍ରିତ ପରିବା ଚାଷ କରି ବାର୍ଷିକ ପ୍ରାୟ ୪୫ ଲକ୍ଷ ଟଙ୍କା ରୋଜଗାର କରିପାରୁଛନ୍ତି। ନିଜର ୧୦ ଏକର ଏବଂ ଲିଜ୍‌ରେ ୧୦ ଏକର ଏଭଳି ୨୦ ଏକର ଜମିରେ ମିଶ୍ରିତ ପରିବା ଚାଷ କରୁଛନ୍ତି ସଞ୍ଜିତ। ବିଶେଷ କରି ଫୁଲକୋବି, ବନ୍ଧା କୋବି, କଞ୍ଚା ଲଙ୍କା ଏବଂ ଟମାଟୋ। ଏବର୍ଷ ପ୍ରାୟ ୧୨ ଏକର ଜମିରେ ସେ ଫୁଲକୋବି ଓ ବନ୍ଧା କୋବି ଚାଷ କରିଥିଲେ। ସ୍ଥାନୀୟ ଜଳବାୟୁ ପରିବା ଚାଷ ପାଇଁ ଅନୁକୂଳ ଥିବାରୁ ଗତ ଜୁଲାଇ ମାସରେ ଫୁଲକୋବି ଏବଂ ବନ୍ଧା କୋବି ଫଳିବା ଆରମ୍ଭ କରିଥିଲା। ମାତ୍ର ଦୁଇ ମାସରେ ହୋଇଥିଲା ଏସବୁ ଫସଲ। ଗୋଟିଏ ଏକରରୁ ୧ ଲକ୍ଷ ୮୦ ହଜାର ଟଙ୍କା ହିସାବରେ ପରିବା ବିକିଥିଲେ। ୧୨ ଏକରରୁ ପାଇଥିଲେ ୨୧ ଲକ୍ଷ ୬୦ ହଜାର ଟଙ୍କା। ଅକ୍ଟୋବର ବେଳକୁ ଦ୍ୱିତୀୟ ଫସଲ ଭାବେ ପୁଣି ଫୁଲକୋବି ଓ ବନ୍ଧା କୋବି କରି ଦର କମିଥିବାରୁ ଏକର ପିଛା ଦେଢ ଲକ୍ଷ ଟଙ୍କା ଲେଖାଏଁ ପାଇଥିଲେ। ମୋଟ ୧୨ ଏକର ଜମିରୁ ପାଇଥିଲେ ପ୍ରାୟ ୧୮ ଲକ୍ଷ ଟଙ୍କା। ଦୁଇଥର ଚାଷ ବାବଦରେ ପାଇଥିଲେ ୩୯ ଲକ୍ଷ ଟଙ୍କା। ସେଥିରୁ ପ୍ରାୟ ୨୩ ଲକ୍ଷ ଟଙ୍କାର ବିହନ, ମଞ୍ଜି, ରାସାୟନିକ ସାର, ଜୈବିକ ସାର, ଶ୍ରମିକ ଖର୍ଚ୍ଚ କରିଛନ୍ତି। ୨ ଏକର ଜମିରେ କଞ୍ଚା ଲଙ୍କା ଚାଷ କରି ୮ ମାସରେ ପାଇଛନ୍ତି ୨ ଲକ୍ଷ ଟଙ୍କା ଲାଭ। ଅଢେଇ ଏକର ଜମିରେ ମଟର ଚାଷ କରି ଲାଭ ପାଇଛନ୍ତି ୧ ଲକ୍ଷ ୮୦ ହଜାର ଟଙ୍କା। ସେହିପରି ମକା ଓ ଅନ୍ୟାନ୍ୟ ଚାଷ କରି ବାର୍ଷିକ ପ୍ରାୟ ୪୫ ଲକ୍ଷ ଟଙ୍କା ରୋଜଗାର କରୁଥିବା କହିଛନ୍ତି ସତ। ଆବଶ୍ୟକତାକୁ ଆଖିରେ ରଖି ୩୦ରୁ ୬୦ ପର୍ଯ୍ୟନ୍ତ ଶ୍ରମିକଙ୍କୁ ନିୟୋଜିତ କରୁଛନ୍ତି। ପନିପରିବା ଫସଲ ପାଇଁ ଜିଆ ଖତ ବାବଦରେ ବର୍ଷକ ୪୫ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିସହ ଜମିରେ ଗୋବର ଖତ ଏବଂ ଅଳ୍ପ ରାସାୟନିକ ସାର ବ୍ୟବହାର କରୁଛନ୍ତି। ସରକାରଙ୍କ ତରଫରୁ ଗଭୀର ନଳକୂଅ ଏବଂ ୭ ଏକର ଡ୍ରିପ୍ ଇରିଗେସନ୍ ପାଇଁ ସବ୍‌ସିଡିରେ ପାଇପ୍ ମିଳିଥିବା କହିଛନ୍ତି।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


**ତା୨୭।୧୨।୨୦୨୫, ପୌଷ ଦି୧୨ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୧୯।୪୫** **ଚନ୍ଦ୍ରୋଦୟ- ଦିଘ୧୧।୧୫।୦୬**


**ସପ୍ତମୀ-** ଦିଘ୧।୧୦ ପର୍ଯ୍ୟନ୍ତ। **ପୂର୍ବଭାଦ୍ର ନକ୍ଷତ୍ର-** ଦିଘ ୯।୦୯ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୧।୧୦ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୦ ଗତେ ଦିଘ ୯।୦୬ ମଧ୍ୟେ । ଦିଘ ୨।୨୯ ଗତେ ଘ ୩।୦୨ ମଧ୍ୟେ।




**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେବ। ଖର୍ଚ୍ଚର ପରିମାଣ ବଢ଼ିବ। ସତ କଥା କହି ବିରୋଧି ହୋଇପାରନ୍ତି। ପାରିବାରିକ ବିଶୃଙ୍ଖଳା ଦେଖାଦେବ। ମନ ଅସ୍ଥିର ରହିବାର ସୂଚନା ।




**ବୃଷ:** ବ୍ୟବସାୟ ମଧ୍ୟମ ଧରଣର ହେବ। ଦେବ ଦର୍ଶନ ସହ ଧର୍ମ କାର୍ଯ୍ୟ କରିପାରନ୍ତି। ବ୍ୟୟର ପରିମାଣ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। କଚେରି ମାମଲାରେ ଆଶାଜନକ ଫଳ ପ୍ରାପ୍ତ ହେବ।



**ମିଥୁନ:** ଦୂରଯାତ୍ରା କରି ସଫଳତା ପ୍ରାପ୍ତ ହେବ। ଦେହ ଓ ମନ ଭଲ ରହିବ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**କର୍କଟ:** ବନ୍ଧୁଙ୍କ ଠାରୁ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ। ମାନସିକ ଶାନ୍ତି ରହିବ। ପାରିବାରିକ ଜୀବନ ସୁଖମୟ ହେବ। ରୋଜଗାର ଭଲ ହେବ। ମହିଳାମାନେ ସୁଖୀ ହେବେ। ବ୍ୟବସାୟରେ ଲାଭବାନ୍ ହେବେ।




**ସିଂହ:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଅନେକ ଦିନରୁ ଅଟକି ରହିଥିବା କାର୍ଯ୍ୟଟି ତ୍ୱରାନ୍ୱିତ ହେବ। ହଠାତ୍ ଶୁଭ ଖବର ପ୍ରାପ୍ତ ହେବ। ପାରିବାରିକ ଜୀବନରେ ଖୁସିର ଲହରୀ ଖେଳିବ।




**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଆପୋଷ ବୁଝାମଣା ଦ୍ୱାରା ବିବାଦର ସମାଧାନ ହେବ। ଆୟ ମଧ୍ୟମ ଧରଣର ହେବ। ଗୃହେ ଆନନ୍ଦ ଦେଖାଦେବାର ସୂଚନା ।



**ତୁଳା:** ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଶରୀର ସୁସ୍ଥ ରହିବ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରିବେ। ରୋଜଗାର ଭଲ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମନ ଭଲ ରହିବ।




**ବିଛା:** ସମସ୍ତ ବିବାଦର ଅବସାନ ଘଟିବ। ଚାକିରୀ କ୍ଷେତ୍ରରେ ସମ୍ମାନ ଲାଭ କରିପାରନ୍ତି। ଶତ୍ରୁ ନାଶ ହେବେ। ଆୟର ପରିମାଣ ବୃଦ୍ଧି ହେବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ଧନୁ:** କର୍ମକ୍ଷେତ୍ରରେ ସଫଳତା ଲାଭ ହେବ। ଯାନବାହାନ ଠାରୁ ସତର୍କତା ଅବଲମ୍ବନୀୟ। ରୋଜଗାର ଭଲ ହେବ। ମନରେ ଆନନ୍ଦ ଦେଖାଦେବ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାମାନେ ସୁଖୀ ହେବେ।



**ମକର:** ଶରୀର ସୁସ୍ଥ ରହିବ। ମାଲିମୋକଦ୍ଦମାରେ ଶୁଣାଣି ନିଜ ସାପେକ୍ଷ ଜନିତ ହେବ। ପିଲାମାନେ ପଢ଼ାପଢ଼ିରେ ଆଗେଇବେ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଗୃହରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନର ସୂଚନା।



**କୁମ୍ଭ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରିବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ସୁଖୀ ହେବେ। ଆୟର ପରିମାଣ ସ୍ଥିର ରହିବ। ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମୀନ:** ଅଟକି ରହିଥିବା କାମଟି ଆପଣଙ୍କର ପୂର୍ଣ୍ଣ ହେବ। ସହକର୍ମୀଙ୍କ ସହଯୋଗ ମଧ୍ୟ ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ ଦେଖାଦେବ। ଦେହ ଓ ମନ ଭଲ ରହିବ ।

# ଧର୍ମଶାଳା ମହୋତ୍ସବ ଉଦ୍‌ଘାଟିତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବହୁ ପ୍ରତିକ୍ଷୀତ ଧର୍ମଶାଳା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟନଗର ଉନ୍ନୟନମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମନର ବିକାଶ ହେଲେ ଦେଶର ବିକାଶ ହେବ ସେଥିପାଇଁ ପର୍ବପର୍ବାଣୀ ଓ ମହୋତ୍ସବର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ସାଂସଦ ଡକ୍ଟର ରବିନାରାୟଣ ବେହେରା, ବଡ଼ଚଣା ବିଧାୟକ ଆମର ନାୟକ, ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ ଅତିଥି ଭାବେ ଯୋଗଦେଇଥିଲେ। କମିଟି ସଭାପତି ରବିନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଦେବରାଜ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ବିବରଣୀ ପାଠ କରିଥିଲେ। ଶେଷରେ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଧନ୍ୟବଦ୍ ଦେଇଥିଲେ। ମିସ୍ ଲୋପିଆ ମଞ୍ଚ ପରିଚାଳନା କରିଥିଲେ। ପରେ ସୁନାମଧନ୍ୟା ଗାୟିକା ଅସୀମା ପଣ୍ଡାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୮।୧୨।୨୦୨୫, ପୌଷ ଦି୧୩ନ, ରବିବାର**

**ସୂର୍ଯ୍ୟୋଦୟ- ଘ୬।୨୦।୧୦** **ଚନ୍ଦ୍ରୋଦୟ- ଦିଘ୧୧।୫୧।୧୩**

**ଅଷ୍ଟମୀ-** ଦିଘ୧୧।୫୯ ପର୍ଯ୍ୟନ୍ତ। **ଉତ୍ତରଭାଦ୍ର ନକ୍ଷତ୍ର-** ଦିଘ ୮।୪୩ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୧୧।୫୯ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୦୭ ଗତେ ଘ ୯।୧୬ ମଧ୍ୟେ । ଦିଘ ୧।୦୯ ଗତେ ଘ ୩।୦୩ ମଧ୍ୟେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତରେ ଛୋଟପିଲାଙ୍କ ପାଇଁ ସୋସିଆଲ ମିଡ଼ିଆ ବ୍ୟାନ କରିଦେବା ଉଚିତ କି ?

ସୋସିଆଲ ମିଡ଼ିଆ ଦ୍ୱାରା ଆଜିକାଲି ଛୁଆମାନେ ଦିଗଭ୍ରଷ୍ଟ ହେଉଥିବାର ପ୍ରମାଣିତ ହେଲେ ପରେ ଏହାକୁ ବ୍ୟାନ କରାଯିବାପାଇଁ ସାରା ପୃଥିବୀରେ ଚର୍ଚ୍ଚା ହେବା ସହ ଆଶଙ୍କା ପ୍ରକାଶ ପାଇଛି। ସାରା ପୃଥିବୀରେ ଅଷ୍ଟ୍ରେଲିଆ ପ୍ରଥମ ଦେଶ ଯିଏ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ଇଣ୍ଟରନେଟ୍ ମିଡିଆକୁ ସମ୍ପୂର୍ଣ୍ଣ ନିଷେଧ କରିଛି। ଭାରତରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ଚାଲିଛି। ପ୍ରକୃତରେ, ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ କେନ୍ଦ୍ର ସରକାରଙ୍କୁ ଅଷ୍ଟ୍ରେଲିଆ ପରି ଏକ ଆଇନ ପ୍ରଣୟନ କରିବାର ସମ୍ଭାବନା ଅନୁସନ୍ଧାନ କରିବାକୁ ପରାମର୍ଶ ଦେଇଛନ୍ତି, ଯାହା ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରିବ। ଏହା ଉଲ୍ଲେଖନୀୟ ଯେ ମଦୁରାଇ ଜିଲ୍ଲାର ଏସ. ବିଜୟକୁମାର ୨୦୧୮ରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏଥିରେ, ସେ ଚିନ୍ତା ପ୍ରକାଶ କରିଥିଲେ ଯେ ସୋସିଆଲ ମିଡିଆରେ ଅଶ୍ଳୀଳ ସାମଗ୍ରୀ ସହଜରେ ଉପଲବ୍ଧ ଏବଂ ଛୋଟ ପିଲାମାନେ ଏସବୁ ଦେଖିବାକୁ ବିଶେଷ ଆଗ୍ରହୀ। ସେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ତାମିଲନାଡୁ ଶିଶୁ ଅଧିକାର ସୁରକ୍ଷା ଆୟୋଗକୁ ସଚେତନତା ବୃଦ୍ଧି ପାଇଁ ଇଣ୍ଟରନେଟ୍ ସେବା ପ୍ରଦାନକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସେମାନଙ୍କର କ୍ଷମତା ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। ସେ ଯୁକ୍ତି ଦେଇଥିଲେ ଯେ ଅଶ୍ଳୀଳ ସାମଗ୍ରୀ ଏବଂ ଶିଶୁ ଯୌନ ନିର୍ଯାତନା ସାମଗ୍ରୀ ଇଣ୍ଟରନେଟରେ ସହଜରେ ଉପଲବ୍ଧ ଏବଂ ନାବାଳକ ପିଲାମାନଙ୍କ ପାଇଁ ଉପଲବ୍ଧ, ଯାହା ସେମାନଙ୍କର ମାନସିକ ଏବଂ ଭାବପ୍ରବଣ ବିକାଶକୁ ବିପଦରେ ପକାଇବା ସହ ପତନ ଘଟାଇଥାଏ। ଶୁଣାଣି ସମୟରେ, ହାଇକୋର୍ଟ କହିଥିଲେ, 'ଆମେ ବୁଝୁଛୁ ଯେ ଅନଲାଇନ୍ ଶିଶୁ ଯୌନ ନିର୍ଯାତନା ସାମଗ୍ରୀ ଥିବା ୱେବସାଇଟ୍ ଏବଂ URL ଗୁଡ଼ିକ ନିରନ୍ତର ଅପଡେଟ୍ ଏବଂ ସକ୍ରିୟ।

ତଥାପି, ବ୍ୟବହାରକାରୀଙ୍କ ପକ୍ଷ ନିୟନ୍ତ୍ରଣ ଅତ୍ୟାବଶ୍ୟକ। ଏହି ନିୟନ୍ତ୍ରଣ କେବଳ ଏକ ଅଭିଭାବକ ନିୟନ୍ତ୍ରଣ ଆପ୍ କିମ୍ବା ବୈଶିଷ୍ଟ୍ୟ ମାଧ୍ୟମରେ ସମ୍ଭବ। ଏହା ହାସଲ କରିବା ପାଇଁ, ବ୍ୟବହାରକାରୀମାନଙ୍କୁ ଶିଶୁ ପର୍ଣ୍ଣୋଗ୍ରାଫିର ବିପଦ ଏବଂ ପ୍ରତିରୋଧକ ପଦକ୍ଷେପ ବିଷୟରେ ସଚେତନ କରିବା ଅତ୍ୟାବଶ୍ୟକ।' ମାଡ୍ରାସ ହାଇକୋର୍ଟ ପରାମର୍ଶ ଦେଇଛନ୍ତି ଯେ କେନ୍ଦ୍ର ସରକାର ଅଷ୍ଟ୍ରେଲିଆ ସରକାରଙ୍କ ଦ୍ୱାରା ଗୃହୀତ ଆଇନ ପରି ଏକ ଆଇନ ପ୍ରଣୟନ କରିବାର ସମ୍ଭାବନା ଅନୁସନ୍ଧାନ କରନ୍ତୁ, ଯାହା ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ଦ୍ୱାରା ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନିଷେଧ କରିପାରିବ। ଏକ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ଭାବରେ, ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଏପରି ଆଇନ ପ୍ରଣୟନ ନହେବା ପର୍ଯ୍ୟନ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷ ସଚେତନତା ଅଭିଯାନକୁ ଅଧିକ ପ୍ରଭାବଶାଳୀ କରନ୍ତୁ।

# ଝାଡ଼ଖଣ୍ଡର ରାଜ୍ୟପକ୍ଷୀ କୋଇଲି



ଡ. ବିଜୟ କେତନ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନପ୍ରାଣୀ ସଂରକ୍ଷକ, ଓଡ଼ିଶା
ମୋ : ୯୪୩୭୦୦୦୯୦୪

ଭାରତୀୟ ଉପମହାଦେଶରେ ସର୍ବତ୍ର ଦେଖାଯାଉଥିବା କୋଇଲି ଝାରଖଣ୍ଡ ରାଜ୍ୟ ଓ ପୁଡୁଚେରୀ କେନ୍ଦ୍ର ଶାସିତ ଅଞ୍ଚଳର ରାଜ୍ୟପକ୍ଷୀ। ଓଡିଆ ନାମ-କୋଇଲି, ପିକ । ହିନ୍ଦି ନାମ-କୋଏଲ, କୋକିଳ । ଇଂରାଜୀ ନାମ-କୋଏଲ,ଏସିଆନ କୋଏଲ। ରାତିରେ ଏହି ପକ୍ଷୀର ସୁମଧୁର କୁହୁତାନ ଶୁଣିବାକୁ ମିଳୁଥିବାରୁ ତାକୁ ଏସିଆନ ନାଇଟିଙ୍ଗେଲ ମଧ୍ୟ କୁହାଯାଏ । ବୈଜ୍ଞାନିକ ନାମ--(କୁକୁଲିଡି)କୋଇଲି ଏବଂ ପରଜୀବି ପକ୍ଷୀ । ଅର୍ଥାତ୍ ନିଜେ ନୀଡ ରଚନା ନ କରି, ଅନ୍ୟ ପକ୍ଷୀର ବସାରେ ଅଣ୍ଡା ଦିଅନ୍ତି ଏବଂ ସେହି ଅନ୍ୟ ପକ୍ଷୀମାନଙ୍କ ଉପରେ ଅଣ୍ଡା ଉଷୁମେଇବା ଓ ଶାବକ ପାଳନର ଭାର ଗୋପନରେ ଲଦି ଦିଅନ୍ତି ।

ବ୍ୟାପ୍ତି ଓ ବିସ୍ତୃତି-ବିଭିନ୍ନ ପ୍ରଜାତିର କୋଇଲି ପୃଥିବୀର ପ୍ରାୟ ସର୍ବତ୍ର ଦେଖାଯାନ୍ତି । କିନ୍ତୁ ଏହି ପକ୍ଷୀ ମୁଖ୍ୟତଃ ଭାରତ ଉପମହାଦେଶ ଯଥା ପାକିସ୍ତାନ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଏବଂ ଦକ୍ଷିଣ ଏସିଆ ଓ ଚୀନରେ ଦେଖିବାକୁ ମିଳନ୍ତି । ପୃଥିବୀରେ ପ୍ରାୟ ୧୬ ପ୍ରଜାତିର କୋଇଲି ଦେଖାଯାନ୍ତି । ତନ୍ମଧ୍ୟରୁ ଦୁଇଟି ପ୍ରଜାତି ଭାରତରେ ଅଛନ୍ତି । ଗୋଟିଏ ପ୍ରଜାତି ଆସାମର ସ୍ଥାୟୀ ଅଧିବାସୀ। ଅନ୍ୟ ପ୍ରଜାତିର କୋଇଲି, ଯାହାକୁ ଏସିଆନ କୋଏଲ୍ କୁହାଯାଏ, ତାହା କେବଳ ପାହାଡ ଇଲାକାକୁ ଛାଡି ଦେଲେ, କାଶ୍ମୀରରୁ କନ୍ୟାକୁମାରୀ ସର୍ବତ୍ର ଦେଖାଯାଆନ୍ତି । ଭାରତୀୟ ଉପମହାଦେଶରେ ଦେଖିବାକୁ ମିଳୁଥିବା କୋଇଲି ସାଧାରଣତଃ କ୍ଷୟପ୍ରାପ୍ତ ପତଳା ଜଙ୍ଗଲ, ଆମ୍ବତୋଟା, କାଁଭାଁ ବଡ ଗଛ ଥିବା ବୁଦୁବୁଦିଆ ଜଙ୍ଗଲ, ଜନବସତି ବା ଚାଷଜମି ନିକଟରେ ଗଛରେ, ଉଦ୍ୟାନର ତରୁ ବିଥୀରେ ରୁହନ୍ତି । ନୂଆନୂଆ ସ୍ଥାନରେ ଉପରୋକ୍ତ ସୁବିଧା ଥିଲେ, ସେମାନେ ସେଠାରେ ବସତିସ୍ଥାପନ କରିବାକୁ ପସନ୍ଦ କରନ୍ତି ।

ଆଚାର ବ୍ୟବହାର-କୋଇଲି ବସନ୍ତ ଋତୁର ପକ୍ଷୀ ବୋଲି କୁହାଯାଏ । ଶୀତ ଋତୁ ପରେ ବସନ୍ତ ଋତୁରେ ପତ୍ର କଅଁଳିଲେ ଓ ଆମ୍ବ ବଉଳିଲେ, ଆମ୍ରକୁଞ୍ଜରୁ କୋଇଲିର ସୁମଧୁର କୁହୁତାନ ଭାସି ଆସି ତା ଉପସ୍ଥିତିର ସୂଚନା ଦିଏ। କୋଇଲିର ସ୍ୱର ସହିତ ଲୋକମାନେ ବେଶ୍ ପରିଚିତ ଥିଲେ ମଧ୍ୟ, ଖୁବ୍ କମ ଲୋକ ତାକୁ ଦେଖିବାର ସୁଯୋଗ ପାଇଥାନ୍ତି । କାରଣ କୋଇଲି ପ୍ରାୟତଃ ତଳକୁ ଓହ୍ଲାଏ ନାହିଁ ବା ଫଡ ଫଡ ହୋଇ ଏଣେ ତେଣେ ଉଡିବୁଲେ ନାହିଁ । ଘଞ୍ଚ ପତ୍ର ଗହଳିରେ ସବୁବେଳେ ଲୁଚି ବସିଥାଏ । ଗ୍ରୀଷ୍ମଋତୁରେ କୋଇଲିର କୁହୁତାନ ଶୁଣିବାକୁ ମିଳୁଥିଲାବେଳେ, ବର୍ଷା ଓ ଶୀତଋତୁ ଆସିଲେ ସେ ଚୁପ୍ ହୋଇଯାଏ । ଅଧିକାଂଶ ସ୍ଥଳରେ କୋଇଲି ଗୋଟିଏ ସ୍ଥାନର ସ୍ଥାୟୀ ବାସିନ୍ଦା ହୋଇଥିଲେ ମଧ୍ୟ, ଆବଶ୍ୟକ ସ୍ଥଳେ ସେମାନେ ଦୂର ଦୂରାନ୍ତକୁ ମଧ୍ୟ ଯାତ୍ରା କରିଥାନ୍ତି । ବିଶେଷ କରି ଉତ୍ତରାଞ୍ଚଳ ରାଜ୍ୟଗୁଡ଼ିକରେ ଶୀତ ପଡିଗଲେ,ଏମାନେ ଦକ୍ଷିଣାଞ୍ଚଳ ରାଜ୍ୟକୁ ସ୍ଥାନାନ୍ତର ଗମନ କରିଥାନ୍ତି ।

ଶାରୀରିକ ଆକୃତି-କାଉ ପରି କୋଇଲିର ରଙ୍ଗ ମଧ୍ୟ କଳା । ସେଥିପାଇଁ କୁହାଯାଇଛି, କାଉ ତ କଳା, କୋଇଲି କଳା, କଳା କଜ୍ଜଳପାତି । ଅଣ୍ଡିରା କୋଇଲି ଦେଖିବାକୁ ଚିକ୍କଣ କଳା, ଗୋଡର ରଙ୍ଗ ଧୂସର, ଥଣ୍ଟ ହଳଦିଆସିଆ ସବୁଜ, ଆଖି ଗାଢ ଲାଲ ବର୍ଣ୍ଣ ବା ରକ୍ତ ଲୋହିତ । ମାଈ ପକ୍ଷୀର ବର୍ଣ୍ଣ ବାଦାମୀ ଓ ତା ଉପରେ ଧଳା ରଙ୍ଗର ଚିପିଚିପିଆ ଚିହ୍ନ ଥାଏ । ମସ୍ତକରେ ବାଦାମୀ ରଙ୍ଗର ରେଖାମାନ ଥାଏ । ଶରୀରର ପେଟ ପାଖ ଧଳା ବର୍ଣ୍ଣର, କିନ୍ତୁ ଲମ୍ବା ଲମ୍ବା ପଟ୍ଟା ବା ଦାଗ ରହିଥାଏ । ପକ୍ଷୀଶାବକ ମାନଙ୍କର ପର ପୁରୁଷ ପକ୍ଷୀର ପର ସଦୃଶ କିନ୍ତୁ ଥଣ୍ଟଟି କଳା। କାଉ ପରି ଦେଖିବାକୁ ହୋଇଥିଲେ ମଧ୍ୟ କୋଇଲି କାଉ ଅପେକ୍ଷା କ୍ଷୀଣକାୟ । ଲାଞ୍ଜଟି ଅପେକ୍ଷାକୃତ ଲମ୍ବା। ଡେଣା ଦୁଇଟି ଛୋଟ । ପ୍ରାପ୍ତ ବୟସ୍କ କୋଇଲି ଶରୀରର ଲମ୍ବ ଲାଞ୍ଜ ସହିତ ୩୯ ରୁ ୪୬ ସେଣ୍ଟିମିଟର (ହାରାହାରି ୪୩ ସେ.ମି.) ଏବଂ ଓଜନ ୧୯୦ଗ୍ରାମରୁ ୩୨୭ ମଧ୍ୟରେ ହୋଇଥାଏ । କାଉ ତୁଳନାରେ କୋଇଲି ଅଧିକ ବେଗରେ ଉଡିଯାଇପାରେ । ସେମାନଙ୍କର ଜୀବନ ଅବଧି ୧୨ରୁ୧୫ ବର୍ଷ ।

ପ୍ରଜନନ-କୋଇଲିମାନଙ୍କର ପ୍ରଜନନ ମାର୍ଚ୍ଚରୁ ଅଗଷ୍ଟ ମାସ ମଧ୍ୟରେ ହୋଇଥାଏ। ପୁରୁଷ କୋଇଲି ମାଈ କୋଇଲିକୁ ଆକର୍ଷିତ କରିବା ପାଇଁ ତାକୁ ଖାଇବାକୁ ବିଭିନ୍ନ ପ୍ରକାରର ଫଳ ଆଣିଦିଏ । ଉତ୍ତେଜିତ ଅଣ୍ଡିରା ପକ୍ଷୀ ପ୍ରଣୟ ନିବେଦନ ସମୟରେ ଉତ୍ତେଜିତ ହୋଇ ଅଧିକ ଧ୍ୱନି କରେ ଏବଂ ଗଛର ଏ ଡାଳରୁ ସେ ଡାଳକୁ ମାଈ ପକ୍ଷୀକୁ ଅନୁଧାବନ କରେ । ସହବାସ ପରେ ଅଣ୍ଡା ଦେବାର ସମୟ ଆସିଲେ, ମାଈ କୋଇଲି ନିଜର ବସା ବାନ୍ଧେ ନାହିଁ । ସାଧାରଣତଃ କାଉ ବସାରେ ଗୋପନରେ ଅଣ୍ଡା ଦେଇ ଚାଲିଯାଏ । ସେଥିପାଇଁ କୋଇଲିକୁ ସଂଜାତକ ପରଜୀବି କୁହାଯାଏ । ଉଭୟ କାଉ ଓ କୋଇଲି ଦୁହିଁଙ୍କର ଅଣ୍ଡା ଦେଖିବାକୁ ଏକା ପ୍ରକାରର । ଅଣ୍ଡାଗୁଡିକ ଫିକା ଧୂସର ଓ ସବୁଜ ରଙ୍ଗର ହୋଇଥାଏ। ଭାରତୀୟ ଉପମହାଦେଶରେ କେତେକ ସ୍ଥାନରେ କଜଳପାତିର ବସାରେ ମଧ୍ୟ କୋଇଲି ଅଣ୍ଡା ଦେଇଥାଏ । ଉଭୟ କାଉ ଓ କୋଇଲି ଏକ ସମୟରେ ଅର୍ଥାତ୍ ଏପ୍ରିଲରୁ ଅଗଷ୍ଟ ମାସ ଭିତରେ ଅଣ୍ଡା ଦିଅନ୍ତି। ଥରକେ ମାଈ କୋଇଲି ଗୋଟିଏ କାଉ ବସାରେ ୧ରୁ୨ଟି ଅଣ୍ଡା ଦିଏ ଏବଂ ପାଖରେ ଥିବା ଅନ୍ୟ ଦୁଇ ତିନୋଟି କାଉ ବସାକୁ ମିଶାଇଲେ ମୋଟ ୬ରୁ୧୦ଟି ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି । ଜାଣି ନ ପାରିବା କାରଣରୁ,କୋଇଲିର ଅଣ୍ଡାଗୁଡିକ ମଧ୍ୟ କାଉ ଉଷୁମାଏ। ପ୍ରାୟ ୧୨।୧୪ଦିନ ପରେ ଅଣ୍ଡା ଫୁଟି ଛୁଆ ବାହାରନ୍ତି। ଏକ ସଙ୍ଗରେ କାଉର ଅଣ୍ଡା ଗୁଡିକ ମଧ୍ୟ ଫୁଟି ଛୁଆ ବାହାରିଥାଏ । କୋଇଲି ଛୁଆ ଦେଖିବାକୁ ଅପେକ୍ଷାକୃତ ସୁନ୍ଦର ହୋଇଥିବାରୁ ପୋଷକ ବାପା ମା ମାନେ ସେମାନଙ୍କର ଅଧିକ ଯତ୍ନ ନିଅନ୍ତି। ତିନିରୁ ଚାରି ସପ୍ତାହ ପରେ କୋଇଲି ଛୁଆମାନେ କାଉ ବସା ଛାଡି ଉଡିଯାନ୍ତି। କୋଇଲି ସାଧାରଣତଃ କମ ଉଚ୍ଚତାରେ ଥିବା କାଉ ବସାରେ ଅଣ୍ଡା ଦେବାକୁ ପସନ୍ଦ କରିଥାଏ। ପାଖରେ ଫଳ ଗଛଟିଏ ଥିଲେ ଆହୁରି ଭଲ । କାରଣ ଅଣ୍ଡା ଦେଇସାରିଲା ପରେ ମା କୋଇଲି ନିକଟସ୍ଥ ଗଛ ଡାଳରେ ଦିନ ଦିନ ଧରି ବସି,ସେ ଦେଇଥିବା ଅଣ୍ଡାର ପରିଣତି ପ୍ରତି ଲକ୍ଷ୍ୟ ରଖିଥାଏ।

ଖାଦ୍ୟ-କୋଇଲିମାନେ ସର୍ବଭକ୍ଷୀ । ଏମାନେ ବିଭିନ୍ନ ପ୍ରକାରର କୀଟପତଙ୍ଗ, ସଂବାଲୁଆ, ଅନ୍ୟ ପକ୍ଷୀର ଅଣ୍ଡା ଏବଂ ଛୋଟ ଛୋଟ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ଖାଇଥାନ୍ତି । ବୟସ୍କ ପକ୍ଷୀ ବିଭିନ୍ନ ପ୍ରକାରର ଫଳ ଓ କୋଳି ଖାନ୍ତି । ବର, ଓସ୍ତ ଗଛର ଫଳ ଏବଂ ନାନାପ୍ରକାର ବଇଁଚ ଜାତୀୟ କୋଳି ଏମାନଙ୍କର ପ୍ରିୟ ଖାଦ୍ୟ । ଏମାନେ ଯେଉଁ ଗଛର ଫଳ ଖାଆନ୍ତି, ସେହି ଗଛକୁ ଜଗି ରହନ୍ତି ଏବଂ ଅନ୍ୟ କେହି ଫଳ ଭୋଜୀ ପକ୍ଷୀଙ୍କୁ ସେଠାରେ ପୁରାଇ ଦିଅନ୍ତି ନାହିଁ । କୋଇଲି ପକ୍ଷୀ ମନୁଷ୍ୟ ପାଇଁ ଖୁବ୍ ଉପକାରୀ । ଯେଉଁ କେତେକ ଅନିଷ୍ଟକାରୀ ପୋକଙ୍କୁ କେହି ଖାଆନ୍ତି ନାହିଁ, ସେମାନଙ୍କୁ କୋଇଲି ଖାଇଯିବା ଫଳରେ ଫସଲ କୀଟ ଦାଉରୁ ରକ୍ଷାପାଏ।

ଜୀବନଚର୍ଯ୍ୟା ଓ ପରିବେଶ-କୋଇଲିର କୁହୁତାନ ସହିତ ଆମେ ସମସ୍ତେ ପରିଚିତ । କାରଣ ଗହଳ ତରୁବିଥୀ ଓ ଆମ୍ର କୁଞ୍ଜରେ ସେ ସବୁବେଳେ ଲୁଚି ରହିଥାଏ । ତଳକୁ ପ୍ରାୟତଃ ଓହ୍ଲାଏ ନାହିଁ । ଶୀତଦିନେ କୋଇଲିର ସ୍ୱର ନୀରବି ଯାଇଥାଏ । ଗ୍ରୀଷ୍ମଋତୁ ଓ ତା ସଙ୍ଗେ ସଙ୍ଗେ ପ୍ରଜନନ ଋତୁ ଆସିଲେ ପୁରୁଷ ପକ୍ଷୀର କଣ୍ଠ ଫିଟିଯାଏ ଏବଂ ଉଚ୍ଚ ନିନାଦିତ 'କୁଉ-କୁଉ-କୁଉ' ତାନରେ ଉଦ୍ୟାନ ବା ଆମ୍ରକୁଞ୍ଜ ମୁଖରିତ ହୋଇଉଠେ । କୋଇଲିର ଏହି ଡାକ ସାଂଗୀତିକ ଓ ଛନ୍ଦମୟ । ମାଈ କୋଇଲିର ସ୍ୱର ଆଦୌ ସୁମଧୁର ନୁହେଁ । ଗଛରୁ ଗଛକୁ ବା ଏ ଡାଳରୁ ସେ ଡାଳକୁ ଉଡିଗଲାବେଳେ, ସେ ଏକ ପ୍ରକାର କିକ୍-କିକ୍-କିକ୍ ଶବ୍ଦ କରିଥାଏ।

କୋଇଲି ମଧ୍ୟ ବୀଜ ବିକ୍ଷେପରେ ସହାୟତା କରି ଏକ ପ୍ରକାର ପରିବେଶ ସଂରକ୍ଷକ ଭାବରେ କାର୍ଯ୍ୟ କରିଥାଏ । ଭାରତରେ ଚନ୍ଦନ ବୃକ୍ଷର ପ୍ରସାର ପାଇଁ ଏମାନଙ୍କର ଯଥେଷ୍ଟ ଅବଦାନ ରହିଛି । ଛୋଟ ମଞ୍ଜି ଥିବା ଫଳକୁ ଏମାନେ ସହଜରେ ଗିଳି ଦିଅନ୍ତି ଏବଂ ମୂଳଗଛଠାରୁ ବହୁ ଦୂରରେ ମଳତ୍ୟାଗ କରିବା ସମୟରେ ମଞ୍ଜି ପକାଇଦିଅନ୍ତି । ଫଳରେ ମୂଳ ଗଛର ପାଖ ଆଖ ଜଙ୍ଗଲରେ ମଧ୍ୟ ଚନ୍ଦନ ଗଛ ଉଠିଥାଏ।

ସଂରକ୍ଷଣ ସ୍ଥିତି-ଏସିଆର ବିଭିନ୍ନ ଦେଶରେ ଏବଂ ଦେଶ ବାହାରେ ମଧ୍ୟ କୋଇଲିଙ୍କର ସଂଖ୍ୟାକୁ ଦୃଷ୍ଟିରେ ରଖି, ଆଇ.ୟୁ.ସି.ଏନ୍ (ଇଣ୍ଟରନ୍ୟାସନାଲ ୟୁନିଅନ ଫର କଞ୍ଜରଭେସନ ଅଫ ନେଚର) 'ରେଡଡାଟା'--ବହିରେ ସର୍ବନିମ୍ନ ଉଦବେଗଜନକ ଭାବେ ସ୍ଥାନିତ କରାଯାଇଛି । ଯଦିଚ ଏହି ପକ୍ଷୀମାନଙ୍କର ସଂଖ୍ୟା ଗଣନା କରାଯାଇ ନାହିଁ, ତଥାପି ଦେଶରେ ୧୦,୦୦୦ରୁ ୧ଲକ୍ଷ ପ୍ରଜନନକ୍ଷମ ପକ୍ଷୀଯୋଡି ଅଛନ୍ତି ବୋଲି ଆକଳନ କରାଯାଇଛି । ବନ୍ୟପ୍ରାଣୀ ସଂରକ୍ଷଣ ଆଇନ, ୧୯୭୨ରେ ମଧ୍ୟ କୋଇଲିକୁ ଚତୁର୍ଥ ଖସଡାରେ ସ୍ଥାନିତ କରାଯାଇଛି। ଖସଡା ୧ ଓ ଖସଡା ୨ରେ ସ୍ଥାନିତ ପଶୁପକ୍ଷୀଙ୍କ ପରି ଏମାନଙ୍କୁ ଏତେଟା ଗୁରୁତ୍ୱ ଦିଆଯାଇନାହିଁ।

# ଜଣେ ଥିଲେ ମାକଲେ...



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଡିସେମ୍ବର ୨୮ ତାରିଖର ଏକ ସ୍ୱତନ୍ତ୍ରତା ରହିଛି । ସ୍ୱତନ୍ତ୍ରତା ହେଉଛି ୧୬୬ବର୍ଷ ପୂର୍ବେ ଏହି ଦିନରେ ଜଣେ ବ୍ୟକ୍ତି ସଂସାରରୁ ବିଦାୟ ନେଇଥିଲେ ଯାହାକୁ ଆଜିବି ଆମେ ମନେପକାଉଛେ ଯେ ଏହି ବ୍ୟକ୍ତି ଜଣକ ଆମ ଦେଶର ଶିକ୍ଷା ବ୍ୟବସ୍ଥାକୁ ଖରାପ କରିଦେଇଥିଲେ । ସେହି ବ୍ୟକ୍ତି, ତାଙ୍କ କାମ ବାବଦରେ ଅନେକ ଲୋକଙ୍କୁ ଜଣାନାହିଁ କିନ୍ତୁ ଗାଳି କରାଯାଉଛି । କୁହାଯାଉଛି ତାଙ୍କ କାମର ଫଳ ଆଉ ଆମେ ଭୋଗିବା ନାହିଁ, ସବୁ ଠିକ୍ ହୋଇଯିବ, ଏକ ନୂଆ ସକାଳ (ସମୟ) ଆସିବ । ଏହି ବ୍ୟକ୍ତଜଣଙ୍କ ନାମ ହେଉଛି ମାକଲେ। ମାକଲେ ଇଂରେଜ ଥିଲେ ଏବଂ ଭାରତରେ ବ୍ରିଟଶ ଶାସନବେଳେ ଇଂରାଜୀ ଶିକ୍ଷା ବ୍ୟବସ୍ଥାର ପ୍ରସାର କରାଇଥିଲେ । ଏହି ଶିକ୍ଷା ବ୍ୟବସ୍ଥା ୧୮୩୫ରୁ ଏଯାବତ୍ ଚାଲିଆସିଛି । ଆମକୁ ଏବେ ଜଣା ନାହିଁ ଯେ ଏହି ଶିକ୍ଷା ବ୍ୟବସ୍ଥା କେବେ ଶେଷ ହେବ ଓ ଶେଷ ହୋଇପାରିବ କି ନାହିଁ ? ଆମ ଦେଶ ତ ସନାତନ ଦେଶ । ୧୮୩୫ରୁ ଅଦ୍ୟାବଧି ୧୯୦ବର୍ଷ ଅଧିକ କିଛି ନୁହେଁ । ଏହାପୂର୍ବରୁ ଯେଉଁ ଶିକ୍ଷା ବ୍ୟବସ୍ଥା ଥିଲା ସେଥିରେ ଗୁରୁକୂଳ, ତକ୍ଷଶିଳା, ନାଳନ୍ଦା, ଉଜ୍ଜୟନୀ ଭଳି କେତେ କ'ଣ ସବୁ ନଥିଲା । କ'ଣ ସେସବୁ ଏତେ ଦୁର୍ବଳ ଥିଲା ଯେ ଜଣେ ମାକଲେ ଆସିଲେ ଆଉ ସେସବୁ ବ୍ୟବସ୍ଥାକୁ ମୂଳରୁ ଉପାଡ଼ି ଫିଙ୍ଗିଦେଲେ ନା ଆମେ ସେ ବ୍ୟବସ୍ଥାକୁ ସମ୍ଭାଳି ରଖିବାରେ ଅକ୍ଷମ ଥିଲେ ?

ଏମିତି ହୁଏତ କରାଯାଇପାରେ, ବ୍ରିଟିଶ ମାକଲେ ବ୍ୟବସ୍ଥାକୁ ଖତମ କରିବା ପାଇଁ ବର୍ଷେ, ଦୁଇବର୍ଷ, ପାଞ୍ଚ ବର୍ଷ ଯଦି ଆମେ ଏହି ବ୍ୟବସ୍ଥାରେ ନ ପଢ଼ିବା ତେବେ କ୍ଷତି କ'ଣ ? କ'ଣ ଆକାଶ ଛିଣ୍ଡି ପଡ଼ିବ ? ଏମିତିରେ ପଢ଼ି ମଧ୍ୟ ଆମେ ସେହି ବ୍ୟକ୍ତିଙ୍କ ବ୍ୟବସ୍ଥାକୁ ଅଧିକ ମଜଭୁତ୍ କରୁଛେ। କିଛି ବର୍ଷ ଯଦି ବିଲକୁଲ ନ ପଢ଼ିବା ତେବେ ହୁଏତ ମାକଲେ କଥା / ବ୍ୟବସ୍ଥାକୁ ଭୁଲିଯିବା । ଆରମ୍ଭ କରିବାକୁ ଅନେକ କଥା ଆସିପାରେ । ମାକଲେ ସ୍କୁଲର ସମୟସୀମା, ସ୍କୁଲ ଫିସ୍, ଅଭିଭାବକ ଶିକ୍ଷକ ମିଟିଂ, ଶିକ୍ଷକଙ୍କ ଛୁଟି, ପିଲାଙ୍କ ଛୁଟି ଓ ପିଲାଙ୍କ ଖେଳଭଳି ଅନେକ କଥା ସ୍ଥିର କରି ନଥିଲେ। ଏସବୁକୁ ବଦଳା ଯାଇ ପାରିବ । ସ୍କୁଲ ଶିକ୍ଷକମାନେ ପିଲାଙ୍କୁ ପାଠ ନ ପଢ଼ାଇ ଯେଉଁ ସରକାରୀ କାମ ଗୁଡ଼ିକରେ ବ୍ୟସ୍ତ ରହୁଛନ୍ତି ସେ କଥ କ'ଣ ମାକଲେ ସ୍ଥିର କରିଥିଲେ ? ଟିକିଏ ଆଗକୁ ଯଦି ଦେଖିବା ତେବେ ଆଇ.ଏ.ଏସ୍, ଆ.ପି.ଏସ୍ ଭଳି ଅନେକ ସରକାରୀ ଚାକିରି ମଧ୍ୟ ସେହି ମାକଲେ ପାଠପଢ଼ା ବ୍ୟବସ୍ଥାର ଉପଲବ୍ଧି । ଏସବୁ କେମିତି ବଦଳାଇବା ? ଆଇଏଏସ୍ ବଦଳରେ କ'ଣ ପ୍ରାଇଭେଟ ସେକ୍ଟରରୁ ସିଧା ସଳଖ ନିଯୁକ୍ତି ଦିଆଯାଇପାରିବ ? ପ୍ରାଇଭେଟ ସେକ୍ଟରରୁ ଯାହାକୁ ବି ଅଣାଯିବ ସେ ସେହି ମାକଲେ ବ୍ୟବସ୍ଥାରେ ପଢ଼ିଥିବେ । ତେବେ କ'ଣ କରାଯିବ ? ମାକଲେ ବ୍ୟବସ୍ଥାରେ ପଢ଼ିଥିବା ଅନ୍ୟସବୁ ବଡ଼ ବଡ଼ ଚାକିରିଆଙ୍କର କ'ଣ ହେବ ? ସେସବୁ ପାଠପଢ଼ା ବ୍ୟବସ୍ଥାକୁ କେମିତି ବଦଳାଇବା ?

ମାକଲେଙ୍କ ପୂର୍ବରୁ ମୋଗଲ ଥିଲେ, ରାଜା ମହାରାଜା ଥିଲେ । ଏପରିକି ମୌର୍ଯ୍ୟ, ଗୁପ୍ତ ଓ ଚୋଳବଂଶ ଭଳି ଅନେକେ ଏ ଦେଶରେ ରାଜୁତି କରୁଥିଲେ । ଏବେ ଯଦି ମାକଲେ ବ୍ୟବସ୍ଥାକୁ ବଦଳାଇବା ତେବେ କାହାକୁ ଆପଣେଇବା ? ୧୯୦ବର୍ଷର ମାକଲେ ବ୍ୟବସ୍ଥାକୁ ବଦଳାଇବା ପାଇଁ ଆମକୁ ଆହୁରି ଅନେକ ବର୍ଷ ଲାଗିଯିବ କାରଣ ସଂପୂର୍ଣ୍ଣତନ୍ତ୍ର ମାକଲେଙ୍କ ମୂଳଦୁଆ ଉପରେ ହିଁ ଠିଆ ହୋଇଛି । ଗୋଟିଏ ବାଟଅଛି ଓ ତାହା ହେଉଛି ପୁରା ମୁର୍ଖ ବା ଅପାଠୁଆଙ୍କ ହାତରେ ପୁରାପୁରି ତନ୍ତ୍ରକୁ ଟେକି ଦିଆଯାଉ । କେବଳ ପାଠପଢ଼ାରେ ନୁହେଁ ସବୁକଥାରେ ମାକଲେ ବିରୋଧ କରାଯାଉ । ଏଭଳି ଲୋକଙ୍କ ହାତରେ ବ୍ୟବସ୍ଥାକୁ ଟେକି ଦିଆଯାଉ ଯିଏ ମାକଲେ ଓ ତାଙ୍କ ଶିକ୍ଷା ବ୍ୟବସ୍ଥା ବାବଦରେ ଜାଣି ନଥିବେ । ଏବେ ଏମିତି ଲୋକ ଖୋଜିବା ଦରକାର କାରଣ ବାକି ସମସ୍ତେ ତ ମାକଲେଙ୍କ ବ୍ୟବସ୍ଥାର ଅନୁଗାମି । କାହାଣୀରେ ଶୁଣିବାଭଳି ପୂର୍ବର ସେହି ଗୁରୁକୁଳ, ଆର୍ଯ୍ୟଙ୍କ ଆଶ୍ରମ ଓ ପ୍ରାଚୀନ ବ୍ୟବସ୍ଥା ସବୁ ଯଦି ହୋଇପାରିବ ତେବେ କେତେ ବଢ଼ିଆ ହୋଇଯିବ ।

ଅନେକେ ମାକଲେଙ୍କୁ ଗାଳି ଦେଉଛନ୍ତି । ଦେଶ ସ୍ୱାଧୀନ ହେବାର ଏତେ ବର୍ଷ ପରେ ମଧ୍ୟ ମାକଲେ ବ୍ୟବସ୍ଥାକୁ ରଦ୍ଦକରି ନୂଆ ବ୍ୟବସ୍ଥାକୁ ଆଣିବାକୁ କାହାକୁ ଫୁରସତ୍ ମିଳିଲା ନାହିଁ କେମିତି ? ମାକଲେଙ୍କ ଶିକ୍ଷାନୀତିକୁ ବେକାର/ଅଦରକାରୀ ବୋଲି କୁହାଯାଉଛି ହେଲେ ତାକୁ ବଦଳାଇବା ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଉ ନାହିଁ କାହିଁକି ? ପ୍ରକୃତ ସତ୍ୟ ହେଉଛି ମାକଲେ ବ୍ୟବସ୍ଥା ଆମକୁ ସୁହାଉଛି ଓ ତନ୍ତ୍ର/ବ୍ୟବସ୍ଥା ବ୍ୟବସ୍ଥା ସୂଚାରୁରୂପେ ଚାଲିପାରୁଛି । ଏପରିକି ଏହା ସୁବିଧାଜନକ ମଧ୍ୟ । ଏହି ବ୍ୟବସ୍ଥା ଆମକୁ ଶାସନ, ନିଯୁକ୍ତି, ଆଡ଼ମ୍ବର ଓ କ୍ଷମତା ଦେଇଛି । ମାକଲେଙ୍କ ବାହାନାରେ ନିଜର ନିକମାପଣିଆକୁ ଢ଼ାଙ୍କିବାପାଇଁ ଉଦ୍ୟମ କରାଯାଉଛି । କୁହାଯାଉଛି ବ୍ୟବସ୍ଥାର ତ୍ରୁଟିପାଇଁ ୨୦୦ବର୍ଷର ତଳ ଇଂରେଜମାନେ ଦାୟୀ । ମାକଲେଙ୍କୁ ଦେଖୀ ସାବ୍ୟସ୍ତ କରିବା ପରିବର୍ତ୍ତେ ଉଦ୍ୟମ କରାଯିବା ଉଚିତ୍ । ମାକଲେ ତ ସେହି ଜୀବନ ଯାହା ଆମେ ସମସ୍ତେ ଜୀଉଁଛେ । ମାକଲେ ତ ପୁରାପୁରି ବ୍ୟବସ୍ଥା । ମାକଲେ ଆମେ ଆଉ ଆପଣ ସମସ୍ତେ। ବଦଳାଇ ପାରିବା ତ ସମସ୍ତଙ୍କୁ ବଦଳିବାକୁ ପଡ଼ିବ ।

# ଆମ୍ବେଦକରଙ୍କ ପରିକଳ୍ପିତ ବୌଦ୍ଧିକ ସମାଜ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ପରିଚୟ କେବଳ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷର ସମ୍ବିଧାନର ପ୍ରଣେତା ମଧ୍ୟରେ ସୀମିତ ନୁହେଁ। ତାଙ୍କର ପ୍ରଥମ ପରିଚୟ ହେଉଛି ସେ ଜଣେ ଅଗ୍ରଣୀ ସମାଜ ସଂସ୍କାରକ ଓ ଆଧୁନିକ ଭାରତବର୍ଷର ବୌଦ୍ଧିକ ଚେତନାର ମାର୍ଗ ଦର୍ଶକ । ସେ ଏପରି ଭାରତବର୍ଷର ପରିକଳ୍ପନା କରିଥିଲେ ଯାହା ବୌଦ୍ଧିକତା ସମ୍ପନ୍ନ, ବିଜ୍ଞାନର ଅନୁଗାମୀ ଓ ପ୍ରଗତିଶୀଳ ବିଚାରଧାରା ଉପରେ ପ୍ରତିଷ୍ଠିତ ହୋଇଥିବ। ସେ ଏପରି ସମାଜ ଗଠନ ପାଇଁ ସଂଗ୍ରାମ କରିଥିଲେ ଯାହା ସମତା, ମମତା ଓ ବ୍ୟକ୍ତି ସ୍ୱତନ୍ତ୍ରତାକୁ ସର୍ବୋଚ୍ଚ ସମ୍ମାନ ଦେଉଥିବ। ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ହଟାଇ ଏକ ତର୍କସମ୍ମତ ଓ ମାନବୀୟ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଆଦର୍ଶ ଓ ସର୍ବଜନ ଆଦୃତ ସଂସ୍କୃତି କଥା ସେ ଚିନ୍ତା କରିଥିଲେ। ସର୍ବୋପରି ଭେଦଭାବ ରହିତ ଏକ ଐକ୍ୟବଦ୍ଧ ଭାରତୀୟ ସମାଜର ସେ ପରିକଳ୍ପନା କରିଥିଲେ। ତେବେ ଏ କଥା ନିଶ୍ଚିତ ଯେ ତାଙ୍କର ସମସ୍ତ ବିଚାର, ସଂଗ୍ରାମର ସମସ୍ତ ଆଧାର ଓ ସମସ୍ତ ପରିକଳ୍ପନା ଆମ ସମ୍ବିଧାନ ଭିତରେ ସମାହିତ ହୋଇରହିଛି। ସମ୍ବିଧାନର ପ୍ରତ୍ୟେକ ଶବ୍ଦରେ ଏହାର ପ୍ରତିଫଳନ ରହିଛି।

ବାବା ସାହେବ ଆମ୍ବେଦକରଙ୍କ ସମ୍ବନ୍ଧରେ ଯେତେବେଳେ ସାଧାରଣରେ ଆଲୋଚନା ହୁଏ, ତାଙ୍କୁ ସାଧାରଣତଃ ସମ୍ବିଧାନର ସଂରକ୍ଷଣ ବ୍ୟବସ୍ଥା ମଧ୍ୟରେ ସୀମିତ କରିଦିଆ ଯାଏ। ସେ ଦଳିତମାନଙ୍କ ମସିହା ଓ ତାଙ୍କରି ପାଇଁ କାମ କରିଥିବା ଜଣେ ସାଧାରଣ ନେତାଭାବେ ପରିଚୟ ତିଆରି କରାଯାଏ। ତାଙ୍କ ବିଷୟରେ ଥିବା ବିଶାଳ ଦିଗକୁ ଅନାଲୋଚିତ ରଖାଯାଏ। ସମାଜ ସଂସ୍କାର ଦିଗରେ ସେ ଯେ ବିଂଶ ଶତାବ୍ଦୀର ଅପ୍ରତିଦ୍ୱନ୍ଦ୍ୱୀ ଚିନ୍ତାନାୟକ ଏ ବିଷୟରେ ଖୁବ୍ କମ୍ ଆଲୋଚନା ହୁଏ। ତାଙ୍କର ଗଗନଚୁମ୍ବୀ ବ୍ୟକ୍ତିତ୍ୱ ବିଷୟରେ ଆଲୋଚନା କରାଯାଏ ନାହିଁ। କିନ୍ତୁ କେତେଦିନ ପର୍ଯ୍ୟନ୍ତ ଆଲୋକକୁ ଅନ୍ଧାର ଲୁଚାଇ ରଖିପାରିବ। କେତେଦିନ ପର୍ଯ୍ୟନ୍ତ ଗୋଟିଏ ବିଚାରଧାରାକୁ ଚାପି ରଖାଯାଇ ପାରିବ। ଯେଉଁ ବିଚାର ସ୍ୱଚ୍ଛ ଓ ମାନବ ସମାଜର ବିକାଶ ପାଇଁ ଲାଭଦାୟକ ତାହାର ସୁବାସ ଚାରିଆଡ଼େ ବିଚ୍ଛୁରିତ ହେବହିଁ ହେବ। ଅନ୍ଧକାରର ବୁକୁଚିରି ଆଲୋକ ନିଶ୍ଚୟ ପ୍ରସ୍ଫୁଟିତ ହେବ।

ଯେଉଁମାନେ ତାଙ୍କୁ ସଂରକ୍ଷଣ ବ୍ୟବସ୍ଥା ମଧ୍ୟରେ ସୀମିତ କରିବାକୁ ଚାହାଁନ୍ତି ସେମାନେ ତାଙ୍କ ବିଷୟରେ ଏକ କ୍ଷୁଦ୍ରଅଂଶ ଜାଣିଛନ୍ତି। ସ୍ୱାର୍ଥବାଦୀ ଲୋକମାନେ ଏପରି ଭାବିବା ସ୍ୱାଭାବିକ। ଯେଉଁମାନେ ସବୁତକ ସୁବିଧା ସୁଯୋଗ ନେଇଯିବାକୁ ଚାହାଁନ୍ତି ସେମାନେ କହନ୍ତି ସଂରକ୍ଷଣ ବ୍ୟବସ୍ଥା ଭୁଲ। ଯେଉଁମାନେ ଏହା ଦ୍ୱାରା ସୁବିଧା ସୁଯୋଗ ପାଇ ଆସୁଛନ୍ତି ସେମାନେ କହନ୍ତି ଏହା ଠିକ୍। ଏହି ବ୍ୟବସ୍ଥାର ଅସଲ ଉଦ୍ଦେଶ୍ୟକୁ ଏମାନେ କେହି ଗୁରୁତ୍ୱ ଦିଅନ୍ତି ନାହିଁ। ଏହାରି ମାଧ୍ୟମରେ ତାଙ୍କ ପରିକଳ୍ପିତ ସମତାଭିତ୍ତିକ ସମାଜ ଗଠନର କଥାକୁ ବିଚାରକୁ ନିଅନ୍ତି ନାହିଁ। ଭାରତବର୍ଷରେ ଜାତିବିହୀନ ସମାଜ ଗଠନପାଇଁ ଏହାଯେ ଏକ ଜରୁରୀ ପଦକ୍ଷେପ ତାହା ଉପଲବ୍ଧି କରିପାରନ୍ତି ନାହିଁ। ଜାତିବାଦୀ ଲୋକଙ୍କଠାରୁ ଆଉ ଅଧିକ କଣବା ଆଶା କରାଯାଇ ପାରିବ। ଏମାନେ ଜାତି ବ୍ୟବସ୍ଥାର ମାପ କାଠିରେ ସମସ୍ତ ବିଷୟକୁ ମାପିବାକୁ ଚାହାଁନ୍ତି।

ସ୍ୱାଧୀନୋତ୍ତର ଭାରତବର୍ଷରେ ଜାତି ବ୍ୟବସ୍ଥା ବଞ୍ଚିଛି ଆର୍ଥିକ ଓ ସାମାଜିକ ବୈଷ୍ୟମ ଯୋଗୁଁ। ଗୋଟିଏ ଅନଗ୍ରସର ଜାତିର ସାମଗ୍ରୀକ ଆର୍ଥିକ ବିକାଶ ତାକୁ ସାମାଜିକ ବୈଷ୍ୟମରୁ ମୁକ୍ତିଦେବ। ତେଣୁ ଚାକିରି କ୍ଷେତ୍ରରେ ଅନଗ୍ରସର ଜାତିମାନଙ୍କୁ ସଂରକ୍ଷଣ ସୁବିଧାଦେଇ ସେ ଆର୍ଥିକ ବିକାଶ ସହିତ ପ୍ରଶାସନିକ ସେବାରେ ଭାଗୀଦାରୀକୁ ନିଶ୍ଚିତ କରିଛନ୍ତି। ଯେଉଁମାନେ ହଜାର ହଜାର ବର୍ଷଧରି ଶିକ୍ଷା ଲାଭରୁ ବଞ୍ଚିତ ହୋଇ ଆସିଥିଲେ ତାଙ୍କୁ ସଂରକ୍ଷଣ ମାଧ୍ୟମରେ ଶିକ୍ଷିତ ହେବାର ଗ୍ୟାରେଣ୍ଟି ସେ ଦେଇଛନ୍ତି। ଏହା ସହିତ ଏମାନଙ୍କ କ୍ଷିପ୍ର ଆର୍ଥିକ ବିକାଶପାଇଁ ମଧ୍ୟ ସମ୍ବିଧାନରେ ବ୍ୟବସ୍ଥା ରହିଛି। ଏହି ସୁବିଧା ସୁଯୋଗର ସୁରକ୍ଷା ପାଇଁ ଓ ଶାସନ ବ୍ୟବସ୍ଥାରେ ଭାଗୀଦାରୀ ହେବାପାଇଁ ଅନଗ୍ରସର ଜାତିମାନଙ୍କୁ ରାଜନୀତିରେ ସେ ସଂରକ୍ଷଣ ପ୍ରଦାନ କରିଛନ୍ତି। ସମସ୍ତ ପ୍ରକାର ବୈଷ୍ୟମକୁ ହଟାଇ ଏକ ସମତାଭିତ୍ତିକ ସମାଜ ଗଠନ ପାଇଁ ଏହା ମଧ୍ୟରେ ଥିବା ତାଙ୍କ ଅଭିପ୍ରାୟକୁ ବୁଝିବାର ଆବଶ୍ୟକତା ରହିଛି।

ଭାରତୀୟ ସମାଜରେ, ବିଶେଷକରି ହିନ୍ଦୁ ସମାଜରେ, ବୈଷ୍ୟମତାର ଜନ୍ମ ହୋଇଛି ଜାତି ବ୍ୟବସ୍ଥାରୁ। ଜାତିର ସୃଷ୍ଟି ହୋଇଛି ବର୍ଣ୍ଣ ବ୍ୟବସ୍ଥାରୁ। ଜାତିବାଦର ଅନ୍ୟନାମ ହେଉଛି ସାମାଜିକ ବୈଷ୍ୟମ। ଏହି ବୈଷ୍ୟମକୁ ନହଟାଇବା ପର୍ଯ୍ୟନ୍ତ ଜାତିବାଦ ହଟିବ ନାହିଁ କି ଏକ ସମତା ଭିତ୍ତିକ ସମାଜ ଗଠିତ ହୋଇପାରିବ ନାହିଁ। ଏ କଥାକୁ ସେ ଜଣେ ସମାଜ ବିଜ୍ଞାନୀ, ଜଣେ ଅର୍ଥନୀତିଜ୍ଞ ଓ ରାଷ୍ଟ୍ରବାଦୀ ରାଜନୀତିଜ୍ଞ ଭାବେ ଠିକଭାବେ ବୁଝିଥିଲେ। ତେଣୁ ତାଙ୍କ ସଂରକ୍ଷଣ ବ୍ୟବସ୍ଥା ପଛରେ ଏ ସମସ୍ତର ସମାହିତ ଉତ୍କର୍ଷତା ରହିଛି। ଏ ବିଷୟରେ କହିବା ପୂର୍ବରୁ ଆମକୁ ସେହି ସ୍ତରକୁ ଯିବାକୁ ହେବ।

ୟୁରୋପ୍ ତୁଲ୍ୟ ଭାରତବର୍ଷରେ ସେ ରେନାଁସା ଆଣିବାକୁ ଚେଷ୍ଟା କରିଥିଲେ। ଅର୍ଥାତ୍ ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ବ୍ୟବସ୍ଥା କ୍ଷେତ୍ରରେ ଉତ୍କର୍ଷତାର ପୁନଃ ସ୍ଥାପନ ପାଇଁ ଉଦ୍ୟମ, ଯାହା ପୂର୍ବରୁ ଥିଲା। ଦଳେ ସ୍ୱାର୍ଥବାଦୀ ଲୋକ ଏଗୁଡ଼ିକରେ ଥିବା ମହାନତାକୁ ନଷ୍ଟଭ୍ରଷ୍ଟ କରି ଦେଇଛନ୍ତି। ମାନବୀୟ ମୂଲ୍ୟବୋଧକୁ ଅପହରଣ କରିନେଇଛନ୍ତି। ଅସମାନତା, ହିଂସା, ଘୃଣା-ଦ୍ୱେଷଭାବ ଏଥିରେ ଭରି ଦେଇଛନ୍ତି। ଯୁକ୍ତିଯୁକ୍ତତାର ଧାରାକୁ ଧ୍ୱଂସକରି କରିଦେଇଛନ୍ତି। ତେଣୁ ସେ ମାନବୀୟ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ଏକ ବୌଦ୍ଧିକ ସମାଜର ପରିକଳ୍ପନା କରିଯାଇଛନ୍ତି। ଯେଉଁ ସମାଜର ମାନଦଣ୍ଡ ହେବ ତର୍କବୁଦ୍ଧିବାଦ। ଯେଉଁ ସମାଜରେ ସମାନତା ଥିବ, ବ୍ୟକ୍ତିତ୍ୱକୁ ଉପଯୁକ୍ତ ସମ୍ମାନ ମିଳୁଥିବ, ଭାଇଚାରା ବିରାଜମାନ କରୁଥିବ ଓ ସମସ୍ତେ ନ୍ୟାୟପୂର୍ଣ୍ଣ ଜୀବନଯାପନ କରୁଥିବେ।

ୟୁରୋପରେ ଯେଉଁପରି ରେନାଁସା ମାଧ୍ୟମରେ ପୁରୁଣା ଘୁଣଖିଆ ବିଚାରକୁ ଧ୍ୱଂସ କରାଯାଇଥିଲା ଏବଂ ନୂତନ ଓ ଉନ୍ନତ ବିଚାରରେ ସମାଜକୁ ପରିଚାଳିତ କରିବାର ପ୍ରୟାସ ହୋଇଥିଲା, ସେହି ପ୍ରକାର ପ୍ରୟାସ ସେ ଭାରତରେ କରିଥିଲେ। ଧର୍ମବିଶ୍ୱାସ, ପରମ୍ପରା, ସଂସ୍କୃତି, ଚଳଣି ପ୍ରଭୃତିରେ ଭରି ରହିଥିବା ଅମାନବୀୟ, ଅଯୌକ୍ତିକ ଓ ଅବୈଜ୍ଞାନିକ ବିଚାରର ଧ୍ୱଂସସାଧନା କରି ମାନବୀୟ ମୂଲ୍ୟବୋଧ, ବୈଜ୍ଞାନିକ ଚେତନା ଓ ଯୁକ୍ତିଯୁକ୍ତତା ଉପରେ ପ୍ରତିଷ୍ଠିତ ଏକ ପ୍ରଗତୀଶୀଳ ସମାଜ ପ୍ରତିଷ୍ଠାର ମାର୍ଗକୁ ଉନ୍ମୁକ୍ତ କରିବା ପାଇଁ ସେ ଚେଷ୍ଟା କରିଥିଲେ। ଏହି ରୂପରେ ସେ ରେନାଁସାର ପରିକଳ୍ପନା ଭରତବର୍ଷରେ କରିଥିଲେ। ଭେଦଭାବ ପୂର୍ଣ୍ଣ ସମସ୍ତ ଧାର୍ମିକ, ସାଂସ୍କୃତିକ ଓ ପାରମ୍ପରିକ ବିଚାରର ଧ୍ୱଂସସାଧନ କରି ଭାରତୀୟ ସମାଜକୁ ଐକ୍ୟବଦ୍ଧ କରିବାର ତାଙ୍କ ପ୍ରୟାସ ଅତୁଳନୀୟ ଥିଲା।

ସେ ଆରମ୍ଭ କରିଥିବା ରେନେସାଁର ଆବଶ୍ୟକତା ଏବେବି ରହିଛି ଏବଂ ଏହା ସେତେଦିନ ପର୍ଯ୍ୟନ୍ତ ରହିବ ଯେତେଯାଏଁ ତାଙ୍କ ପରିକଳ୍ପିତ ବୌଦ୍ଧିକ ସମାଜ ଗଠିତ ନହୋଇଛି। ତାଙ୍କ ବିଚାର ଓ ସଂଗ୍ରାମର ମାର୍ଗ ଏବେବି ପ୍ରାସଙ୍ଗିକ ହୋଇ ରହିଛି। ତାଙ୍କ ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହେଲେ ଦେଶ ପ୍ରଗତିରେ ଶିଖରକୁ ଛୁଇଁ ପାରିବ ତଥା ସଭ୍ୟତାର ଶ୍ରେଷ୍ଠତ୍ୱକୁ ପ୍ରଦର୍ଶନ କରିପାରିବ। ଏ ବିଷୟରେ ଅନୁଧ୍ୟାନ ଓ ଅନୁସରଣ ଜରୁରୀ। କେବଳ ଜନ୍ମଜୟନ୍ତୀ ଓ ମୃତ୍ୟୁବାର୍ଷିକୀ ପାଳନ ମଧ୍ୟରେ ତାଙ୍କୁ ସୀମିତ ରଖିବାର ପ୍ରୟାସ ନହେଉ। ତାଙ୍କୁ ଜାତି, ଧର୍ମ, ଗୋଷ୍ଠୀ ଓ ଅଞ୍ଚଳ ଭିତରେ ବାନ୍ଧି ରଖାନଯାଉ। ତାଙ୍କ ପରିକଳ୍ପିତ ବୌଦ୍ଧିକ ସମାଜ ଗଠନ ଦିଗରେ ବ୍ୟାପକ ଚର୍ଚ୍ଚା ଆରମ୍ଭ ହେଉ। ଏହାକୁ ଏକ ଆନ୍ଦୋଳନର ରୂପ ଦିଆଯାଉ। ତାଙ୍କ ପରିକଳ୍ପିତ ପ୍ରବୁଦ୍ଧ ଭାରତବର୍ଷ ଗଠନର ଧାରା ଆମ ସମ୍ବିଧାନ ଭିତରେ ରହିଛି। ଏହାକୁ ବୁଝିବାର ପ୍ରୟାସ ହେଉ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଆଉ ଏକ ନୂଆ ସକାଳ

*ସୁଜିତ୍ କୁମାର ମିଶ୍ର*

ଲୁହ ଜଳ ଭରା ପୃଥିବୀକୁ ଲେଉଟିଛି
ଆଉ ଏକ ନୂଆ ସକାଳ,
ପୋଡା ଗନ୍ଧ ବାହାରୁଥିବା ଗଣ୍ଡିଲିକୁ
ଧୋଇଦେଇ ଆଖିରେ ସପନ ଛଳଛଳ ।

ସମୁଦ୍ରର ପିୟାସୀ ପଣ,
ପକ୍ଷୀର କୂଜନ,
ସେ କବିତା ହେବ ରକ୍ତ ମାଂସ ହାଡରେ ତିଆରି
ଅନୁଭବିବେ ସର୍ବସାଧାରଣ,
ଯାହା ଥିଲା ଏଯାବତ ଅନାବିଷ୍କୃତ ସ୍ଫୁରଣ ।

ଶୀତ ବି ଥମିଛି ସରାଗର ଉଷ୍ମତାରେ,
କାଠ ହୋଇଯାଇଥିବା ଓଠରୁ
ଝରୁଛି ସବୁଜ ହସ
ନୂଆ ବେଶ ପୋଷାକରେ,
ଢାଳିଦିଅ ଆଉ କିଛି ଅବ୍ୟକ୍ତ
ଅବାରିତ ମିଠା ମହୁ
କାଳିମା ହଟୁ ହୃଦ ଅଗଣାରେ ।

ମାଛ ଖାଇ ତଣ୍ଟିରେ କଣ୍ଟା ଲାଗିଥିବା କଥା
ଭୁଲିଯାଅ,
ମହୋତ୍ସବରେ ଧସ୍ତାଧସ୍ତିକୁ ଭୁଲିଯାଅ,
ପେଟପାଟଣା ପାଇଁ
ଗୋଡକୁ ଅରୁଣ ସ୍ତମ୍ଭ ଭାବି
ମୁଠେଇଥିବା କଥା ଭୁଲିଯାଅ,
ଆଉ ଏକ ନୂଆ ସକାଳରେ ଆଲୋକିତ ହେଉ
ଆୟୁଷ ଅଗଣା,
କେମିତି ହେବ କେବଳ ତୁମକୁ ହିଁ ଜଣା ।

ନୂଆ ବର୍ଷ ବୋଇଲେ କଣ
ଆତସବାଜିର ଜାଗରଣ,
ନୀରିହ ନିଶ୍ୱାସର ଅପହରଣ,
ଫାଶ ଭିତରେ ରାସ କରିବାର
ଫନ୍ଦି ଫିକର,
ବିଲେଇ ପରି ଲୁଚି ଲୁଚି ପିଉଥିବା କ୍ଷୀର,
ଡେରି ହେଲେ ବି ନୂଆ ସକାଳର
ଛାତି ଚିରି ଦେଖ
ତା ସବୁଜ ସାତ୍ତ୍ୱିକ ରକ୍ତକୁ
ଦେହରେ ମାଖ ।

ମନ ଯଦି ହୁଏ ଧର୍ମପଦ,
ମନ ଯଦି ହୁଏ ବାରଶ ବଢେଇ
କୋଣାର୍କ ଆଉ ଅବା କେତେ ଦୂର,
ନୂଆ ସକାଳ ତ ବିଛୁରି ଦେଇଛି
ସମ୍ଭାବନାର ବୀଜ,
ତୁମକୁ
ହଁ ହଁ ତୁମକୁ ହିଁ କେବଳ
ହେବାକୁ ପଡିବ ସଜବାଜ ।

ହାତ ବଢାଅ ସେ ପଞ୍ଜୁରୀ ଆଡକୁ
ଯେଉଁଠି ଶୁଆ ହେଉଛି ଛଟପଟ,
ହାତ ବଢାଅ ସେ କଟା ହାତ କଟା ମୁଣ୍ଡ ଆଡକୁ,
ହାତ ବଢାଅ ସେ ଦୁଇ ଖଣ୍ଡ ହାଡରେ
ଦୋହଲୁଥିବା କଙ୍କାଳ ଆଡକୁ,
ସେମାନେ ବି ଦେଖିବେ ନୂଆ ସକାଳ ତୁମ ପରି,
ନୂଆ ସକାଳ ଆସିଛି
ଆଉଟି ଦିଅ ଆପଣାକୁ
ଆପଣାପଣର ଲହୁଣିରେ ଭରି ।

ସକାଳର ରଙ୍ଗ ମାଖି ହେଲା ପରେ
ଦୁଃଖ ଆଉ କଣ ଯେ,
ତାତିଲା ଅତୀତ ଭସ୍ମୀଭୂତ,
ଶୁଖିଲା ବର୍ତ୍ତମାନ ମିଠା ସିକ୍ତ,
ପାରିଲାପଣର ଜ୍ୟୋତ୍ସ୍ନା ବିଧୁରିତ ରାତିରେ
ପୁରୁଣାରୁ ନୂଆ ହେବାର
ଏକ ପ୍ରଲମ୍ବିତ ଆଲୋକମୟ ମୁହୂର୍ତ୍ତ ।

ନୂଆ ସକାଳରେ ଲେଖାଯାଉ
ଏକ ନୂଆ କବିତା,
ଯେଉଁଥିରେ ଥିବ ଦୀପର ଦରଦ,
ମାଟିର ଭୁରୁଭୁରୁ ବାସ୍ନା,
ଆକାଶର ଅନୁରାଗ,

ବିଷାକ୍ତ କୀଟ ପରି
କୋରି କୋରି ଖାଉଥିବା କଳାରାତି ପାହୁ
ଅପୂର୍ବ ପୂର୍ବାଶାର ଆଉ ଏକ ନୂଆ ସକାଳରେ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

## ଭୁତ କାହାଣୀ (୧)



**ପ୍ରଭାତ କୁମାର ଦାସ**

ଗିରିଜା ବାବୁଙ୍କ ପାଇଁ, ମନରେ ଅପ୍ରମିତ ଶ୍ରଦ୍ଧା, ଯାହାର ସୀମା ସରହଦ କୌଣସି ସମ୍ପର୍କିତ ରେଖା କେବେ ଛୁଇଁ ପାରେନା । 'ଜେଜେ' କାହାଣୀଟି ପଢି, ସେ ଅନୁରୋଧ କରିଥିଲେ, ଅତୀତ ସ୍ମୃତିର ଫିଙ୍ଗା ପାଉଁଶ ଭିତରୁ, ଜେଜେଙ୍କ ଭୁତ କାହାଣୀ କେତୋଟି, ପାଛୁଡି ଆଣିବାକୁ । ଆଜିଟି, ତାଙ୍କରି ଇଚ୍ଛାର ପ୍ରଥମ ସ୍ମରଣ-

ଆମ ଗାଁ, ଭାର୍ଗବୀନଦୀ କୂଳରେ ଗଙ୍ଗାନାରାୟଣ ପୁର । ଜେଜେ ଗାଁରେ ରହୁଥିଲେ । ଚାଷବାସ ବୁଝୁଥିଲେ । ଆମର କିଛି ନଈକୂଳରେ ଜମିଥିଲା । ସେଥିରେ ବଢିପାଣି ପଟୁ ମାଡେ । ଆଠମାସ ପନିପରିବା ଚାଷ ହୁଏ । ଚାଷ କାମ ପାଇଁ, ଦି ଜଣ ହଳିଆ ଥିଲେ- ଉଦିଆ, ଦୂତୀଆ । ସେଇ ଜମିର ଅଧେ ପୋଲାଙ୍ଗ ତୋଟା-ବାକି ଅଧାରେ,ବାଇଗଣ, କଲରା, କାକୁଡି, ଖଡା ପ୍ରଚୁର ହୁଏ । ଖରାଦିନେ ନଈ ପଠାରୁ, ତେଣ୍ଡାରେ ଜମିକୁ ପାଣି ମଡାହୁଏ । ରାତି ଥାଉ ଥାଉ ପାଣି ନମଡେଇଲେ, ସକାଳୁ ଆଉ କିଏ ବୋହିଦିଏ, ଧାରରୁ ପାଣି ଶୁଖିଯାଏ । ସେଦିନ ଜେଜେ, ଦି ହଳିଆଙ୍କୁ ବରାଦ କଲେ, ରାତିରୁ ଯାଇ, ତେଣ୍ଡାରେ ପାଣି ବୋହିଦିଅ । ବାଇଗଣ କିଆରିର ମାଟି ଶୁଖି ଗଲାଣି । କେତେ ଫୁଲକଷି ଧରିଛି, ପାଣି ନପାଇଲେ ସବୁ ଶୁଖି ଝଡିଯିବ । ଦିଜଣଯାକ ରାଜି ହେଲେ, ପହରେ ରାତି ଥିବ-ଦିହେଁ ଡକାଡକି ହୋଇ ଯାଇ ପାଣି ମଡେଇ ଦେବେ ।

ସେକାଳରେ ସମୟ ଜାଣିବା ପାଇଁ, ଘଡି ନଥିଲା । ଦିନରେ ଖରାକୁ ଦେଖି, ରାତିରେ ବିଲୁଆ ଭୁକିଲେ, ଲୋକେ କେତେ ପହର ରାତିହେଲା ଜାଣୁଥିଲେ । ଦି ହଳିଆ ଆମ ତଳ ବାରିରେ ଘରକରି ରହୁଥିଲେ । ଦି ଜଣ ନିଜ ଭିତରେ କଥାବାର୍ତ୍ତା ହୋଇ ଠିକ କଲେ, ଯାହାର ଆଗ ନିଦ ଭାଙ୍ଗିବ, ସେ ଆରଜଣକୁ ଡାକିବ । ନଈକୂଳ ଜମିଟା କୋଶେ ବାଟ, ଯିବାକୁ ଘଡିଏ ସମୟ ଲାଗିବ । ନଡାରେ ହୁଳାଟାଏ ବନେଇ, ଦୂତୀଆ ଦୁଆର ମୁହଁରେ ରଖିଲା । ନିଆଁ ଟିକିଏ ଧରେଇ, ସେଇ ଆଲୁଅରେ, ରାତିରେ ବାଟ ଦେଖି ଯିବେ । ରାତି ଅଧରେ ଯିବେ ବୋଲି ସଞ୍ଜପହରୁ ଖାଇପିଇ ଶୋଇ ପଡିଲେ ।

ଅଧରାତିରେ, ଦୂତୀଆ ଦୁଆର କିଏ ଖଡଖଡ କଲା । ହଁ-ହଁ-ଯାଉଛି କହି ସେ ତାଟି ଖୋଲିଲା ବେଳକୁ, ଧଳା ଛାଇ ଭଳି ଲୋକଟେ, ଖଣ୍ଡେ ଦୂରକୁ ଆଗେଇ ଗଲାଣି । ହୁଳାରେ ନିଆଁ ଧରେଇ, ସେ ଯେତେ ଶୀଘ୍ର ପାହୁଣ୍ଡ ପକେଇଲେ ବି, ସେ ଛାଇଟା ଆଗେଇ ଯାଉଥାଏ । ଏମିତି ଦିହେଁ ଆଗପଛ ହୋଇ, ନଈକୂଳର ଜମି ପାଖରେ ପହଞ୍ଚି ଗଲେ । ଦୂତୀଆକୁ ଅପେକ୍ଷା ନକରି, ଭୁସଭୁସ ହୋଇ ସେ ଛାଇଟା ଯାଇ ତେଣ୍ଡାରେ ପାଣି ଉଠେଇଲା । ଏଣେ ଦୂତୀଆ ସିଆର କାଟି, କିଆରିକୁ ପାଣି ଚଳେଇଲା । ଘଡିଏ ଭିତରେ, ସାରା ଜମିତକ ପାଣି ମାଡିଗଲା । ରାତି ପାଇନଥାଏ । ବଡ ତରାଟି ମଝି ଆକାଶରେ ଝୁଲୁଥାଏ । ଦୂତୀଆ ସେଇଠୁ ଆବାଜ ଦେଇ କହିଲା- ଚାଲ, ରାତି ପାହିବାକୁ ଆହୁରି ଡେରି ଅଛି । ଏଠି କଣ କରିବା ? ଘରକୁ ଯାଇ, ଟିକିଏ ଗଡପଡ ହେଲେ ଆସକତ କମିଯିବ । ସକାଳେ ପୁଣି ହଳ ନେଇ ଯିବାକୁ ଅଛି ।

ସେତେବେଳକୁ ସେ ଛାଇଟା କେତେ ଆଗକୁ ଚାଲିଗଲାଣି । ଦୂତୀଆ ଯେତେ ପାଟି କରି ଡାକିଲେ ବି, ସେ ଛାଇଟା ଖାଲି ହୁଁ ହୁଁ କହି ଆଗକୁ ଚାଲିଯାଉଥାଏ । ଏମିତି ପୋଲାଙ୍ଗ ତୋଟା ପାର ହେଲା ପରେ, ସେ ଆଉ ଜମା ଦେଖାଗଲା ନାହିଁ । ସେଇ ଅନ୍ଧାର ଭିତରେ ଘରକୁ ଫେରିଲା ବେଳକୁ, ଶୁଣିଲା-ଉଦିଆ, ତା ଦୁଆରେ ଡାକ ପକଉଛି । ତା ସ୍ତ୍ରୀ ଭିତରୁ ଜବାବ ଦଉଛି- ସେ ତ କେତେବେଳୁ ପାଣି ମଡେଇବାକୁ ଗଲେଣି, ଆଉ ତମେ ଏଇନେ କଣ ଡାକୁଛ ?

ଏତିକି ବେଳେ ଦୂତୀଆ ସେଠି ପହଞ୍ଚିଗଲା । ଉଦିଆ ତାକୁ ପଚାରିଲା, ମତେ ନଡାକି ତୁ ଏକୁଟିଆ ପଳେଇଲୁ ? ଦୂତୀଆ ଆଶ୍ଚର୍ଯ୍ୟ ହୋଇ ତାକୁ କହିଲା- କିରେ, ତୁ ପରା ମତେ ଡାକିଲୁ । ଦିହେଁ ଯାଇ ପାଣି ମଡେଇ ଫେରିଲେ । ତୁ ଏମିତି ଛୋପରା ହଉଛୁ କାହିଁକି ? ଉଦିଆ କହିଲା- ଆରେ ମୁଁ ତ ଏଇନେ ନିଦରୁ ଉଠିଲି- ଡେରି ହେଲାବୋଲି ତତେ ଡାକୁଛି । ମୁଁ କେତେବେଳେ ତୋ ସାଙ୍ଗରେ ଗଲି ?

ଦୂତୀଆ ଆବାକାବା ହୋଇ ତା ମୁହଁକୁ ଚାହିଁଲା । କହିଲା-ଚାଲିଲୁ ବାବୁଙ୍କ ପାଖକୁ-

ରାତି ପାହି ଆସୁଥିଲା । ଏମାନଙ୍କ ଡାକ ଶୁଣି, ଜେଜେ ଧଡପଡ ହୋଇ, ଉଠି ଆସିଲେ । ଦିହିଁଙ୍କ ମୁହଁରୁ ସବୁ ଶୁଣିଲେ । କହିଲେ, ଚାଲିଲ, ଯିବା ନଈକୂଳ ଜମି ପାଖକୁ । ସମସ୍ତେ ଯାଇ ସେଠାରେ ପହଞ୍ଚିଲେ । ଜମି ପାଣିରେ ଲହଡି ଭାଙ୍ଗୁଥିଲା ।

ଜେଜେ ଦିହିଁଙ୍କୁ ବୁଝେଇ କହିଲେ, ଆରେ ତମ ଭାଗ୍ୟ ଟାଣ, ତମେ ଆଜି ବଞ୍ଚିଗଲ । ତମେ ରାତି ଅଧରେ ଡକାଡକି ହୋଇ ଯିବ ବୋଲି କଥା ହୋଇଥିଲ, ସେ କଥା ଭୁତ ଶୁଣିଥିଲା । ସେଇ ଭୁତ ରାତିରେ ଦୂତୀଆକୁ ଡାକି ନେଲା । ଭାଗ୍ୟ ଟାଣ ବୋଲି ସେ ତା ହାବୁଡରୁ ଚାଲି ଆସିଛି ।

ସେଦିନ ଜେଜେ ଗାଁ ଠାକୁରାଣୀଙ୍କୁ ମାଜଣା କଲେ- ଦୂତୀଆକୁ ପାଦୁକ ପାଣି ପିଆଇଲେ । ଗୋଟିଏ ଡେଉଁରିଆଟିଏ ତିଆରିକରି, ତା ହାତରେ ବାନ୍ଧିବାକୁ ଦେଲେ ।

ଏଇଟି ଜେଜେ ମୋତେ କହିଥିବା ଗୋଟିଏ ଭୁତ କାହାଣୀ-ସତୁରୀ ବର୍ଷ ତଳେ, ପାଟି ଆଁ କରି, ଦିହ ଶିଠେଇ ଗଲା ଭଳି ମୁଁ ତାଙ୍କ କଥା ଶୁଣିଥିଲି-

*ମୋ-୯୪୩୭୦୧୫୨୫୦*

## କବିତାର ଧାରେ

*ପ୍ରଶାନ୍ତ ବ୍ରହ୍ମା*

ଏକାନ୍ତରେ ବସି ଅନେକ ଭାବନା
ଭାବେ ମନେ କେତେ କଥା
ଦିଆଖି ବୁଲେଇ ଦେଖେ ଯେବେସବୁ
ବୁଲେ ତାର ସେହି ମଥା ।

ଭାବେ ବସି ସେହି ଲେଖନ୍ତି ଯେ ମୁହିଁ
କବିତାର ଧାରେ ଧାରେ
ଅଭୁଲା ସ୍ମୃତିସେ ହୋଇଯେ ରୁହନ୍ତା
ହୃଦୟର ବସା ଘରେ ।

କାଗଜ କଲମ ଧରି କଷେ ସେହି
କବିତାର କେତେ ଅଙ୍କ
ଏକାନ୍ତରେ ବସି ଲେଖି ଚାଲେ ସେହି
ଭାବନାର କେତେ ବାଙ୍କ ।

ତଥାପି ମନରେ ପାଏନାହିଁ ଶାନ୍ତି
ଭାବେ ଆଉ କେତେ କଥା
କିପରି ହୋଇବ ପୁରଣ ଯେ ଏହା
ଲିପିବଦ୍ଧ ହେବ ଗାଥା ।

*ପଳାଶପୁର, ଖୋର୍ଦ୍ଧା*

## ନୂଆବର୍ଷ ଏମିତି ଆସିବୁ

*ଅନସୂୟା ପଣ୍ଡା*


କାକର ବୁନ୍ଦାରେ ପ୍ରତିଶ୍ରୁତିର ପଦ୍ମ ଫୁଟେଇ
ଉହ ଉହ ଝାଞ୍ଜିରେ ଶୀତଳ ପବନ ଆଣି
ପବନ ଶିରାରେ ପ୍ରୀତିର ଧାରା ଭରି
ଅଦିନ ମେଘରେ ଇନ୍ଦ୍ରଧନୁ ଖଞ୍ଜି
ଅନ୍ଧାରରେ ଆଶ୍ୱାସନାର ଜ୍ୟୋତ୍ସ୍ନା ଝଲକାଇ
ନୂଆବର୍ଷ ବିନା ଅପେକ୍ଷାରେ ଏମିତି ଆସିବୁ ।
ବିଦାୟୀ ବର୍ଷରେ ଫେରିବା ରାତିରେ
ଦରଫୁଟା ସ୍ୱପ୍ନକୁ ସାଉଁଟିବୁ ସରାଗେ
ପଥରରେ ପ୍ରାଣ ଦେବୁ ଭରି ପ୍ରଣବ ମନ୍ତ୍ରରେ
ନୂଆବର୍ଷ ଆଗମନୀର ଅସ୍ପଷ୍ଟ ସମ୍ଭାବନାରେ ।
ଶୋଷିତର ମସୃଣ ମନରେ
କିଛି ବାଲି ଭରିଦେବୁ
ରଙ୍ଗଛଡା କାନ୍ଥରେ ପଟ୍ଟଚିତ୍ର ଆଙ୍କି ଦେବୁ
ଜୀବନେ ତୃପ୍ତିର ଅମେୟ ରଙ୍ଗ ଭରି ।

ନୂଆବର୍ଷ ଏମିତି ଆସିବୁ
ଫୁଲର ଶୁଷ୍କ ଓଠରେ ଅସ୍ମିତାର ଆର୍ଦ୍ରତା ଭରିବୁ
ସମୟର ପାଦରେ ସମ୍ବେଦନାର ନୂପୁର ଖଞ୍ଜିବୁ
ପାରିଜାତି ଭାବନାର ମନ୍ତ୍ର ପାଣି ଛିଞ୍ଚିବୁ
ଶୂନ୍ୟତାରେ ପୂର୍ଣ୍ଣତାର ଶଙ୍ଖନାଦ ଭରିବୁ ।
ଆସିବା ନିଶ୍ଚୟ ତୋର
ଅନୁରୋଧର ପାହାଚେ ଆଶା ଉପରେ
ଶ୍ରୀପାଦ ଥାପିବୁ
ନୂଆବର୍ଷ ଏମିତି ସୁର ତାଳ ଲୟରେ ଆସିବୁ ।

*ବୁର୍ଲା, ସମ୍ବଲପୁର*
*ମୋ-୯୪୩୯୨୧୧୯୭୧*

## ପାଇଛୁ... ପଢ଼ିଛୁ...

### ଅନ୍ଧାର ବି ଆପଣାର



ପ୍ରକାଶ ପାଇଛି ଯୁବଲେଖିକା ବିକାଶୀ ପ୍ରିୟଦର୍ଶିନୀ ରାଉତଙ୍କ ପ୍ରଥମ ଉପନ୍ୟାସ 'ଅନ୍ଧାର ବି ଆପଣାର' । ଏହି ଉପନ୍ୟାସ ଲେଖିବା ପୂର୍ବରୁ ବିକାଶୀଙ୍କ ଅନେକ କ୍ଷୁଦ୍ର ଗଳ୍ପ ବିଭିନ୍ନ ପତପତ୍ରିକାରେ ପ୍ରକାଶ ପାଇ ପାଠକଙ୍କୁ ଆକର୍ଷିତ କରିପାରିଛି । 'ଅନ୍ଧାର ବି ଆପଣାର' ବିକାଶୀଙ୍କ ପ୍ରଥମ ଉପନ୍ୟାସ ହେଲେ ମଧ ଲେଖିଲାବେଳେ ସେ ଯଥେଷ୍ଟ ସତର୍କତା ଅବଲମ୍ବନ କରିଛନ୍ତି । ହଠାତ ପ୍ରବାହମାନତାରେ ଭାସିଯାଇ ଉପନ୍ୟାସକୁ କ୍ଲାନ୍ତିକର କିମ୍ବା କ୍ଲିଷ୍ଟ ନ କରି ବରଂ ଶବ୍ଦଚୟନ ଏବଂ ବାକ୍ୟର ବ୍ୟବହାରରେ ସଂଯମତା ରକ୍ଷା କରିଛନ୍ତି । ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିଛନ୍ତି ମାତ୍ର ତାହା ତୀବ୍ର କିମ୍ବା ଉଗ୍ର ନ ହୋଇ ନିରବ ଏବଂ ଶାଣିତ ହୋଇଛି । ନାରୀଟିଏ ସହନଶୀଳତାର କେତେ ଯେ ଦୂରକୁ ଯାଇ ନିଜକୁ ଜାଳି ଚାଲିଥାଏ ତାହା ଏଠି ଖୁବ୍ ମାର୍ମିକ ଭାବେ ବର୍ଣ୍ଣନା କରିଛନ୍ତି ସେ । ବିବାହିତା ନାରୀଟିଏ ନିଜ ପରିବାର ଏବଂ ସ୍ୱାମୀଙ୍କ ପାଇଁ ସବୁକିଛି ତ୍ୟାଗ କରୁଥିବାବେଳେ ବଦଳରେ ପାଏ କେବଳ ତିରସ୍କାର ଏବଂ ବିଶ୍ୱାସଘାତକତାର ପୁଳାଏ ଉପହାର । ତିଳ ତିଳ ହୋଇ ନିଜ ଜୀବନ ଜାଳିଦେଲେ ମଧ ନା ତାକୁ କେହି ବୁଝିଥାନ୍ତି ନା ତା ପ୍ରତି ଥାଏ କାହାର ସାମାନ୍ୟ ସମ୍ବେଦନା । ବିବାହ ପରେ ନାରୀଟିଏ ଚକ୍ରବ୍ୟୁହରେ ଫସିଯାଏ ଅଥଚ ସେହି ଚକ୍ରବ୍ୟୁହରୁ ମୁକୁଳିବାର ସ୍ୱପ୍ନ କେବେ ଦେଖିନଥାଏ । ତଥାପି ସମାଜ ତାର ତ୍ୟାଗ ତିତିକ୍ଷାକୁ ଉପେକ୍ଷା କରିଥାଏ ସେ ବଂଚିଥିଲାଯାଏ । ସମୟାନୁକ୍ରମେ ସେହି ନାରୀର ଅସୁସ୍ଥତା କିମ୍ବା ଅସହାୟତାକୁ ସ୍ୱାମୀ, ପରିବାର, ସମାଜ, ସହକର୍ମୀ ଏପରିକି ନିଜ ରକ୍ତର ସନ୍ତାନ ମଧ ବେଖାତିର କରି ଦୂରେଇ ଦିଏ । ବଞ୍ଚିବା ଏହି ସମୟରେ ଦୁରୁହ ହୋଇଯାଏ ମାତ୍ର ବିକାଶୀ ସାହସିକତାର ପରିଚୟ ଦେଇ ନିଜ ସୃଷ୍ଟ ଚରିତ୍ରର ହାତ ଧରି ବଂଚିବାର ରାହା ଦେଖାଇଛନ୍ତି । ପାଠକଟିଏ ଏହି ଉପନ୍ୟାସକୁ ପ୍ରଥମେ ପଢିଲେ ଏହା ବିକାଶୀଙ୍କ ପ୍ରଥମ ଉପନ୍ୟାସ ବୋଲି ଭାବିବନି, ବରଂ ଏହା ଏକ ଅଭିଜ୍ଞ ହାତର ଉପନ୍ୟାସ ପରି ତାକୁ ଲାଗିବ । ଏହି ଉପନ୍ୟାସକୁ ଲେଖିଲାବେଳେ ବିକାଶୀ ଯେଉଁ କଳ୍ପିତ ଦୁଃଖଦ ପରିବେଶ ଦେଇ କିଛିଦିନ ଗତି କରିଛନ୍ତି ତାକୁ ଖୁବ୍ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି । ଉପନ୍ୟାସର ବିଷୟବସ୍ତୁ ଚୟନ କରି ତାକୁ ସଂପ୍ରସାରଣ କରିବା କିଛି ସହଜ କଥା ନୁହେଁ । ଉପନ୍ୟାସରେ ଅନେକ ଚରିତ୍ରଙ୍କୁ ନେଇ ଏକ ବଡ କାନଭାସରେ ଯୋଡିବାକୁ ପଡିଥାଏ । କେଉଁଠି ଟିକିଏ ଯୋଗାଯୋଗ ବିଚ୍ଛିନ୍ନ ହେଲେ ସମୁଦାୟ ଉପନ୍ୟାସଟି ପଢିବାର ଯୋଗ୍ୟତା ହରାଏ । ପାଠକ ସେଥିରୁ ମୁହଁ ଫେରେଇ ନିଏ । ମାତ୍ର ପାଠକଙ୍କପାଇଁ ଖୁସିର କଥା ଯେ ବିକାଶୀ ଏହି ସବୁ ବିଷୟ ପ୍ରତି ଯଥେଷ୍ଟ ଯତ୍ନବାନ । ତେଣୁ ଏହା ପାଠକଙ୍କୁ ଆକର୍ଷିତ କରିପାରିବ ଏଥିରେ ସନ୍ଦେହ ନାହିଁ । ବାଗ୍ମୀ ପବ୍ଲିକେସନ୍ସ ଦ୍ୱାରା ପ୍ରକାଶିତ ୧୨୦ ପୃଷ୍ଠାର ଏହି ଉପନ୍ୟାସର ମୂଲ୍ୟ ରହିଛି ମାତ୍ର ୧୮୦ଟଙ୍କା ।

### ସମାରୋହ



ପ୍ରକାଶ ପାଇଛି ଡିସେମ୍ବର ସଂଖ୍ୟାର ସମାରୋହ । ସବୁଥର ପରି ଏହି ସଂଖ୍ୟାରେ ଅନେକ ବରିଷ୍ଠ ଏବଂ କନିଷ୍ଠ ଲେଖକଙ୍କ ଲେଖା ପ୍ରକାଶ ପାଇଛି । ଏହି ସଂଖ୍ୟାରେ ପ୍ରବନ୍ଧରେ ଅଛନ୍ତି ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ଏବଂ ଡ.ସୁଚେତା ରାଉତ । କଥା ଓ କାହାଣୀରେ ଅଛନ୍ତି ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ, ଡକ୍ଟର ତ୍ରିନାଥ ପଟ୍ଟନାୟକ, ଡାକ୍ତର ଶ୍ରୀପ୍ରସାଦ ମହାନ୍ତି, ବିଜୟ ପଟ୍ଟନାୟକ, ଚୌଧୁରୀ ବରଦାପ୍ରସନ୍ନ ଦାସ, ନଗେନ୍ଦ୍ରନାଥ ପଟ୍ଟନାୟକ, ମନୋଜ କୁମାର ଜେନା, ଡକ୍ଟର ଚନ୍ଦ୍ରକଳା ନାୟକ ପ୍ରମୁଖ ଏବଂ କବିତାରେ ଅଛନ୍ତି ନରହରି ମିଶ୍ର, ଅଜୟ ପ୍ରଧାନ, ଡା. ମନୋରଞ୍ଜନ ଦାଶ, ରମେଶ ଚନ୍ଦ୍ର ସାହୁ, ନୀଳକଣ୍ଠ ବେହେରା, ପୀୟୁଷ ପଟ୍ଟନାୟକ, ପଲ୍ଲବୀ ଦାସ ପ୍ରମୁଖ । ଏହା ସହ ନିୟମିତ ବିଭାଗ ମଧ୍ୟରେ ରହିଛି ତନ୍ମାତ୍ର, ଖେଳ ଓ ଖେଳାଳୀ, ଜ୍ୟୋତିଷ ବିଚାର ପ୍ରଭୃତି । ଏହାର ପୃଷ୍ଠା ସଂଖ୍ୟା ୬୦ ଥିବାବେଳେ ମୂଲ୍ୟ ରହିଛି ମାତ୍ର ୨୦ ଟଙ୍କା ।

## ଆଶା ଗୀତ

*ସୁଶୀଲ କୁମାର ପାଣିଗ୍ରାହୀ*

କଣ୍ଟା ମୁନରେ
ମୋର ପାଦ
ପାଦ ମୋର ପୃଥିବୀ
ବୁନ୍ଦାଏ ରକ୍ତ
ମୋର କାହାଣୀର ଅ ଠୁ କ୍ଷ
ଆକାଶ ଅଛି
ହେଲେ ମୋର ଡେଣା କାହିଁ
ନୀଳିମା ଝଟକୁଛି
ହେଲେ ମୋ ପାପୁଲି ଖାଲି
ମେଘମାନେ କଣ ଜାଣିବେ
ମୋ ସ୍ୱପ୍ନବୀଜର ଠିକଣା

କଳା ଆକାଶଟି
ମୋର ଇହକାଳ ପରକାଳର
ହିସାବ ଫର୍ଦ୍ଦ
ନିରାଶ ନୁହେଁ ମୁଁ
ମୋର ସବୁ ନୀରବତା ବି
ଏବେ ଆଶା ଗୀତ
ଯେତେ ତାରାଫୁଲ ଦେଖୁଛ
ତାହା ମୋର ପୁନର୍ଜନ୍ମ ।

*କଲ୍ୟାଣୀ ରେସିଡ଼େନ୍ସି, ଜଲାନଗଳି,*
*ଫ୍ଲାଟ୍-୨୦୩, ସମ୍ବଲପୁର-୨*
*ଫୋନ୍-୮୧୪୪୨୮୨୦୨*

## ନୂଆ ବରଷ ଆ...

*ଦୁଷ୍ମନ୍ତ ବେହେରା*

ନୂଆରୂପ ମେଳଣରେ ସଜେଇହୋଇ
ଆସିଛୁ ଯଦି ଆ....
ଦେଖିବ ତୋ ହସ ଲାଜକୁଳା
ଯୌବନ ଚାହାଣି ଆହା ॥

ନୂଆ ଆଶା ନୂଆ ସ୍ୱପ୍ନ ନେଇ
ନୂଆ ବରଷଟି ଆ....
ତୁମ ବାଟକୁ ଅପେକ୍ଷା କରିଛି
ସାଥୀ କାନେ କହିବି ତୁମ କଥା ॥

ଦୁଃଖ ସୁଖ, ଭଲ ମନ୍ଦ ନେଇ
ନୂଆ ବରଷଟି ଆ....
ଜୀବନ ଦ୍ୱୀପକୁ ଆଲୋକିତ କରି
ହସେଇ ଦେଇ ଯା ॥

ତମ କୂଳେ ଦିନରାତି -ଏ କୂଳ ଭାଙ୍ଗି
ଆର କୂଳ ଗଢି ଦିଅ ...
ତୁମେ ସମୟ ସ୍ରୋତର ଖେଳ
ଫଟାଭୂଇଁ ଦେଖି ହସଫୁଟେଇ ଦିଅ ॥

ଚହଳ ସହଳ ମରୁଜ ମୁଖ୍ଶୀ
ଭାଷା ରାଇଜର ମସିହା ...
ପୁରୁଣା ବରଷକୁ ବିଦାୟ ଦେଇ
ନୂଆ ବରଷଟି ଆ ॥

ଇତିହାସ ଦେଖିଅଛି ପୁରୁଣା ଚିତ୍ର
ଅଭୁଲା ସ୍ମୃତି ର କଥା...
ଚିର ଚିତ୍ରଣ ଗୁଡିକ କହୁଥିବେ
ନୂଆ ବରଷଟି ଆ ॥

ଝଡି ବଢି ଖରା ବତାସକୁ ନେଇ
ନୂଆ ବରଷଟି ଆ...
ହସେଇ, କନ୍ଦେଇ, ଖେଳେଇ, ମଜେଇ
ନୂଆ ବରଷଟି ଯା ॥

ନୂଆ ଆଶା ନୂଆ ପୋଷାକ ନେଇ
ନୂଆ ବରଷଟି ଆ...
ସାଙ୍ଗ ସାଥୀ ମେଳେ ଜନେ ହସୁଥିବେ
ବାଣ୍ଟୁଥିବେ ନୂଆ ବରଷର ଗାଥା ॥

ମଳିନ ପଡିଛି ପୁରୁଣା ଦେହ
ଯୁବାହୋଇ ଉଠିବ ନୂଆ ଯୌବନ
ଜୀବନ ଲକ୍ଷ୍ୟ ହସଖୁସିକୁ ନେଇ
ନୂଆ ବରଷଟି ଆ ....

*ରାସୋଳ-ମୁଣ୍ଡିଆପଷି, ଢେଙ୍କାନାଳ*
*ମୋ-୬୩୭୨୨୨୬୭୨୨*

## ଏ ବର୍ଷର ଶେଷ କବିତା

*ଡ. ଦୀପକ କୁମାର ମିଶ୍ର*

ମୁଁ ଜାଣେ
ଆଜିଯାଏଁ ଲେଖିପାରିନି ବିଶେଷ କିଛି
କାହା ହୃଦୟକୁ ସରୁ ସିଆରଟେ କାଟି
ମଡେଇ ପାରିନି ପ୍ରେମର ଆଞ୍ଜୁଳାଏ ପାଣି
ଯାହା ବି ଲେଖିଛି ଅଳ୍ପ ବହୁତ
ମନେହୁଏ ଅର୍ଣ୍ଣବକୁ ଅର୍ଦ୍ଧପୂର୍ଣ୍ଣ ଶଙ୍ଖଟିଏ ପରି

ଏହା ମଧ ଭଲଭାବେ ଜାଣେ ଯେ
ବହୁବାର ଭାବ ଅପପୃଷ୍ଟିର ଶିକାର ହୋଇ
ଛଟପଟ ହେଉଥିବା
କବିତା ମାଧୁର୍ଯ୍ୟର ରୁଗ୍ଣ ପ୍ରେମୀଟିଏ ମୁଁ
ଯିଏ କବିତାକୁ ଖୁବ୍ ଭଲପାଏ
ନୁଖୁରା ଯୌବନରେ
କେଉଁ ମନେଇ ଝିଅକୁ ଭଲ ପାଇଲା ପରି

ଅତୀନ୍ଦ୍ରିୟ ଉଜାଗରଟିଏ ଛଡ଼ା
କବିତା ମତେ କିଛି ବି ମାଗିନି ଆଜିଯାଏଁ
ମା' ଦୁଧଭାତ ବଳେଇ ଖୋଇଦେଲା ପରି
ପ୍ରେମିକାର ଆର ହିରଣ୍ମୟୀର ଋହାଣିଟେ ପରି
ସିଏ ହିଁ ଭାବକୁ ଉସେଇଁ ଶବ୍ଦ ଖୋଜେ
ମୋ ହାତକୁ ବଢ଼େଇଦେଇ
କହେ - ପାଗଳା ଟା,
ନେ ଗଣ୍ଡେ ଲେଖ ଆବୁରୁଜାବୁରୁ ....ମୁଁ ଅଛି

ସମର୍ପିତ ସ୍ୱୀକାରୋକ୍ତିରେ ବରଂ କହିରଖେ
ସମ୍ପର୍କର ଅଭାବପଣ ଓ ବିରୋଧାଭାସକୁ ହିଁ
ମୁଁ ମୋ କବିତାରେ ଲେଖେ
ହୁଏ ତ ହୋଇପାରେ କେବଳ ମୋ ପାଇଁ
କାରଣ ଦିନେ କୈବଲ୍ୟ ଓ କବିତା ମଧରୁ
ମୁଁ କବିତାକୁ ହିଁ ବାଛିଥିଲି
ଅପୂର୍ଣ୍ଣତାର ଚିର ଆହ୍ଲାଦରେ

କେତେବେଳେ ଅଝଟ ପ୍ରେମିକା
କେତେବେଳେ ଛୁଆ ରଙ୍କୁଣୀ ମା'
ମୁଣ୍ଡ ଉପରେ ହାତ ଥୋଇ, ବୋକ ଦେଇ,
କାନିରେ ମୁହଁ ପୋଛି କହେ-
ଋଲ, ଜୀବନର ସବୁ ଅଡୁଆଖିଅର
ସମାଧାନ ସୂତ୍ର ମୋ ପାଖରେ ଅଛି

ଯେତେବେଳେ ସାରା ଦୁନିଆ
ମତେ ମାଡ଼ି ମକଚି ଫିଙ୍ଗିଦେଇଥିଲା
ଦୁର୍ଦ୍ଦିନର ଅଳିଆଗଦାରେ
ହୀନମନ୍ୟତାର ହାଣରେ
ସରି ସରି ଆସୁଥିଲା ଜୀବନର ସର୍ଗମ
ଅକାମି କରିଦେବାକୁ ଚକ୍ରବ୍ୟୁହ ରଚସରିଥିଲା
ଜୀବନର ଦ୍ୱନ୍ଦ୍ୱଯୁଦ୍ଧରେ
ମତେ ତା କୋଳକୁ ଟାଣିନେଇ
ପ୍ରବୋଧି ଥିଲା କବିତା
ବଞ୍ଚିବାର ମହାମୃତ୍ୟୁଞ୍ଜୟ ମନ୍ତ୍ରଟି ଶିଖେଇ

କବିତା ମୋର ଅହଂ ନୁହେଁ, ଆତ୍ମା
ବେଉସା ନୁହେଁ, ବୋଧିସତ୍ତା
ପରିଚୟ ନୁହେଁ, ପ୍ରତିବିମ୍ବ
ସତେକି ଫେରିବା ଠିକଣା ଭୁଲିଯାଇଥିବା
ପ୍ରବାସୀ ଶୀତପକ୍ଷୀଟିଏ,
କବିତା ମୋ ପାଇଁ
ଯୌଗିକ ରାସାୟନିକ ଉପାଦାନରେ ଗଢ଼ା
ସୌଖିନ ପଦାର୍ଥଟେ ନୁହେଁ
ବରଂ ଦୈନନ୍ଦିନ ଜୀବନଚର୍ଯ୍ୟାରେ
ବଞ୍ଚିବାର ସରଳ ଉପାୟଟିଏ କେବଳ ।

*ଭୁବନେଶ୍ୱର*

## ଡିସେମ୍ବର କବିତା

*କବିତା ମହାନ୍ତି*

ଆଉ କଣ ବା ମାଗିବି ତୁମକୁ
ଭରି ଦେଇଛ ପ୍ରଭୁ
ମୋ ଆଞ୍ଜୁଳାରେ
ମିଠା ମିଠା, ମୁଠା ମୁଠା ଖୁସି
ଚାହୁଁ ଚାହୁଁ ଓଲଟି ଗଲା କ୍ୟାଲେଣ୍ଡର ପୃଷ୍ଠା
ଦିନ ପରେ ଦିନ
ମାସ ପରେ ମାସ
ଆଉ ଏବେ ବର୍ଷ ଶେଷ

କିଛି ନାହିଁ ମୋର ଅବଶୋଷ
ମାନୁଛି, ମୋର ଲୋଡ଼ିବାପଣରେ କମ୍ ଅଛି
ହେଲେ ତୁମ ଦେବାପଣରେ ତ
କମି ନାହିଁ
ଖୋଲିଦେଇଛ ତୁମ ହାତ ମୁଠା

ଦୁଃଖ ଦେଇଛ
ସୁଖ ଦେଇଛ
କଷ୍ଟ ଦେଇଛ ସତ
କଷ୍ଟ ସହିବାକୁ ଶକ୍ତି ବି ତ ଦେଇଛ

ଜୀବନର ଅନେକ ଡିସେମ୍ବର ଭିତରୁ
ଇଏ ବି ଏକ ଡିସେମ୍ବର
କ୍ୟାଲେଣ୍ଡର ପୃଷ୍ଠା ଓଲଟୁ ଥିବ
ତାରିଖ ବଦଳୁ ଥିବ
ମସିହା ବଦଳୁ ଥିବ
କିନ୍ତୁ ଏଇ ଡିସେମ୍ବର ମୋର
ଚିର ସ୍ମରଣୀୟ ହୋଇ ରହିଯିବ
କେମିତି ବା ଭୁଲିବି ତୁମର ଦାତାପଣକୁ ! !

*ବମିଖାଲ , ଭୁବନେଶ୍ୱର*
*ମୋ-୯୯୩୭୩୪୮୨୫୦*

# ଶ୍ରୀଲଙ୍କାକୁ ୭ ୱିକେଟରେ ହରାଇଲା ଭାରତୀୟ ମହିଳା ଦଳ




**ବିଶାଖାପାଟଣା**

ବିଶାଖାପାଟଣାଠାରେ ଶୁକ୍ରବାର ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟି-୨୦ରେ ଭାରତୀୟ ମହିଳା ଦଳ ୭ ୱିକେଟରେ ବିଜୟ ହାସଲ କରିଛି। ଏହି ବିଜୟ ସହ ଭାରତ ସିରିଜରେ ୩-୦ରେ ଆଗୁଆ ରହି ସିରିଜ ହାତେଇଛି।

ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ମାତ୍ର ୧୧୨ ରନ୍ କରିଥିଲା। ଦଳ ପକ୍ଷରୁ ହର୍ଷିତା ସମରବିକ୍ରମା ୩୩ ରନ ଓ ଚମରି ଅଥପଥୁ ୩୧ ରନ କରିଥିଲେ । ଭାରତ ପକ୍ଷରୁ ବୈଷ୍ଣବୀ ଶର୍ମା ଓ ଶ୍ରୀ ଚାରଣି ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ଏହାର ଜବାବରେ, ଟିମ୍ ଇଣ୍ଡିଆ ୧୪ତମ ଓଭରରେ ଏହି ଲକ୍ଷ୍ୟ ହାସଲ କରିଥିଲା। ଶେଫାଲି ବର୍ମା ମାତ୍ର ୨୪ ବଲ୍ରେ ଅର୍ଦ୍ଧଶତକ ହାସଲ କରି ଶ୍ରୀଲଙ୍କାର ଆଶାକୁ ଧୂଳିସାତ କରିଥିଲେ। ଶେଫାଲି ବର୍ମା ୪୨ ବଲ୍ରେ ୭୯ ରନ୍ର ଅପରାଜିତ ଇନିଂସ ଖେଳିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରି, ସେ ୧୧ ଚୌକା ଏବଂ ୩ ଛକା ମାରିଥିଲେ, ଯାହାର ଷ୍ଟ୍ରାଇକ୍ ରେଟ୍ ୧୮୮ ରୁ ଅଧିକ ଥିଲା। ଅଧିନାୟିକା ହରମନପ୍ରୀତ କୌର ଅପରାଜିତ ୨୧ ରନ୍ କରିଥିଲେ। କିନ୍ତୁ, ସ୍ମୃତି ମନ୍ଧାନା ବିଫଳ ହୋଇଥିଲେ, ମାତ୍ର ୧ ରନ୍ କରିଥିଲେ। ଜେମିମା ରୋଡ୍ରିଗ୍ସ ୯ ରନ୍ କରିଥିଲେ।

# ବୈଭବ ସୂର୍ଯ୍ୟବଂଶୀଙ୍କୁ ମିଳିଲା ଦେଶର ସର୍ବୋଚ୍ଚ ପୁରସ୍କାର

**ନୂଆଦିଲ୍ଲୀ**

ଭାରତର ଯୁବ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ପ୍ରତ୍ୟେକ ଦିନ ନୂଆ ନୂଆ ସଫଳତା ହାସଲ କରୁଛନ୍ତି। ମାତ୍ର ୧୪ ବର୍ଷ ବୟସରେ ବୈଭବ କ୍ରିକେଟ ଜଗତରେ ଝଡ଼ ସୃଷ୍ଟି କରିସାରିଛନ୍ତି ଏବଂ ଅନେକ ରେକର୍ଡ ସ୍ଥାପନ କରିଛନ୍ତି। ପିଚ୍‌ରେ ତାଙ୍କର ଉଲ୍ଲେଖନୀୟ ସଫଳତା ତାଙ୍କୁ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ଦେଇଛି। ବୈଭବ ସୂର୍ଯ୍ୟବଂଶୀଙ୍କୁ ମିଳିଲା ଦେଶର ସର୍ବୋଚ୍ଚ ପୁରସ୍କାର, ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ପୁରସ୍କାର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ସ୍ୱତନ୍ତ୍ର ଉତ୍ସବରେ ବିହାରର ଏହି ଚମତ୍କାର ବ୍ୟାଟ୍‌ସମ୍ୟାନଙ୍କୁ ବ୍ୟକ୍ତିଗତ ଭାବରେ ପୁରସ୍କାର ପ୍ରଦାନ କରିଛନ୍ତି।



# ଟ୍ରାନ୍ସଜେଣ୍ଡରର ରାଷ୍ଟ୍ରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଓଡ଼ିଶା ରନର୍ସଅପ୍

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ପଞ୍ଜାବର ଲଭଲୀ ପ୍ରଫେସନାଲ ୟୁନଭରସିଟି ଠାରେ ଜାତୀୟ ଟ୍ରାନ୍ସଜେଣ୍ଡର ବ୍ୟକ୍ତିମାନଙ୍କୁ ନେଇ ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଟ୍ରାନ୍ସ ଜେଣ୍ଡର କ୍ରିକେଟ ଦଳ ରନର୍ସଅପ ହୋଇ ଓଡ଼ିଶା ପାଇଁ ଗର୍ବ ଆଣି ଦେଇଛନ୍ତି। ଡିସେମ୍ବର ଓଡ଼ିଶାର ୧୪ ଜଣିଆ ଟ୍ରାନ୍ସ କ୍ରିକେଟ ଟିମ ପଞ୍ଜାବ ଗସ୍ତ କରିଥିଲେ। ଏହି ଦଳ ପୁରୀରେ ପହଞ୍ଚିବା ପରେ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦି ବେଲ ପକ୍ଷରୁ ୟୁଥ୍ ହଷ୍ଟେଲ ଠାରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଓଡ଼ିଶା ଦଳ ସେମିଫାଇନାଲରେ କର୍ଣ୍ଣାଟକକୁ ୪୭ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ କେରଳ ସହିତ ଓଡ଼ିଶା ମୁହାଁମୁହିଁ ହୋଇଥିଲେ। ମାତ୍ର ୨ ରନ ଯୋଗୁ ଓଡ଼ିଶା ଦଳ ରନର୍ସ ଅପ ହୋଇଥିଲା। ଦୁଇ ବର୍ଷ ଧରି ଏହି ଦଳ ଭଲ ଖେଳ ପ୍ରଦର୍ଶନ କରୁଥିଲେ ମଧ୍ୟ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ନେତା ଓ ମନ୍ତ୍ରୀଙ୍କ ଠାରୁ ସହଯୋଗ ମିଳୁନାହିଁ ବୋଲି ଟିମ୍ କ୍ୟାପଟେନ୍ ସନ୍ତୋଷ କୁମାର ଜେନା (ଇମି) କ୍ଷୋଭ ପ୍ରକାଶ କରିଛନ୍ତି। ଦଳର ଉପଅଧିନାୟକ ପୁରୀର ସୁମନ ମହାକୁଡ କହିଛନ୍ତି ଶ୍ରୀଜଗନ୍ନାଥଙ୍କ କୃପାରୁ ଓଡ଼ିଶା ଟିମ ସଫଳ ହୋଇପାରିଛି। ଦଳଗତ ଶୃଙ୍ଖଳା ପାଇଁ ଓଡିଶା ଟିମ୍ ବେଷ୍ଟ ଟିମ୍ ଆୱାର୍ଡ ପାଇଛି। ସାମାଜିକ ଅନୁଷ୍ଠାନ ଦି ବେଲର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କହିଛନ୍ତି, ଟ୍ରାନ୍ସଜେଣ୍ଡର ମାନଙ୍କୁ ଅଲଗା ନଜରରେ ଦେଖନାହିଁ। ସେମାନେ ମଧ୍ୟ ଆମ ଭଳି ଜଣେ ଜଣେ ମଣିଷ। ସେମାନେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରୁଛନ୍ତି। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଦରକାର।

# ପ୍ରୀତିସ୍ମିତା ଓ କାଳୁ ଚରଣ ପାଇବେ 'ଓସ୍‌ଜା' ପୁରସ୍କାର

**ଭୁବନେଶ୍ୱର**

ପ୍ରତିଭା ସମ୍ପନ୍ନ ଯୁବ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଏବଂ ମହାନ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀଙ୍କୁ ମିଳିବ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ବାର୍ଷିକ ପୁରସ୍କାର। ପ୍ରୀତିସ୍ମିତାଙ୍କୁ ୨୦୨୫ ମସିହାର ଶ୍ରେଷ୍ଠ ଓଡ଼ିଶା ଖେଳାଳି ଏବଂ କାଳୁଚରଣ ଚୌଧୁରୀଙ୍କୁ ଜୀବନବ୍ୟାପୀ ସେବା ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ। ୨୦୨୬ ଜାନୁଆରୀ ୧୮ ତାରିଖରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଉଭୟଙ୍କୁ 'ଓସ୍‌ଜା' ବାର୍ଷିକ





ପୁରସ୍କାର ବାବଦରେ ନଗଦ ୨୫ହଜାର ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଓ ବିଶେଷ ଟ୍ରଫି ପ୍ରଦାନ କରାଯିବ। 'ଓସ୍‌ଜା'ର ଏକ ୭ ଜଣିଆ ବିଚାରକମଣ୍ଡଳି ଉଭୟଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରିଛନ୍ତି।

ନିରନ୍ତର ଭାବେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପଦକ ଅମଳ କରୁଥିବା ପ୍ରୀତିସ୍ମିତା ଏସୀୟ ଯୁବ ଭାରୋତ୍ତୋଳନ, ବିଶ୍ୱ ଯୁବ ଭାରୋତ୍ତୋଳନରେ ବିଶ୍ୱ ରେକର୍ଡ ଏବଂ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ୩ ରେକର୍ଡ ସହ ୩ ସ୍ୱର୍ଣ୍ଣ ପଦକ ଅମଳ କରି ଚର୍ଚ୍ଚାରେ ରହିଥିଲେ। ସେହିଭଳି କ୍ରୀଡ଼ା ଓ ଯୁବସେବା ବିଭାଗରୁ ଅବସର ନେଇ ସାରିଥିବା ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ ସାଢ଼େ ୩ ଦଶନ୍ଧି ଧରି ଡଜନେ ପ୍ରାୟ ଅନ୍ତର୍ଜାତୀୟ ଖେଳାଳି ଗଢ଼ିତୋଳିବା ସହ ଜାତୀୟସ୍ତରରେ ଓଡ଼ିଶାକୁ ଏକାଧିକ ଥର ପଦକ ବିଜେତା କରାଇଛନ୍ତି। ହକି ନିଶା ପାଇଁ ସେ ଏବେ ବି ରାଉରକେଲାରେ ହକି ପ୍ରଶିକ୍ଷଣ ସହିତ ଜଡ଼ିତ ରହି ନିଜ ସାଧନା ଜାରି ରଖିଛନ୍ତି।

ସର୍ବଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ ସହ ଅନୁବନ୍ଧିତ 'ଓସ୍‌ଜା' ବା ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ ୨୦୧୮ମସିହାରୁ ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଛି। ପ୍ରଥମ ବର୍ଷର ବିଜେତା ଥିଲେ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଓ ଫୁଟ୍‌ବଲର ଦେବ ସିଂହ। ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ବିଜେତା ମୁଷ୍ଟିଯୁଦ୍ଧା ପ୍ରଶିକ୍ଷକ ବ୍ରିଜଭୂଷଣ ମହାନ୍ତି।

୨୦୨୦ରେ ପାରା-ଆଥଲେଟ୍ ପ୍ରମୋଦ ଭଗତ ଓ ବିଶିଷ୍ଟ ଆଥଲେଟିକ୍ସ ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ, ୨୦୨୧ରେ ଚେସ୍ ଗ୍ରାଣ୍ଡ ମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଆଥଲେଟିକ୍ସ ପ୍ରଶିକ୍ଷକ ଅରୁଣ ଦାସ, ୨୦୨୨ ମସିହାରେ ବିଶିଷ୍ଟ ବାସ୍କେଟ୍‌ବଲ୍ ଖେଳାଳି ଅରୂପାନନ୍ଦ ରାଉତରାୟ ଓ ହକି ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରା, ୨୦୨୩ ମସିହାରେ ସାଇକ୍ଲିଷ୍ଟ୍ ସ୍ୱସ୍ତି ସିଂହ ଓ ଓଡ଼ିଶାର ପ୍ରଥମ ଆନ୍ତର୍ଜାତିକ ପୁରୁଷ ହକି ଖେଳାଳି ପିଟର ତିର୍କି, ୨୦୨୪ରେ ଜାଭେଲିନ୍ ତାରକା କିଶୋର କୁମାର ଜେନା ଓ ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ବିଜୟ ଶତପଥୀ ଏବଂ ୨୦୨୫ରେ ସଫଳ ସନ୍ତରିକା ପ୍ରତ୍ୟାଶା ରାୟ ଓ ଫୁଟ୍‌ବଲ୍ ପ୍ରଶିକ୍ଷକ ମହମ୍ମଦ ସାହିଦ୍ ଜବାର ଏହି ସମ୍ମାନ ପାଇଥିଲେ।

# ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ୩ୟ ଦିବସରେ ରମ୍ଭା କ୍ରିକେଟ କ୍ଲବ ବିଜୟୀ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**




ସ୍ଥାନୀୟ ମିନି ଷ୍ଟାଡିୟମରେ ପରିସରରେ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୩ୟ ଦିବସରେ ବ୍ରହ୍ମପୁର ଲିଡ୍‌ସ କ୍ରିକେଟ ଏକାଡେମୀ ସହ ରମ୍ଭା କ୍ରିକେଟ କ୍ଲବ ମଧ୍ୟରେ ଖେଳ ହୋଇଥିଲା। ଉପାଧ୍ୟକ୍ଷ କାଳିଆ ତରେଇ, ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି, ଜଗନ୍ନାଥ ସୁବୁଦ୍ଧି ପ୍ରମୁଖ ଯୋଗଦାନ କରି ଖେଳ ଖେଳାଳିମାନଙ୍କ ଉପରେ ଆଲୋକପାତ କରିଥିଲେ। ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ପ୍ରଥମ ଇନିଂସରେ ରମ୍ଭା କ୍ରିକେଟ କ୍ଲବ ଅଧିନାୟକ ମହେଶ୍ୱର ନାୟକ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ଲିଡ୍‌ସ କ୍ରିକେଟ ଏକାଡେମୀ ଅଧିନାୟକ ଈଶ୍ୱର ରାଓ ପ୍ରଥମେ ବେଟିଂ କରି ତା'ର ସମସ୍ତ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲେ। ତା'ର ଜବାବରେ ରମ୍ଭା କ୍ରିକେଟ କ୍ଲବ ୪ ଉଇକେଟ ବିନିମୟରେ ୧୩୭ ରନ କରି ବିଜେତା ହୋଇଥିଲେ। ରମ୍ଭା ତରଫରୁ ରଣଜି ତାରକା ଟୁକୁନା ସାହୁ ୩୦ ଗୋଟି ବଲରେ ୪୨ରନ ସଂଗୃହିତ କରିଥିଲେ। ୭ଟି ଚୌକା ଗୋଟିଏ ୬କା ମାରି ଘାଇଲା କରିଥିଲେ। ୪ ଓଭର ବୋଲିଂ କରି ୧୫ ରନ ଦେଇ ୧ଟି ଉଇକେଟ ହାସଲ କରି ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ଏଥିରେ ଭାଷ୍ୟକାର ସନ୍ତୋଷ କୁମାର ନାହାକ ଓ ମହେଶ ମୁନ୍ଦ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଜଗନ୍ନାଥ ଚୌଧୁରୀ ବ୍ରହ୍ମପୁର ଦେଇଥିବା ବେଳେ ଏମ୍ପାୟାର ଅବଦୁଲ ରହିମ ଖାନ ଖୋର୍ଦ୍ଧା ଓ ଆଶୁତୋଷ ପାଣି ଯାଜପୁର ରହିଥିଲେ। ରମ୍ଭା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ମହେଶ୍ୱର ନାୟକ (ହାପି), ଗୁପ୍ତ, ଭବାନୀ, ସିଲୁ, ସୌମ୍ୟ, ଚିକୁ, କୃଷ୍ଣ, ବିକି, ଦୁଷ୍ମନ୍ତ, ଉମା, ସଚିନ ଓ ସଦସ୍ୟା ଜୁଲି, ମଲି, ଇତି, ଝରଣା, ଅକ୍ଷୟିନୀ ପ୍ରମୁଖ ସହଯୋଗ କରିଥିଲେ।

# ସିଗ୍‌ମା କ୍ରିକେଟ କପ୍ : ଟେନଥ୍ ରାଇଜିଂ ଷ୍ଟାର ଚାମ୍ପିଅନ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବିଜେବି ହାଇସ୍କୁଲ କ୍ରିକେଟ ଷ୍ଟାଡିୟମ୍‌ରେ ଚଳିତ ବର୍ଷ ପ୍ରଥମ ସିଗ୍‌ମା କ୍ରିକେଟ କପ୍ ଟୁର୍ଣ୍ଣମେଣ୍ଟରେ ଟେନଥ୍ ରାଇଜିଂ ଷ୍ଟାର ଚାମ୍ପିଅନ ହୋଇଛି। ତିନୋଟି ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଟେନଥ୍ ରାଇଜିଂ ଏବଂ ନାଇଁନ୍‌ଥ ରାଜ୍ଜିଂ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଟେନ୍‌ଥ ରାଇଜିଂ ଷ୍ଟାର୍ ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ ହରାଇ ୯୩ ରନ ସଂଗ୍ରହ କରିଥିଲା। ଟିମ୍ ତରଫରୁ ବିଶ୍ୱରଂଜନ ଗୁମାନ ସିଂ ୨୮ରନ ସଂଗ୍ରହ ସହିତ ୨ଟି ୱିକେଟ ଅକ୍ତିଆର କରିଥିଲା। ଜବାବରେ ନାଇଁନ୍‌ଥ ରାଇଜିଂ ଷ୍ଟାର୍ ସମସ୍ତ ୱିକେଟ ହରାଇ ମାତ୍ର ୪୨ ରନ୍ ସଂଗ୍ରହ କରି ରନର୍ସ ଅପ୍ ହୋଇଥିଲା। ଦଳ ତରଫରୁ ଦେବରାଜ ନାୟକ ୧୯ ରନ ସଂଗ୍ରହ କରିଥିଲେ। ଟେନ୍‌ଥ ରାଇଜିଂ ଷ୍ଟାର୍ ସ୍ୱୟଂ ସିଂ ସର୍ବାଧିକ ୮ରନ ଦେଇ ୩ଟି ୱିକେଟ ସଂଗ୍ରହ କରିଥିଲେ। ବସନ୍ତ କୁମାର ଖୁଣ୍ଟିଆଙ୍କ ସଂଯୋଜନାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟ ଫାଇନାଲ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରିକେଟ ଆସୋସିଏସନ ସମ୍ପାଦକ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସାମ୍ବାଦିକ ପ୍ରଦୀପ ପାଣିଗ୍ରାହୀ, ସ୍କୁଲ ଚେୟାରମ୍ୟାନ ଶୁଭ୍ରାଂଶୁ ରଂଜନ ସାମନ୍ତରାୟ, ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ଯୋଗେ ଦେଇ ଚାମ୍ପିଅନ ଦଳ ସହ ଅନ୍ୟାନ୍ୟ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ଟେନ୍‌ଥ ରାଇଜିଂ ଷ୍ଟାର୍‌ର ବିଶ୍ୱ ରଂଜନ ଗୁମାନ ସିଂ ଅତିଥିମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବେଷ୍ଟ ବ୍ୟାଟ୍ସମ୍ୟାନ୍ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ଜୁନୁମୁନି ପ୍ରଧାନ, ବେଷ୍ଟ ବୋଲର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ବିଶ୍ୱ ରଂଜନ ଗୁମାନ ସିଂ ପୁରସ୍କୃତ ହୋଇଥିଲେ। ଅମ୍ପାୟାର ଭାବେ ଅର୍ଚ୍ଚିଷ୍ମାନ ପଟ୍ଟନାୟକ, ଧରଣୀଧର ସ୍ୱାଇଁ, ହେମନ୍ତ କୁମାର ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟ ରେ ମାନସ ରଞ୍ଜନ ମହାପାତ୍ର, ବିରଞ୍ଚି ନାରାୟଣ ପଣ୍ଡା, ଦୀପ୍ତି ରଞ୍ଜନ ରଣା , ସୌମ୍ୟା ଲଗ୍ନା ଶତପଥୀ, ବର୍ଣ୍ଣାଳି ମାଝି, ସୁମିତା ତ୍ରିପାଠୀ, କରିସ୍ମା, ରଚିତା, ଏବଂ ଦିଲ୍ଲୀପ କୁମାର ସୁନ୍ଦରାୟ ପ୍ରମୁଖ ସହଯୋଗ କରିଥିଲେ।




# ଫୁଲବାଣୀରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ କରୋନେସନ ପଡ଼ିଆଠାରେ ସାଂସଦଙ୍କ ମାର୍ଗଦର୍ଶନ ଏବଂ କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ମିଳିତ ସହଯୋଗରେ ୨୧ ସେପ୍ଟେମ୍ବର ଠାରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ଆୟୋଜିତ ହୋଇଆସୁଥିବା ସାଂସଦ ଖେଳ ମହୋତ୍ସବ ୨୦୨୫ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ଠାରୁ କରୋନେସନ ପଡ଼ିଆ ପର୍ଯ୍ୟନ୍ତ ଏକ ମଶାଲ ଯାତ୍ରା ଆୟୋଜନ କରାଯାଇଥିଲା। କନ୍ଧମାଳ ଲୋକସଭା ନିର୍ବାଚନ ମଣ୍ଡଳୀରେ ଥିବା ବିଧାନସଭା ନିର୍ବାଚନ ମଣ୍ଡଳୀର ଉଭୟ ବାଳିକା ଓ ବାଳକ ପ୍ରତିଯୋଗୀମାନଙ୍କୁ ନେଇ କ୍ରିକେଟ, ଖୋ ଖୋ, କବାଡି, ଭଲିବଲ୍, ଚେସ୍, ଫୁଟବଲ, ବ୍ୟାଡ୍‌ମିଣ୍ଟନ, ପୁଚି ଆଦି ଖେଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କିଭଳି ଭାବରେ ଆଗାମୀ ଦିନରେ ବହୁମାତ୍ରାରେ ଗାଁ ଗହଳିର ଖେଳାଳିଙ୍କ ପ୍ରତିଭାକୁ ସାଂସଦ ଖେଳ ମହୋତ୍ସବ ମାଧ୍ୟମରେ ସେମାନଙ୍କର ପ୍ରତିଭା ପ୍ରତିପାଦନ କରିବା ପାଇଁ ସୁଯୋଗ ଦେବା ସହିତ ଲୋକଲୋଚନକୁ ଅଣାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ଅନ୍ତର୍ଜାତୀୟ ୧୦୦ ଓ ୨୦୦ ମି. ଧାବିକା ଦୁତୀ ଚାନ୍ଦ, ଅନ୍ତର୍ଜାତୀୟ ଚେସ୍ ଖେଳାଳି ସ୍ୱୟଂଶୁ ସତ୍ୟପ୍ରଜ୍ଞାନ, ଅଲିମ୍ପିୟାନ ତଥା ଅର୍ଜୁନ ପୁରସ୍କାରରେ ପୁରସ୍କୃତ କେ ରବି କୁମାର, ଚେସ ଖେଳାଳି ସାଂଚି ସାହୁ ଯୋଗଦେଇ ଉପସ୍ଥିତ ଖେଳାଳିମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। କନ୍ଧମାଳ ଲୋକସଭା ନିର୍ବାଚନ ମଣ୍ଡଳୀସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ ଓ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରୋଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲାପାଳ ସ୍ୱାଗତ ଓ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଗଦାଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ ବାଣୁଆ, ଜିଲ୍ଲା କ୍ରିଡା ଅଧିକାରୀ ସମୀର ନାୟକ, ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, ଫୁଲବାଣୀ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଭାଜପା ଜିଲ୍ଲା ସଭାପତି ପଣ୍ଡିତ ବିସି ମାଝୀ, ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, କନ୍ଧମାଳ ଲୋକସଭା ମଣ୍ଡଳୀର ବିଭିନ୍ନ ବିଧାନସଭା କ୍ଷେତ୍ରର ଖେଳାଳି, ପ୍ରଶିକ୍ଷକ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଜାତୀୟ କବାଡ଼ି ପ୍ରତିଯୋଗିତାରେ ଭାଗ ନେବେ ଓଡ଼ିଆ ପୁଅ ଶିବପ୍ରସାଦ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୬ ତାରିଖରେ ରାଇପୁର ଭିଲାଇ ରାଜକୁମାର କଲେଜରେ ଅନୁଷ୍ଠିତ ହେବ ନ୍ୟାସନାଲ ଇଭେଣ୍ଟ କବାଡ଼ି। ଏହି ପ୍ରତିଯୋଗିତାରେ ଖେଳିବାକୁ ଓଡ଼ିଶାର ଦୁଇଜଣ ମନୋନୀତ ହୋଇଛନ୍ତି। ସେଥିରୁ ଗଞ୍ଜାମ ବ୍ଲକର ଶିବପ୍ରସାଦ ଜେନା କବାଡ଼ି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆସନ୍ତା ୨୯ରେ ରାଇପୁର ଗସ୍ତ କରିବେ। ସେଠାରେ ୧ରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରାକ୍ଟିସ କ୍ୟାମ୍ପ ଏବଂ ୬ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଠାରୁ ଗୋଲ୍ଡ ମେଡାଲ ଜିତିବା ଲକ୍ଷ୍ୟ ରଖିଛନ୍ତି ଶିବପ୍ରସାଦ। ଶିବପ୍ରସାଦ ହେଉଛନ୍ତି ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଗୋଖରକୁଦା ଗ୍ରାମର ବଟେଶ୍ୱର ଜେନାଙ୍କ ଏକମାତ୍ର ପୁଅ। ବାପା ବୃତ୍ତିରେ ଜଣେ ବଣିକ। ମା' ବିଷ୍ଣୁପ୍ରିୟା ଗୃହିଣୀ। ଭଲ ପାଠ ପଢ଼ାଇ ଭଲ ମଣିଷ କରିବା ପାଇଁ ନିଜ ଘର ଛାଡ଼ି ସ୍ତ୍ରୀ ପିଲାଙ୍କୁ ଧରି ଦୀର୍ଘ ବର୍ଷ ହେବ ଗଞ୍ଜାମ ବଡ଼ ବଜାର ଠାରେ ରହି ଆସୁଛନ୍ତି ବଟେଶ୍ୱରଙ୍କ ପରିବାର। ଶିବପ୍ରସାଦ ସ୍ଥାନୀୟ ଜୟଶ୍ରୀ କେମିକାଲସ୍ କରମେଟ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଷ୍ଟାଣ୍ଡାର୍ଡ ଥ୍ରୀରେ ପାଠ ପଢୁଥିବା ବେଳେ ବିଭିନ୍ନ ଖେଳକୁଦ ପ୍ରତି ଶିବପ୍ରସାଦଙ୍କ ଆଗ୍ରହ ବଢ଼ି ଥିଲା। ପୁଅର ଆଗ୍ରହ ଦେଖି ବାପା ମା' ସମସ୍ତ ସହଯୋଗ କରିବା ସହ ତାଲିମ ନିମନ୍ତେ କୋଚ ସିଏଚ୍ ପ୍ରସାଦ ନାୟକଙ୍କ ଯୋଗାଯୋଗ କରିଥିଲେ।

ସେହିଦିନ ଠାରୁ ପଛକୁ ଫେରି ନାହାନ୍ତି ଶିବପ୍ରସାଦ। ସେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିଚାଲିଛନ୍ତି। ପ୍ରଥମେ ସ୍କୁଲ ତରଫରୁ ବ୍ରହ୍ମପୁର ସ୍ୟାଣ୍ଡ ଭିନସନରେ ଅନୁଷ୍ଠିତ ଟାଇକୋଣ୍ଡ ପ୍ରତିଯୋଗିତାରେ ଗୋଲ୍ଡ ମେଡାଲ ଜିତି ସ୍କୁଲ ତଥା ଗାଁ ଓ ସହର ପାଇଁ ଗୌରବ ଆଣିଦେଇ ଥିଲେ। ପରେ ଜିଲ୍ଲା ସ୍ତରୀୟ ୧୪ ବର୍ଷରୁ କମ୍ ପ୍ରତିଯୋଗିତାରେ ପୁରୁଷୋତ୍ତମପୁର ଠାରେ ପୁଣି ଗୋଲ୍ଡ ଏବଂ ପୁରୀରେ ଅନୁଷ୍ଠିତ ଏକ ପ୍ରତିଯୋଗିତାରେ ସିଲଭର ପାଇ ସମସ୍ତଙ୍କୁ ଚକିତ କରିଥିଲେ ଶିବ ପ୍ରସାଦ। ଏଥିସହ କେନ୍ଦୁଝର ନିର୍ମାଣ କୋଭିଡ ସ୍କୁଲରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେଇ ସେଠାରେ ମଧ୍ୟ ଗୋଲ୍ଡ ମେଡାଲ ଜିତି ରାଜ୍ୟ ପାଇଁ ଗୌରବ ଆଣିବା ସହ ଜାତୀୟ ସ୍ତରରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି ଶିବପ୍ରସାଦ। ଗତ ୮ରେ ତାମିଲନ୍ଡୁର କଇଁବାତୁର ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ଭାଗ ନେବାକୁ ତାମିଲନାଡୁ ଯାଇଥିଲେ ଶିବପ୍ରସାଦ। ତାଙ୍କର ଏହି ସଫଳତା ପାଇଁ ଗତ ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏନ୍ଏସି ପ୍ରଶାସନ ପକ୍ଷରୁ ଶିବପ୍ରସାଦଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ନିଜ ସଫଳତା ପାଇଁ ବାପା ଓ ମା'ଙ୍କ ପ୍ରେରଣା ଆଶୀର୍ବାଦ ଏବଂ କୋଚ୍‌ଙ୍କ ପ୍ରଶିକ୍ଷଣକୁ ଶ୍ରେୟ ଦେଇଛନ୍ତି ଶିବପ୍ରସାଦ। ରାଜ୍ୟ ସରକାରଙ୍କ ସହଯୋଗ ମିଳିଲେ ଭବିଷ୍ୟତରେ ଅନ୍ତର୍ଜାତୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେବାକୁ ଲକ୍ଷ୍ୟ ରଖିଥିବା ଚଳିତ ବର୍ଷ ଶିବପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



GOVERNMENT OF ODISHA
OFFICE OF THE EXECUTIVE ENGINEER (AGRIL.),
SOIL CONSERVATION, NORTHERN ZONE, AT/PO-BURLA, SAMBALPUR-768017
e-mail: eenzsc.sambalpur@gmail.com
L-148
Notice No. 473 Dt. 24.12.2025
NATIONAL COMPETITIVE BIDDING THROUGH e-Procurement
Identification No. 04 /DSC&WD / NZ / 2025-26 Dt. 24.12.2025

| | | | |
|---|---|---|---|
| 1 | Nature of Work | : | Construction of new Non-Residential Building |
| 2 | Nos. of work | : | 01 no. |
| 3 | Tendered amount in Rs. | : | Rs. 21,86,903 /- |
| 4 | Period of completion | : | 180 days |
| 5 | Date & Time of availability of bid document in the portal | : | From 10.00 Hrs. of 04.01.2026 to 17.30 Hrs. of 09.01.2026 |
| 6 | Last date/ time of receipt of original documents in the tender box at the office of the undersigned | : | Before 17.30 Hrs. of 12.01.2026 |
| 7 | Date & Time of opening of bids | : | 11.00 Hrs. of 13.01.2026 onwards |
| 8 | Name and Address of the officer inviting bid | : | Executive Engineer (Agril.), Soil Conservation, Northern Zone, Sambalpur, At/Po-Burla, Near Planetarium Chowk, Pin-768017 |

Further details can be seen from the web site www.tendersodisha.gov.in
Sd/- Executive Engineer, (Agril.)
Soil Conservation, NZ, Sambalpur
OIPR-01481/11/0010/2526

## ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବରଗଡ଼

**ମୁଖ୍ୟମନ୍ତ୍ରୀ କୃଷକ ସହାୟତା ଯୋଜନା (CM-KISAN) :**
ମୁଖ୍ୟମନ୍ତ୍ରୀ କୃଷକ ସହାୟତା ଯୋଜନା (CM-KISAN) ଓଡ଼ିଶା ସରକାରଙ୍କ ଏକ ରାଜ୍ୟ ସ୍ତରୀୟ ଯୋଜନା, ଯାହା ଅନ୍ତର୍ଗତ ଭୂମିଧାରୀ ଚାଷୀ ଏବଂ ଭୂମିହୀନ କୃଷି ପରିବାରମାନଙ୍କୁ ଆର୍ଥିକ ସହାୟତା DBT (Direct benefit Transfer) ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି।
**ଅନଲାଇନ୍ ସୁବିଧା (ପୋର୍ଟାଲ୍) :**
* ନୂତନ ଆବେଦନ
* ବ୍ୟାଙ୍କ ଖାତା ସଂଶୋଧନ
* e-KYC ସମ୍ପୂର୍ଣ୍ଣ କରିବା
**ବାଧ୍ୟତାମୂଳକ ଆବଶ୍ୟକତା :**
* ବ୍ୟାଙ୍କ ଖାତା ସହ ଆଧାର ସଂଯୋଗୀକରଣ
* କୃଷକ ଓଡ଼ିଶା ପୋର୍ଟାଲରେ ପଞ୍ଜିକରଣ
ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ, ହିତାଧିକାରୀମାନେ ଆଧାର ସହ ଲିଙ୍କ୍ ଥିବା ମୋବାଇଲ୍ ନମ୍ବର ମାଧ୍ୟମରେ e-KYC କରାଇ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ CM-KISAN ପୋର୍ଟାଲ୍ ମାଧ୍ୟମରେ ପଞ୍ଜିକରଣ କରାଇ ନେବେ।
**ଆବେଦନ / e-KYC ର ଶେଷ ତାରିଖ : ୩୧ ଡିସେମ୍ବର ୨୦୨୪**
ଯୋଗ୍ୟ କୃଷକମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ e-KYC ସମ୍ପୂର୍ଣ୍ଣ କରି ଯୋଜନାର ଲାଭ ନେବାପାଇଁ cmkisan.odisha.gov.in ପୋର୍ଟାଲ୍‌ରେ ଆବେଦନ / ଅଦ୍ୟତନ କରିବାକୁ ଅନୁରୋଧ।
**ସହାୟତା / ହେଲ୍ପଲାଇନ୍ : 155261 / 011-24300606**
ଏହି ଯୋଜନା କୃଷକମାନଙ୍କ ଆର୍ଥିକ ସୁରକ୍ଷା ଓ ଚାଷ କାର୍ଯ୍ୟରେ ସହଯୋଗ ପ୍ରଦାନ କରେ।
କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
Sd/- Chief District Agriculture Officer,
Bargarh

# ଯୁବ ସମାଜରେ ନେତୃତ୍ୱକୁ ଉତ୍ସାହିତ କରିବା ସାଂସଦ ଖେଳ ମହୋତ୍ସବର ଲକ୍ଷ୍ୟ

**କଟକ, ନ୍ୟୁଜ୍‌ବ୍ୟୁରୋ**

ନାଗରିକମାନଙ୍କ ମଧ୍ୟରେ ଖେଳ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ସହ ଯୁବ ସମାଜରେ ନେତୃତ୍ୱକୁ ଉତ୍ସାହିତ କରିବା ଏବଂ ଫିଟ୍ ଇଣ୍ଡିଆର ସନ୍ଦେଶକୁ ପ୍ରତ୍ୟେକ ଘରେ ପହଞ୍ଚାଇବା ଲକ୍ଷ୍ୟ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ସାଂସଦ ଲୋକସଭା, କଟକ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତା ଏବଂ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସମାରୋହ ଚଳିତ ମାସ ୨୦ ତାରିଖରୁ ଆରମ୍ଭ ହୋଇ ବିଭିନ୍ନ ବର୍ଗର କ୍ରୀଡ଼ା ପ୍ରତିଯୋଗିତାର ଫାଇନାଲ ଖେଳ କଟକ ସ୍ଥିତ ବାରବାଟୀ କମ୍ପ୍ଲେକ୍ସ, ନିମପୁର ଷ୍ଟାଡିୟମ ଓ ବାରବାଟୀ ଷ୍ଟାଡିଅମ କବାଡି କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇ ଥିଲା। ଉଦ୍‌ଯାପନୀ ସମାରୋହରେ ଖେଳ ମହୋତ୍ସବ ଆଭିମୁଖ୍ୟକୁ ଗୁରୁତ୍ୱ ଦେଇ ଶାରୀରିକ ତଥା ମାନସିକ ବିକାଶ ନିମନ୍ତେ ପଦକ୍ଷେପ ସ୍ୱରୂପ ଯୋଗ ଅଭ୍ୟାସ ଶିବିର ସକାଳ ୯ ଘଟିକା ସମୟରେ ସାଂସଦ ଶ୍ରୀ ମହତାବଙ୍କ ଉପସ୍ଥିତିରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଯୋଗାଭ୍ୟାସ ଶିବିରରେ ଜିଲ୍ଲାପାଳଙ୍କ ସମେତ ଆୟୁକ୍ତ କଟକ ମହାନଗର ନିଗମ ସୁଶ୍ରୀ କିରନଦୀପ କୌର ସହୋତା, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଉପସ୍ଥିତ ଥିଲେ। ପରେ ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଭାରତ-ବର୍ଷର ସମସ୍ତ ରାଜ୍ୟରେ ଉଦ୍‌ଯାପିତ ହେଉଥିବା ସାଂସଦ ଖେଳ ମହୋତ୍ସବକୁ ଉଦବୋଧନ ପୂର୍ବକ ସମ୍ବୋଧିତ କରିଥିଲେ। ଏହି ଉଦ୍‌ଯାପନୀ ଅବସରରେ ସାଂସଦଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଯୁବ ସେବା ଓ ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ପଦକ୍ଷେପ ସ୍ୱରୂପ ସାଂସଦ ଖେଳ ମହୋତ୍ସବ ପ୍ରଥମ କରି ଅନୁଷ୍ଠିତ ହୋଇଛି। ଏହି ଆୟୋଜନ ଦ୍ୱାରା ସଂସଦୀୟ କ୍ଷେତ୍ର ଅଧିନସ୍ଥ ବିଭିନ୍ନ ଅଞ୍ଚଳମାନଙ୍କରେ କ୍ରୀଡ଼ାକ୍ଷେତ୍ରରେ ଯୁବ ପ୍ରତିଭାଙ୍କୁ ସୁଯୋଗ ମିଳିବା ସହ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କ୍ରୀଡା କ୍ଷେତ୍ରରେ ପାରଦର୍ଶିତା ବୃଦ୍ଧି ପାଇଛି। ସ୍ପୋର୍ଟସ ଇକୋ ସିଷ୍ଟମକୁ ସହଯୋଗ କରିବା ଉଦ୍ଦେଶ୍ୟ ନେଇ ଆୟୋଜିତ ଏହି ସାଂସଦ ଖେଳ ମହୋତ୍ସବ ସମଗ୍ର ଭାରତ ବର୍ଷର ତୃଣମୂଳ ସ୍ତରରେ ଆଦୃତ ଲାଭ କରିଛି। ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ କଟକ ବିଧାୟିକା ଇଂ ସୋଫିଆ ଫିରଦୋସ, ଖଣ୍ଡପଡ଼ା ବିଧାୟକ ଶ୍ରୀ ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖଙ୍କ ସହ ବରିଷ୍ଠ ନେତା ତଥା ସମାଜ ସେବୀ ନୟନ କିଶୋର ମହାନ୍ତି, ବରିଷ୍ଠ ନେତା ସୁକାନ୍ତ ବିଶ୍ୱାଳ, ଅଭୟ କୁମାର ବାରିକ, ତୁଷାରକାନ୍ତ ଚକ୍ରବର୍ତ୍ତୀ, ଲଲାଟେନ୍ଦୁ ବଡୁ, ବରିଷ୍ଠ ସିନେ ଅଭିନେତା ଶ୍ରୀତମ ଦାସ, ଅରିନ୍ଦମ ରାୟଙ୍କ ସମେତ କଟକ ସଂସଦୀୟ କ୍ଷେତ୍ରର ବିଭିନ୍ନ ଅଞ୍ଚଳର ସ୍ଥାନୀୟ ପ୍ରତିନିଧି ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ ଶିକ୍ଷୟତ୍ରୀ, କ୍ରୀଡ଼ାପ୍ରେମୀ, ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ଏହି ଉଦ୍‌ଯାପନୀ ଦିବସରେ ଦୁଇଟି ଖେଳ ଫୁଟବଲ ଏବଂ ଖୋଖୋ ଅନୁଷ୍ଠିତ ହୋଇ ପରିଶେଷରେ ସମସ୍ତ ବର୍ଗର କୃତି ପ୍ରତିଯୋଗୀମାନଙ୍କୁ ସାଂସଦଙ୍କ ଉପସ୍ଥିତିରେ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ସାଂସଦ ଖେଳ ମହୋତ୍ସବ ଆୟୋଜନର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପଜିଲ୍ଲାପାଳ ବାଙ୍କୀ ପ୍ରଣବ କୁମାର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଓ ତାଙ୍କ ସହଯୋଗୀ ଅଧିକାରୀ ଓ କର୍ମଚାରୀ, ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂଚାଳନରେ ସମସ୍ତ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବାରୁ ବଡ଼ମ୍ବା ବିଧାନସଭା ନିର୍ବାଚନ ମଣ୍ଡଳୀ ଚାମ୍ପିଅନ ଅଫ ଚାମ୍ପିଅନ୍‌ସ ବିବେଚିତ ହୋଇଛି। ଖୋ ଖୋ ୧୭ ବର୍ଷରୁ କମ୍ ବାଳକ, ୧୭ ବର୍ଷରୁ କମ୍ ବାଳିକା, ୨୫ ବର୍ଷରୁ କମ୍ ବାଳକ, ୨୫ ବର୍ଷରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ବର୍ଗରେ ଆଠଗଡ଼ ଚାମ୍ପିଅନ ହୋଇଥିବା ବେଳେ କବାଡ଼ି ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ବଡ଼ମ୍ବା, ୨୫ ବର୍ଷରୁ କମ୍ ବାଳକ ଓ ବାଳିକା ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ବାଳକ ବର୍ଗରେ ବାରବାଟୀ କଟକ ଚାମ୍ପିଅନ ହୋଇଛି। ସେହିପରି ଭଲିବଲ ୧୭ ବର୍ଷରୁ କମ୍ ବାଳକ ବର୍ଗରେ ବାଙ୍କୀ, ୨୫ ବର୍ଷରୁ କମ୍ ବାଳକ ବର୍ଗରେ ଖଣ୍ଡପଡ଼ା, ୨୫ ବର୍ଷରୁ ଉର୍ଦ୍ଧ୍ୱ ବାଳକ ବର୍ଗରେ ଆଠଗଡ଼ ଚାମ୍ପିଅନ ହୋଇଛି। ୧୭ ବର୍ଷରୁ କମ ବାଳକ ଓ ବାଳିକା ଫୁଟବଲରେ ବାରବାଟୀ କଟକ ଚାମ୍ପିଅନ ହୋଇଥିବାବେଳେ ୨୫ ବର୍ଷରୁ କମ ବାଳକ ବର୍ଗରେ ଚୌଦ୍ୱାର କଟକ ଚାମ୍ପିଅନ ହୋଇଛି। କ୍ରିକେଟ ୧୭ ବର୍ଷରୁ କମ ବାଳକ ବର୍ଗରେ ବଡ଼ମ୍ବା ଚାମ୍ପିଅନ ହୋଇଥିବାବେଳେ ୨୫ ବର୍ଷରୁ କମ ବର୍ଗରେ କଟକ ସଦର ଓ ୨୫ ବର୍ଷରୁ ଉର୍ଦ୍ଧ୍ୱେ ବର୍ଗରେ ଚୌଦ୍ୱାର କଟକ ଚାମ୍ପିଅନ ହୋଇଛି। ସେହିପରି ଆଥେଲେଟିକ୍ସ ବିଭିନ୍ନ ବର୍ଗ ଏବଂ ପାରମ୍ପରିକ ଖେଳ ପୁଚି ଓ ସ୍କିପିଂରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯାଇଥିଲା।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୨୭ ଡିସେମ୍ବର ୨୦୨୫ ଶନିବାର







ଭୁବନେଶ୍ୱର : ବିଧାନସଭା ପରିସରରେ ପୂର୍ବତନ ବିଜେପି ବିଧାୟିକା ସଞ୍ଜୁତା ମହାନ୍ତିଙ୍କ ପାର୍ଥିବ ଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି । (ଫଟୋ : ସମ୍ବାଦକଳିକା)

# ବିଆଇପିଏଫ୍ ପକ୍ଷରୁ ପ୍ରଫେସର୍ ଘନଶ୍ୟାମ ଦାଶ ଛାତ୍ରବୃତ୍ତି ୨୦୨୫-୨୬ ର ବିଜେତା ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ଶୁକ୍ରବାର ପ୍ରିତିଷ୍ଠିତ ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାରସିପ ଫର୍ ହାଇୟର ଏଜୁକେସନ୍ (ପିଜିଡିଏସ୍) ବିଜେତାଙ୍କୁ ସମ୍ମାନିତ କରାଯାଇଛି । ୨୦୨୫-୨୦୨୬ ଶିକ୍ଷାବର୍ଷରେ, ଚାରି ଜଣ ଡାକ୍ତରୀ ପାଠ ପଢ଼ୁଥିବା ପ୍ରାପ୍ତକର୍ତ୍ତା ଅଛନ୍ତି, ସୁଶ୍ରୀ ଚୁମକି ଜେନା (ଏମ୍ସ ଭୁବନେଶ୍ୱର), ସୁଶ୍ରୀ ଅନ୍ନପୂର୍ଣ୍ଣା ଚକ୍ରବର୍ତ୍ତୀ (ଏସ.ସି.ବି. ମେଡିକାଲ କଲେଜ ଏବଂ ହସ୍ପିଟାଲ, କଟକ), ଜ୍ଞାନ ରଞ୍ଜନ ବେହେରା (ଶ୍ରୀଜଗନ୍ନାଥ ମେଡିକାଲ କଲେଜଏବଂ ହସ୍ପିଟାଲ, ପୁରୀ), ଧବଳେଶ୍ୱର ପୂଜାରୀ (ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟ) ଏବଂ ନବଜ୍ୟୋତି ଗିରି, ଏନ୍ ଆଇ ଟି ରାଉରକେଲା, ଓଡିଶାରେ ବି. ଟେକ୍ କମ୍ପ୍ୟୁଟର ସାଇନ୍ସରେ ନାମ ଲେଖାଇଛନ୍ତି ।

ପ୍ରତିବର୍ଷ ଇଞ୍ଜିନିୟରିଂ, ମେଡିସିନ୍, ଏସଟିଇଏମ ଏବଂ ଲିବରଲ ଆର୍ଟରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରମାନେ ଏହି ପ୍ରତିଷ୍ଠିତ ଛାତ୍ରବୃତ୍ତି ପାଆନ୍ତି । ମନୋନୀତ ପ୍ରାର୍ଥୀମାନେ ପ୍ରତି ପ୍ରାପ୍ତକର୍ତ୍ତାଙ୍କ ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୪ ବର୍ଷର ପାଠ୍ୟକ୍ରମ ପାଇଁ ଶିକ୍ଷାଗତ ଫି' ଏବଂ ଯୋଗ୍ୟ ଖର୍ଚ୍ଚର ୯୦% ପର୍ଯ୍ୟନ୍ତ ପାଇବେ । ଇମ୍ଫା ଦ୍ୱାରା ୨୦୦୫ ରେ ପ୍ରତିଷ୍ଠା କରାଯାଇଥିବା ଏହି ଛାତ୍ରବୃତ୍ତି ପ୍ରଖ୍ୟାତ ଇତିହାସବିଜ୍ଞାନୀ ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାସଙ୍କ ନାମରେ ନାମିତ; ଏହା ସ୍ୱର୍ଗତ ଇଲା ପଣ୍ଡାଙ୍କ ପିତା; ଉଚ୍ଚଶିକ୍ଷାକୁ ସହଜ କରିବା ପାଇଁ ଆର୍ଥିକ ସହାୟତା ମାଧ୍ୟମରେ ସମାନ ସୁଯୋଗ ପ୍ରଦାନ କରିବା ।

୨୦୧୬ ଠାରୁ, ବିଆଇପିଏଫ୍ ଏହି ଛାତ୍ରବୃତ୍ତିର ଦାୟିତ୍ୱ ଗ୍ରହଣ କରିଛି ଏବଂ ପରାମର୍ଶ ପାଇଁ ଏକ ଅର୍ଥପୂର୍ଣ୍ଣ ବିଭାଗ 'ଉତ୍ସାହ' ପ୍ରଚଳନ କରି ଏକ ନୂତନ ଦିଗ ଯୋଡିଛି । ସମସ୍ତ ପ୍ରାପ୍ତକର୍ତ୍ତା ୨୦ରୁ ଅଧିକ ମଡ୍ୟୁଲ ଉପରେ ପରାମର୍ଶ, ପ୍ରଶିକ୍ଷଣ ଏବଂ ଭର୍ଚ୍ୟୁଆଲ୍ ଅଧିବେଶନ ପାଇବେ, ବିଶେଷ ଭାବରେ ସେମାନଙ୍କୁ ଶିକ୍ଷାଗତ ଧ୍ୟାନ, ସମୟ ପରିଚାଳନା, କ୍ୟାରିଅର ସମ୍ଭାବନା, ମାନସିକ ସୁସ୍ଥତା, ଏଆଇ ଦକ୍ଷତା, ଜୀବନ ଏବଂ ସାମାଜିକ ଦକ୍ଷତାକୁ ସୁଦୃଢ଼ କରିବା, ସେମାନଙ୍କର ଆଭ୍ୟନ୍ତରୀଣ ସମ୍ଭାବନା, ନେଟୱାର୍କିଂ ସୁଯୋଗ ଚିହ୍ନଟ କରିବା, ସେମାନଙ୍କର ବକ୍ତୃତା ଏବଂ ନେତୃତ୍ୱ ଗୁଣଗୁଡ଼ିକୁ ଉନ୍ନତ କରିବା ଏବଂ ଏକ ସୁଚିନ୍ତିତ ପଥ ପାଇଁ ସେମାନଙ୍କର କ୍ଷମତା ପ୍ରକାଶ କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି ।

ପ୍ରାପ୍ତକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇ, ଶୈଫାଳିକା ପଣ୍ଡା (ଟ୍ରଷ୍ଟି ଏବଂ ପ୍ରତିଷ୍ଠାତା ସିଇଓ, ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ) କହିଛନ୍ତି, "ଶିକ୍ଷା ମୌଳିକ; ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିଙ୍କ ପାଇଁ, ଏହାର ପ୍ରଭାବ ପରିବାରକୁ ଉନ୍ନତ କରିଥାଏ ଏବଂ ସମଗ୍ର ସମ୍ପ୍ରଦାୟକୁ ପରିବର୍ତ୍ତନ କରିଥାଏ । ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମର୍ଥନ କରି, ଆମେ ଜାତୀୟ ଅଭିବୃଦ୍ଧି ପାଇଁ ସକ୍ଷମ ହେବା ପାଇଁ ସେମାନଙ୍କର ସମ୍ଭାବନାକୁ ଇନ୍ଧନ ଦେଉଛୁ । ସଫଳତାର ପଥକୁ ଆହୁରି ମଜବୁତ କରିବା ପାଇଁ ଆମେ ଛାତ୍ରଛାତ୍ରୀମାନଙ୍କୁ ଏହି ନିରନ୍ତର ବିକଶିତ ହେଉଥିବା ବିଶ୍ୱରେ ସୂଚିତ ନିଷ୍ପତ୍ତି ନେବା ପାଇଁ ନେତୃତ୍ୱ ଗୁଣବତ୍ତା ଏବଂ ଚତୁର ଦକ୍ଷତା ବିକାଶ କରିବାରେ ସାହାଯ୍ୟ କରିବା ପାଇଁ ଏକ ପରାମର୍ଶ କାର୍ଯ୍ୟକ୍ରମ ହାତକୁ ନେଉଛୁ ।"

## ଖୋରଧା ମହୋତ୍ସବ ସାଂସ୍କୃତିକ ମହାକୁମ୍ଭ ଉଦ୍‌ଯାପିତ

# ଖୋର୍ଦ୍ଧା ବୀର ସୌର୍ଯ୍ୟ ବୀର୍ଯ୍ୟ ଓ ସ୍ୱାଧୀନତା ସଂଗ୍ରାମର ମୂଳଦୁଆ ମାଟି: ମୁଖ୍ୟମନ୍ତ୍ରୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**



ଖୋର୍ଦ୍ଧା ବି ଡି ଏ ପଡ଼ିଆରେ ଚାଲିଥିବା ଦଶ ଦିବସୀୟ ଖୋର୍ଦ୍ଧା ମହୋତ୍ସବ ସାଂସ୍କୃତିକ ମହାକୁଂଭ ରଜତ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଯାଇଛି । ଏହି ଉପଲକ୍ଷେ ସନ୍ଧ୍ୟାରେ ଖୋର୍ଦ୍ଧା ମହୋତ୍ସବର ରଜତ ଜୟନ୍ତୀ ଉଦଯାପନୀ ସମାରୋହ ଦଶମ ତଥା ଅନ୍ତିମ ସାନ୍ଧ୍ୟ କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ନିଜ ଅଭିଭାଷଣରେ ଖୋର୍ଦ୍ଧା ବୀର, ସୌର୍ଯ୍ୟ ,ବୀର୍ଯ୍ୟ ଓ ସ୍ୱାଧୀନତାର ମୂଳଦୁଆ ମାଟି ଉଚ୍ଛାପନ କରି ଖୋର୍ଦ୍ଧା ଜିଲ୍ଲା ବିକଶିତ ଓଡ଼ିଶା ଗଠନରେ ଏକ ନମ୍ବର୍ ଏବଂ ବିକଶିତ ଭାରତ ଗଠନରେ ପୂର୍ବ ଭାରତରେ ଓଡିଶା ସର୍ବାଗ୍ରେ ରହିବ ବୋଲି ଉଦବୋଧନ ରଖି ୫୧୬ କୋଟି ଟଙ୍କାର ୩୨ ଗୋଟି ପ୍ରକଳ୍ପ ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ୭ ଗୋଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରି ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଭେଟି ଦେଇଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଖୋର୍ଦ୍ଧାର ପାଇକ ବିଦ୍ରୋହ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଆନ୍ଦୋଳନ ଯାହା ଦୂର୍ଦ୍ଧର୍ଷ ଇଂରେଜ ସରକାରଙ୍କ ବିରୁଦ୍ଧରେ ବକ୍ସି ଜଗବନ୍ଧୁ ଓ ଜୟୀ ରାଜଗୁରୁ , ଦୟାନଦୀ କୂଳରେ କଳିଙ୍ଗ ଯୁଦ୍ଧ ଏ ମାଟିର ରକ୍ତଭିଜା ଇତିହାସ ପ୍ରକାଶ କରିଥାଏ । ସେହି ବୀରତ୍ୱ ପାଇକ ପୁଅଙ୍କ ମଧ୍ୟରେ ଜାଗ୍ରତ କରି ବିକଶିତ ଓଡ଼ିଶା ଗଠନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇ ଗରୀବ, ଅନ୍ନଦାତା କୃଷକ, ମହିଳା ଓ ଯୁବ ସମାଜକୁ ବିକଶୀତ ଓଡ଼ିଶାରେ ପ୍ରାଧାନ୍ୟ ଦିଆଯାଉଛି ବୋଲି ଉଦବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସାଂସଦ ଭୁବନେଶ୍ୱର ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଖୋର୍ଦ୍ଧା ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ତଥା ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ର ସର୍ବାଙ୍ଗୀନ ଉନ୍ନତି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ ସବୁ ଦିଗରେ ଉନ୍ନତିର କାର୍ଯ୍ୟ ଚାଲୁରହିଛି ବୋଲି ପ୍ରକାଶ କରିଥିଲେ । ମହୋତ୍ସବ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଅଧକ୍ଷତାରେ ସାଂସ୍କୃତିକ ସାନ୍ଧ୍ୟ ସମାରୋହରେ ସମ୍ମାନିତ ଅତିଥି ଭାବେ ପୁର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର,ବି ଏମ୍ ସି କମିଶନର ଚଞ୍ଚଳ ରାଣା, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ, ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ, ସିନେ ଅଭିନେତ୍ରୀ ଶୀତଳ ପାତ୍ର ଯୋଗଦେଇ ଥିଲେ । ମହୋତ୍ସବ ମୁଖ୍ୟ ଉପଦେଷ୍ଟା ବିଧାୟକ ଖୋର୍ଦ୍ଧା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଲେ ଖୋର୍ଦ୍ଧା ମହୋତ୍ସବ ପ୍ରାଚୀନ ଐତିହ୍ୟ, କଳା ଓ ସଂସ୍କୃତି ଗୌରବର ଖୋର୍ଦ୍ଧା ମାଟିର କିମ୍ବଦନ୍ତୀ ବହନକରି ଆମର ଯୁବଶକ୍ତିକୁ ଉତ୍ସାହିତ କରି ବିକସିତ ଓଡ଼ିଶା ଓ ବିକଶିତ ଭାରତରେ ସେମାନଙ୍କ ଦକ୍ଷତା ବୃଦ୍ଧି କରି ଆତ୍ମ ନିର୍ଭରଶୀଳ କରିବ ବୋଲି କହିଥିଲେ । ମହୋତ୍ସବ କମିଟି ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀଙ୍କୁ ଖୋର୍ଦ୍ଧାର ଖଡ୍‌ଗ, ମହୋତ୍ସବ ସ୍ମୃତି ଫଳକ, ଉପଢ଼ୌକନ, ଖୋର୍ଦ୍ଧା ମାଟିର ପାରମ୍ପାରିକ ପାଇକ ପଗଡ଼ି ସହ ମାନ୍ୟବର ସାଂସଦ ଏବଂ ସମସ୍ତ ସମ୍ମାନିତ ଅତିଥି ମାନଙ୍କୁ ମହୋତ୍ସବ ସ୍ମୃତି ଫଳକ, ଉପଢ଼ୌକନ ପୁଷ୍ପ ଗୁଚ୍ଛ ଏବଂ ଖୋର୍ଦ୍ଧାର ପାରମ୍ପାରିକ ପାଇକ ପଗଡ଼ି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ସେହିପରି ମଞ୍ଚ ଉପସ୍ଥାପକ ଶ୍ରୀକାନ୍ତ ନାୟକ, ଉପସ୍ଥାପିକା ମୁନ ମୁନ ସିଂ, ବାସନ୍ତୀ ମହାପାତ୍ର, ଅଶୋକ ପାଲଟା ସିଂହ, ବରିଷ୍ଠ ସାମ୍ବାଦିକ ବଳରାମ ଲେଙ୍କା ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ କ୍ରୀଡା ପଦକ୍ଷେପ କଳାହାଣ୍ଡିର ଗ୍ରାମୀଣ କ୍ରୀଡ଼ାବିତ୍‌ଙ୍କୁ ସଶକ୍ତ କରୁଛି

**ଲାଞ୍ଜିଗଡ଼, କଳାହାଣ୍ଡି, ନ୍ୟୁଜ୍‌ବ୍ୟୁରୋ**



ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ବେଦାନ୍ତ ଲାଞ୍ଜିଗଡ଼ କ୍ରୀଡ଼ା ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ଯୁବ କ୍ରୀଡ଼ାବିତ ସଶକ୍ତ କରିଆସୁଛି । କଟକରେ ଅନୁଷ୍ଠିତ ହେବାକୁ ଥିବା ୭୧ତମ ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ମିଟ୍ ପାଇଁ ଦୁଇ ଜଣ ଆଥଲେଟ୍ ଯୋଗ୍ୟତା ଅର୍ଜନ କରି ଏକ ଏହି ପଦକ୍ଷେପ ପାଇଁ ନୂତନ ମାଇଲଖୁଣ୍ଟ ଛୁଇଁଛନ୍ତି । ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍, କଳାହାଣ୍ଡି ଦ୍ୱାରା ଆୟୋଜିତ ଜିଲ୍ଲା ଆଥଲେଟିକ୍ସ ମିଟ୍ ୨୦୨୫ରେ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପରେ ଏହି ଯୋଗ୍ୟତା ମିଳିଛି । କମ୍ପାନୀ ଏହାର କେନ୍ଦ୍ରିତ ସାମୁଦାୟିକ ବିକାଶ ହସ୍ତକ୍ଷେପ ମାଧ୍ୟମରେ ଗ୍ରାମୀଣ ଓଡ଼ିଶାରେ ତୃଣମୂଳ ସ୍ତରୀୟ କ୍ରୀଡ଼ା ବିକାଶକୁ ସୁଦୃଢ଼ କରିବା ବଜାୟ ରଖିଛି ।

ଜିଲ୍ଲାସ୍ତରୀୟ ଚାମ୍ପିଅନସିପରେ କଳାହାଣ୍ଡି ଜିଲ୍ଲାର ୪୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ । ବେଦାନ୍ତ ଲାଞ୍ଜିଗଡ଼ କ୍ରୀଡ଼ା ପଦକ୍ଷେପକୁ ପ୍ରତିନିଧିତ୍ୱ କରି, ୨୬ ଜଣ ଖେଳାଳି ପ୍ରତିଯୋଗିତା କରିଥିଲେ ଏବଂ ୨୨ଟି ପଦକ ହାସଲ କରିଥିଲେ, ଯାହା କ୍ରୀଡା ବିକାଶ ପାଇଁ କମ୍ପାନୀର ସଂରଚିତ ଏବଂ ସାମଗ୍ରିକ ଆଭିମୁଖ୍ୟର ପ୍ରଭାବକୁ ସ୍ପଷ୍ଟ କରିଥିଲା । ରାଜ୍ୟ ଚାମ୍ପିଅନସିପର ଯୋଗ୍ୟତା ପର୍ଯ୍ୟାୟରେ ହେମସାଗର ପାତ୍ର ୪୦୦ ମିଟର ଏବଂ ୧୫୦୦ ମିଟର ବର୍ଗରେ ୨୩ ବର୍ଷରୁ କମ୍ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ଭୂଷଣ ମାଝୀ, ଯିଏ ୧୦୦ ମିଟର ଏବଂ ୨୦୦ ମିଟର ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ ।

ଏହି ସଫଳତା ଉପରେ ମତ ଦେଇ, ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'କ୍ରୀଡ଼ାରେ ସ୍ଥିରତା ସୃଷ୍ଟି କରିବାର, ଶୃଙ୍ଖଳା ସୃଷ୍ଟି କରିବାର ଏବଂ ସାମାଜିକ ପରିବର୍ତ୍ତନ ପାଇଁ ସୁଯୋଗ ସୃଷ୍ଟି କରିବାର ଶକ୍ତି ଅଛି । ଏହି ଯୁବ ଖେଳାଳିମାନଙ୍କ ସଫଳତା ଗ୍ରାମୀଣ ଭାରତରେ ଥିବା ବିଶାଳ କ୍ରୀଡ଼ା ପ୍ରତିଭା ଏବଂ ଆମର ସଂରଚିତ ତାଲିମ ଇକୋସିଷ୍ଟମର ପ୍ରଭାବକୁ ପ୍ରତିଫଳିତ କରେ । ବେଦାନ୍ତ ଆଲୁମିନିୟମରେ, ଆମେ ଯୁବପିଢ଼ିଙ୍କୁ ଉଚ୍ଚାକାଂକ୍ଷୀ କରିବା ଏବଂ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ପ୍ରତିଯୋଗିତା କରିବା ପାଇଁ ସକ୍ଷମ କରିବା ପାଇଁ ପ୍ରତିବଦ୍ଧ ।'

ଏହି ପଦକ୍ଷେପ ଅଧୀନରେ, ଖେଳାଳିମାନେ ପୂର୍ବତନ ଅଲିମ୍ପିଆନ୍ ରାହୁଲ ବାନାର୍ଜୀଙ୍କ ଠାରୁ ବୈଷୟିକ ମାର୍ଗଦର୍ଶନ ସହିତ ବିଶେଷଜ୍ଞ ପ୍ରଶିକ୍ଷଣ ବ୍ୟତୀତ ପୁଷ୍ଟିକର ସହାୟତା, କ୍ରୀଡା କିଟ୍ ଏବଂ ୟୁନିଫର୍ମ ପାଉଛନ୍ତି । ବର୍ତ୍ତମାନ, ବେଦାନ୍ତ ଲାଞ୍ଜିଗଡ଼ ୧୦୦ରୁ ଅଧିକ ଗ୍ରାମୀଣ ଯୁବକଙ୍କୁ ଆଥଲେଟିକ୍ସ ଏବଂ ତୀରନ୍ଦାଜୀରେ ତାଲିମ ଦେଉଛି, ଯାହା ସେମାନଙ୍କ ପାଇଁ ଉତ୍କର୍ଷ ହାସଲ କରିବାର ପଥ ସୃଷ୍ଟି କରୁଛି ।

ଏହି ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରି, ଓଡ଼ିଶା କ୍ରିକେଟ୍ ଆସୋସିଏସନର ଉପାଧ୍ୟକ୍ଷ ଏବଂ କଳାହାଣ୍ଡି ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ କହିଛନ୍ତି, 'କଳାହାଣ୍ଡି ଜିଲ୍ଲାରେ କ୍ରୀଡା, ବିଶେଷକରି ଆଥଲେଟିକ୍ସରେ ଅପାର ସମ୍ଭାବନା ରହିଛି । ବେଦାନ୍ତ ଲାଞ୍ଜିଗଡ଼ ଦ୍ୱାରା ସୃଷ୍ଟି ହୋଇଥିବା ପ୍ଲାଟଫର୍ମ ସଠିକ୍ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହିପରି ସଂରଚିତ ସମର୍ଥନ ଗ୍ରାମୀଣ ଯୁବକମାନଙ୍କୁ ଉତ୍କର୍ଷତା ହାସଲ କରିବାକୁ ଏବଂ ଜିଲ୍ଲା ଏବଂ ରାଜ୍ୟ ପାଇଁ ଗୌରବ ଆଣିବାକୁ ସକ୍ଷମ କରିବ ।'

ବେଦାନ୍ତ ଲାଞ୍ଜିଗଡ଼ ସ୍ପୋର୍ଟସ୍ ଇନିସିଏଟିଭ୍‌ର ଆଥଲେଟିକ୍ ପ୍ରଶିକ୍ଷକ ସମୀର ମୁଣ୍ଡା କହିଛନ୍ତି, 'ଏହି ଫଳାଫଳଗୁଡ଼ିକ ଖେଳାଳିଙ୍କ ସମର୍ପଣ ଏବଂ ସ୍ଥିର, ବୈଜ୍ଞାନିକ ତାଲିମର ପ୍ରଭାବକୁ ପ୍ରତିଫଳିତ କରେ । ଉପଯୁକ୍ତ ପ୍ରଶିକ୍ଷଣ ଏବଂ ସୁବିଧା ସହିତ, ଗ୍ରାମାଞ୍ଚଳ ଖେଳାଳିମାନେ ସର୍ବୋତ୍ତମ ଖେଳାଳିମାନଙ୍କ ସହିତ ପ୍ରତିଯୋଗିତା କରିପାରିବେ । ଏହି ସଫଳତା ଆରମ୍ଭ ମାତ୍ର, ଏବଂ ଆମେ ବିଶ୍ୱାସ କରୁଛୁ ଯେ ରାଜ୍ୟ ଏବଂ ଜାତୀୟ ସ୍ତରରେ ଆହୁରି ଅନେକ ଖେଳାଳି ଆମ ଅଞ୍ଚଳରୁ ଉଭା ହେବେ ।'

ସମ୍ପ୍ରଦାୟ-ନେତୃତ୍ୱାଧୀନ କ୍ରୀଡା ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ଲାଞ୍ଜିଗଡ଼ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ଅନ୍ତର୍ଭୁକ୍ତ ବିକାଶକୁ ପ୍ରୋତ୍ସାହିତ କରିବା ଜାରି ରଖିଛି, ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ କ୍ରୀଡା ମାଧ୍ୟମରେ ଆତ୍ମବିଶ୍ୱାସୀ ଭବିଷ୍ୟତ ଗଠନ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସାହସୀ...

ଏବଂ ଶ୍ରଦ୍ଧାରେ ପରିପୂର୍ଣ୍ଣ ଏକ ଦିନ ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ ସାହିବଜାଦା ଅଜିତ ସିଂହ ଜୀ, ସାହିବଜାଦା ଜୁଝର ସିଂହ ଜୀ, ସାହିବଜାଦା ଜୋରାୱର ସିଂହ ଜୀ ଏବଂ ସାହିବଜାଦା ଫତେହ ସିଂହ ଜୀଙ୍କୁ ସ୍ମରଣ କରିଥିଲେ, ଯେଉଁମାନେ ବହୁତ କମ୍ ବୟସରେ ସେମାନଙ୍କ ସମୟର ସର୍ବଶ୍ରେଷ୍ଠ ଶକ୍ତିର ମୁକାବିଲା କରିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ, ସେମାନଙ୍କର ସଂଘର୍ଷ ଭାରତର ମୌଳିକ ଚିନ୍ତାଧାରା ଏବଂ ଧାର୍ମିକ କଠୋରତା ମଧ୍ୟରେ, ସତ୍ୟ ଏବଂ ମିଥ୍ୟା ମଧ୍ୟରେ ଥିଲା, ଗୋଟିଏ ପକ୍ଷ ଦଶମ ଗୁରୁ ଗୁରୁ ଗୋବିନ୍ଦ ସିଂହ ଜୀଙ୍କ ନେତୃତ୍ୱରେ ଏବଂ ଅନ୍ୟ ପକ୍ଷ ଔରଙ୍ଗଜେବଙ୍କ ନିଷ୍ଠୁର ଶାସନ ଦ୍ୱାରା ପରିଚାଳିତ ହେଉଥିଲା । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଯଦିଓ ସାହିବଜାଦେମାନେ ବହୁତ ଛୋଟ ଥିଲେ, ଔରଙ୍ଗଜେବ ଭାରତୀୟଙ୍କ ମନୋବଳ ଭାଙ୍ଗିବାକୁ ଏବଂ ସେମାନଙ୍କୁ ଧର୍ମାନ୍ତରୀକରଣ କରିବାକୁ ବାଧ କରିବାକୁ ଚାହୁଁଥିଲେ ଏବଂ ସେଥିପାଇଁ ସେ ସେମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଲକ୍ଷ୍ୟଭୁକ୍ତ କରିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ, ଔରଙ୍ଗଜେବ ଏବଂ ତାଙ୍କ ସେନାପତିମାନେ ଭୁଲି ଯାଇଥିଲେ ଯେ, ଗୁରୁ ଗୋବିନ୍ଦ ସିଂହ ଜୀ କୌଣସି ସାଧାରଣ ବ୍ୟକ୍ତି ନଥିଲେ ବରଂ ତ୍ୟାଗ ଏବଂ ବଳିଦାନର ପ୍ରତିମୂର୍ତ୍ତି ଥିଲେ ଏବଂ ସାହିବଜାଦେମାନେ ଏହି ଐତିହ୍ୟ ଉତ୍ତରାଧିକାରୀ ଭାବରେ ପାଇଥିଲେ । ସମଗ୍ର ମୋଗଲ ସାମ୍ରାଜ୍ୟର ଶକ୍ତି ସତ୍ତ୍ୱେ ଚାରି ଜଣ ସାହିବଜାଦେଙ୍କ ମଧ୍ୟରୁ ଜଣେ ମଧ୍ୟ ବିଚଳିତ ହୋଇ ନଥିଲେ । ପ୍ରଧାନମନ୍ତ୍ରୀ ସାହିବଜାଦା ଅଜିତ ସିଂହ ଜୀଙ୍କ ବୀରତ୍ୱର କଥାକୁ ମନେ ପକାଇଥିଲେ, ଯାହା ତାଙ୍କ ସାହସକୁ ପ୍ରତିପାଦିତ କରିଥାଏ ।

ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ସାବିତ୍ରୀ ଠାକୁର, ରଭନୀତ ସିଂହ, ହର୍ଷ ମାଲହୋତ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

## ଧରଣୀଧର ଆମ...

ହୋଇଥିଲା, ତା ବିରୋଧରେ ଆରମ୍ଭ ହୋଇଥିଲା ପ୍ରସିଦ୍ଧ 'ଧରଣୀ ମେଳି' । ଧରଣୀଧର ଥିଲେ ଭୂୟାଁ ସମ୍ପ୍ରଦାୟର ଆଦିବାସୀ । ସ୍ୱଭାବରେ ସମସ୍ତେ ଶାନ୍ତିପ୍ରିୟ । କିନ୍ତୁ, ଅନ୍ୟାୟ, ଅତ୍ୟାଚାରକୁ ବରଦାସ୍ତ କରିବା ସେମାନେ ଶିଖିନାହାନ୍ତି । ଧରଣୀଧର ଥିଲେ ସେହି ଅତ୍ୟାଚାର-ବିରୋଧୀ ଶକ୍ତିର ମାନବୀୟ ରୂପ ।

ମଣିଷ ଜୀବନ ଖୁବ କଷ୍ଟରେ ମିଳେ ବୋଲି କୁହାଯାଏ । ସେ ଜୀବନକୁ ସାର୍ଥକ କରିବାର ଅଛି । ଅଧିକ ଦିନ ବଞ୍ଚିବା ଅପେକ୍ଷା, ଜୀବନରେ ଆପଣ କେତେ ମହତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଯେ କୌଣସି ମାର୍ଗରେ ରହି ଦେଶର ସ୍ୱାଧୀନତା, ଅଖଣ୍ଡତା ଓ ବିକାଶ ପାଇଁ ଅବଦାନ ରଖିହେବ । ଧରଣୀଧରଙ୍କ ଜୀବନୀ ହିଁ ଆମକୁ ସେହି ଶିକ୍ଷା ପ୍ରଦାନ କରେ । ଜୀବନର ପ୍ରଥମ ଭାଗ ସେ ବିଦ୍ରୋହ କରି ସ୍ୱାଧୀନତାର ଅଗ୍ନି ଜଳାଇଥିଲେ ଓ ଶେଷ ଭାଗକୁ ସେ ଆଧ୍ୟାତ୍ମିକ ମାର୍ଗରେ ଯାଇ ଦେଶର ସ୍ୱାଧୀନତା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ ବୋଲି ସେ କହିଥିଲେ ।

କେନ୍ଦୁଝରର ଆଉ ଜଣେ ଗୌରବଙ୍କ କଥା କହିଥିଲେ । ଗୋଟିଏ କୋଡି ଏବଂ ଗୋଟିଏ କୋଦାଳଯେ ମଣିଷକୁ ଆତ୍ମବିଶ୍ୱାସୀ କରିଦେଇପାରେ ତାହା କେନାଲ ମ୍ୟାନ ପଦ୍ମଶ୍ରୀ ଦୈତାରୀ ନାୟକଙ୍କ ଜୀବନୀରୁ ଆମେ ଶିଖୁ । ଗୋନସିକା ପାହାଡରୁ ନିଜ ଗ୍ରାମ ତଳବୈତରଣୀ ପର୍ଯ୍ୟନ୍ତ କେନାଲ ଖୋଳିବାକୁ ସମର୍ଥ ହୋଇଥିଲେ । ଦୀର୍ଘ ତିନି ବର୍ଷ ଲାଗିଯାଇଥିଲା ତାଙ୍କୁ ଏ କାର୍ଯ୍ୟ କରିବାକୁ । ଦୈତାରୀବାବୁଙ୍କ ଏ ଚମତ୍କାର କାହାଣୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଖରେ ପହଞ୍ଚିଥିଲା ଏବଂ ୨୦୧୯ରେ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ବିଭୂଷିତ କରିଥିଲେ । ସେ ଆମ ସମସ୍ତଙ୍କ ପାଇଁ ଜଣେ ପ୍ରେରଣା କାରଣ ସେ ମଧ୍ୟ ଜଣେ ବିପ୍ଳବୀ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଦୈତାରୀ ନାୟକ, ସାଂସଦ ଅନନ୍ତ ନାୟକ, ବିଧାୟକ ଡାକ୍ତର ଫକୀର ନାୟକ, ବିଧାୟକ ଅଖିଳ ନାୟକ, ମମିତା ନାୟକ, ଶ୍ୟାମ ସୁନ୍ଦର ନାୟକ ବିପ୍ଳବୀ ଧରଣୀଧରଙ୍କ ବଂଶଜ କଳାକାର ନାୟକ, ଭୂୟାଁ ସମାଜ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍କୁଲ୍ ପିଲାଙ୍କ...

ପକ୍ଷରୁ ବର୍ତ୍ତମାନର ବସ୍ ରୁଟ୍ ଏବଂ ଟାଇମିଂରେ ସଂଶୋଧନ କରାଯିବ । ସଂଶୋଧିତ ରୁଟ୍‌ରେ ସର୍ବାଧିକ ସ୍କୁଲ ଥିବା ରାସ୍ତାକୁ ସାମିଲ କରାଯିବ ବୋଲି କୁହାଯାଇଛି ।

## ୨୦ଜଣଙ୍କୁ ରାଷ୍ଟ୍ରୀୟ...

ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଅଛନ୍ତି । ଭାରତର ଯୁବ ତଥା ଆଇପିଏଲର ସବୁଠାରୁ କମ ବୟସର କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ନୂଆ ନୂଆ ସଫଳତା ହାସଲ କରୁଛନ୍ତି । ମାତ୍ର ୧୪ ବର୍ଷ ବୟସରେ, ବୈଭବ କ୍ରିକେଟ ଜଗତରେ ଝଡ଼ ସୃଷ୍ଟି କରି ଅନେକ ରେକର୍ଡ ସ୍ଥାପନ କରିଛନ୍ତି । ପିଚ୍‌ରେ ତାଙ୍କର ଉଲ୍ଲେଖନୀୟ ସଫଳତାକୁ ଭାରତ ସରକାର ସ୍ୱୀକୃତି ଦେଇଛନ୍ତି । ବୈଭବ ସୂର୍ଯ୍ୟବଂଶୀଙ୍କୁ ଦେଶର ସର୍ବୋଚ୍ଚ ଶିଶୁ ପୁରସ୍କାର, ପ୍ରଧାନମନ୍ତ୍ରୀ ଜାତୀୟ ଶିଶୁ ସମ୍ମାନରେ ସମ୍ମାନିତ କରାଯାଇଛି ।

## କାନାଡାରେ ଭାରତୀୟ...

ଘଟଣା ସ୍ଥଳରୁ ପଳାଇଯାଇଥିଲା । ତେବେ ବିଶ୍ୱବିଦ୍ୟାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ପରିସର ନିକଟରେ ମୃତ୍ୟୁ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ । କିନ୍ତୁ ସେ ଜଣେ ଛାତ୍ର କି ନାହିଁ ତାହା ସ୍ପଷ୍ଟ କରିନାହାନ୍ତି । ମୁଖପାତ୍ର କହିଛନ୍ତି, ଆମେ ବର୍ତ୍ତମାନ ପୀଡିତଙ୍କ ପରିଚୟ ଉପରେ ମତାମତ ଦେଇପାରିବୁ ନାହିଁ । ଆମେ ଆମର କ୍ୟାମ୍ପସ୍ ସୁରକ୍ଷା ଦଳ, ଟୋରଣ୍ଟୋ ପୁଲିସ ସେବା ଏବଂ ଜରୁରୀକାଳୀନ ଚିକିତ୍ସା ସେବା କର୍ମଚାରୀଙ୍କ ତୁରନ୍ତ ପ୍ରତିକ୍ରିୟା ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ କୃତଜ୍ଞ ।

## ଭାରତୀୟ ପାସପୋର୍ଟ ...

କରିପାରିବେ । ସିଙ୍ଗାପୁର ନାଗରିକମାନେ ୧୯୩ ଦେଶକୁ, ଦକ୍ଷିଣ କୋରିଆ ନାଗରିକମାନେ ୧୯୦ ଦେଶକୁ, ଜାପାନୀ ନାଗରିକମାନେ ୧୮୯ ଦେଶକୁ ଏବଂ ଜର୍ମାନୀ, ଇଟାଲୀ, ସ୍ପେନ୍ ଏବଂ ସ୍ୱିଜରଲ୍ୟାଣ୍ଡର ନାଗରିକମାନେ ୧୮୭ ଦେଶକୁ ଭିସା ବିନା ଯାତ୍ରା କରିପାରିବେ ।

## ରାଜସ୍ଥାନରେ ହିଂସା...

କରିଛନ୍ତି । ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ହୋଇଛି ଯେ, ଏହି ବ୍ୟକ୍ତିମାନେ ପଥର ଫିଙ୍ଗାଳିଙ୍କ ସହ ଜଡିତ ଥିଲେ । ସାମ୍ପ୍ରଦାୟିକ ସଦ୍ଭାବନାକୁ ବିଗାଡ଼ିବା ପ୍ରୟାସକୁ ଅଟକାଇବାକୁ ସେମାନଙ୍କୁ ଗିରଫ କରାଯାଇଛି ।

# ପାରାଦୀପ ଫସଫେଟ ଲିମିଟେଡ଼ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ




**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**

ପାରାଦୀପ ଫସଫେଟ ଲିମିଟେଡ଼ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ଯୁଭି୧୧ ନାୟକଗୁଡା ଠାରେ ଅନୁଷ୍ଠିତ ହୋଇଥିଲା । ନବରଙ୍ଗପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ଭାବେ ପରିଗଣିତ ଏଠାରେ ଶିଳ୍ପର କୌଣସି ଅସ୍ତିତ୍ୱ ନାହିଁ । ଅନ୍ୟପଟେ ଶତକଡ଼ା ୭୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି । ଏଠାକାର ମାଟି ଚାଷ ପାଇଁ ବେଶ୍ ଉପଯୋଗୀ ହୋଇଥିବା ବେଳେ ରାସାୟନିକ ସାର ବ୍ୟବହାର କରିବା ଯୋଗୁଁ ମାଟିର ଉର୍ବରତା ଧୀରେ ଧୀରେ ନଷ୍ଟ ହେବାରେ ଲାଗିଲାନି । ତେଣୁ ଏହାକୁ ଦୃଷ୍ଟିରେ ରଖି ପାରାଦୀପ ଫସଫେଟ ଲିମିଟେଡ଼ କମ୍ପାନୀ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ ପାଇଁ ଏକ କାର୍ଯ୍ୟକ୍ରମ ରଖା ଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲୋକଙ୍କ ମନରେ ସଚେତନ ସୃଷ୍ଟି କରିବା ଓ ମାଟି ପରୀକ୍ଷା, ସନ୍ତୁଳିତ ସାର ଉପଯୋଗ, କମ୍ପାନୀ ପକ୍ଷରୁ ନାନୋଶକ୍ତି ନାନୋଡିଏପି, ନାଇଟ୍ରୋନିକ ୩୨ ଏବଂ ଟିଏସପି୪୬କୁ ବ୍ୟବହାର ବିଷୟରେ ଆଲୋଚୋନା ହୋଇଥିଲା ଏବଂ ଅଣୁ ସାର ନାନୋ ଡିଏପି, ନାନୋ ୟୁରିଆର ଉପକାରିତା ଏବଂ ତା'ର ବ୍ୟବହାର ଦ୍ୱାରା ଆଗାମୀ ଦିନରେ ମାଟିର ଉର୍ବରତକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇପାରିବ ବୋଲି କହିଛନ୍ତି । ଲୋକେ ଜମିରେ ପ୍ରଚୁର ପରିମାଣରେ ଦାନା ଜାତୀୟ ରାସାୟନିକ ସାର ବ୍ୟବହାର କରୁଛନ୍ତି, ଯାହାକି ଅନେକ ସମୟରେ ପର୍ଯ୍ୟାପ୍ତ ପରିମାଣରେ ମିଳିପାରୁନାହିଁ । ତେଣୁ ପାରାଦୀପ ଫସଫେଟ ପକ୍ଷରୁ କମ୍ ଦାମ୍‌ରେ ବିଭିନ୍ନ ପ୍ରକାର ସାର ଯୋଗାଇ ଦିଆଯାଉଛି ଯାହା ବ୍ୟବହାର ଦ୍ୱାରା ଧାନ, ମକା ଓ ପନିପରିବା ଅଧିକ ଅମଳ ହୋଇପାରିବ ଓ ଚାଷୀ ମଧ୍ୟ ଅଧିକ ଲାଭବାନ ହୋଇପାରିବେ ବୋଲି କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ଯୋଗ ଦେଇଥିବା ଅଧିକାରୀ ସୂଚନା ଦେଇଛନ୍ତି । ପୂର୍ବରୁ ପିପିଏଲ ପକ୍ଷରୁ ଆସୁଥିବା ସାର ବ୍ୟବହାର କରିଥିବା ନିଖିଳ ମିସ୍ତ୍ରୀ, ତ୍ରିଭୁବନ ସାହୁ, ମନିମନ ରାୟ, ଯଗ ସାନ୍ତା, ଅନ୍ତ ସାନ୍ତା, ହେମନ୍ତ ରାଏଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପିପିଏଲ ପକ୍ଷରୁ ରିଜିଓନାଲ ମ୍ୟାନେଜର ଅତୁଲ ପାଣ୍ଡେ, ମାର୍କେଟିଙ୍ଗ ଅଧିକାରୀ ଜ୍ୟୋତି ରଞ୍ଜନ ସିଂ, ଜୁନିଅର ଏଗ୍ରନୋମିଷ୍ଟ ସୁଧୀର କୁମାର ନାୟକ, ନୀଳମାଧାବ ସେଠି, ସାଜନ ସରକାର, ଲିଟୁ ପଣ୍ଡା, ସଂଜିତ ମଣ୍ଡଳଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

i-440

GOVERNMENT OF ODISHA
OFFICE OF THE PANCHAYAT SAMITI PURI SADAR, PURI.
Email- ori-bpuri@nic.in

OPEN TENDER BIDDING THROUGH e-PROCUREMENT
Bid Identification No.: - 02/2025-26/PURI SADAR BLOCK

The **OFFICE OF THE PANCHAYAT SAMITI PURI SADAR, Puri, Odisha** on behalf of Governor of Odisha invites **Percentage Rate Bids** through **e-Procurement** in **Single and Double Cover System** as applicable from eligible Class of Contractors for execution of Civil Works as per NIT and DTCN on **Percentage Rate Bids**. Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of Terms and Conditions of contract and other necessary documents can be seen in e-procurement portal **https://tendersodisha.gov.in**. The bid should be submitted on-line only on the website ***www.tendersodisha.gov.in*** by an eligible class of contractor.

| | | |
|---|---|---|
| 1 | Name of the Works: - | Construction of Additional Classroom for Primary and Secondary Schools, CFC for Palm Leaf Engraving and Higher Education Institute under CMSA by Panchayat Samiti, Puri Sadar |
| 2 | No. of Works: - | 04 (Four) Nos. |
| 3 | Estimated Cost (in Rs.): - | Varies from Rs. 12.73 Lakh to Rs. 77.86 Lakh (Approximately) |
| 4 | Period Of Completion: - | Approximately 04 (Four) & 06 (Six) Calendar Months as applicable |
| 5 | Date and Time of availability of Bid Documents in the Portal: - | From Dt. 24.12.2025 at 05:00 PM to Dt. 09.01.2026 up to 05:00 PM. |
| 6 | Last Date/Time of receipt of Bids in the Portal: - | Dt. 09.01.2026 up to 05:00 PM. |
| 7 | Date of Opening of Bids: - | Dt. 12.01.2026 11:00 AM onwards |
| 8 | Name and Address of the OIT: - | Office of The Panchayat Samiti, Puri Sadar, Puri, Odisha. |

Sd/- BLOCK DEVELOPMENT OFFICER
PURI SADAR, PURI

OIPR-19380/11/0007/2526

C-1857

GOVERNMENT OF ODISHA
OFFICE OF THE EXECUTIVE ENGINEER,
PUBLIC HEALTH DIVISION, RAYAGADA.
e-mail: -eephd.rgda.od@od.gov.in,eephdrgda@gmail.com
e-Procurement Notice for 2025-26
Bid Identification No.EEPHDRAYAGADA-36/2025-26 DT. 19.12.2025

1.Name of the work : Recycle and Reuse arrangement for back wash water at WTP under Gunupur Municipality.
2. Estimate cost : Rs. 35.39 Lakh (Approx.)
3. Class of Contractor : "C" & "B" Class
3. Period of Completion : 3 Months
4. Date & Time of availability of Bid documents in the portal : From 11.00 A.M of 29.12.2025 to 05.00 P.M. of 08.01.2026
5. Last date/ time of receipt of bids in the portal : 05.00 P.M. of 08.01.2026
6. Date & time of opening of Bids : 11.00 A.M of 09.01.2026
7. Name and address of the Officer Inviting Bid : Executive Engineer, P.H. Division, Rayagada Near Forest Check Gate, Seriguda Rayagada-765002.

Further details can be seen from the e-Procurement portal "https://www.tendersorissa.gov.in".

OIPR-13052/11/0049/2526

Sd/- EXECUTIVE ENGINEER
P.H. DIVISION, RAYAGADA

O-1878

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SUNABEDA
E-mail - eerw sunabeda@yahoo.co.in
Letter No. 5245 Date:26.12.2025

1st Corrigendum

In continuation to this office Bid Identification No. Online Tender/09/RVV D-SBD/2025-26 invited vide this office letter No.5183 Dtd. 19.12.2025, partial modification of TCN has been made of all the works as follows :-

| Sl No | Item | Time Schedule as per original TCN No. 07/RWD- SBD/2025-26 | Time Schedule as per 1'* Corrigendum |
|---|---|---|---|
| 1 | Availability of Tender online for bidding | From 22.12.2025 at 11.00 AM to 01.01.2026 up to 5.00 PM | Extended till 08.01.2026 upto 05.00 PM |
| 2 | Date & Time of opening of tender | 02.01.2026 at 11.00 AM | 09.01.2026 at 11.00 AM |

All other terms and conditions will remain unaltered.

OIPR-25059/11/0032/2526

Sd/- Superintending Engineer
R W Division, Sunabeda

ଉତ୍କଳ ଦୀପିକା

ଭୁବନେଶ୍ୱର
୨୭ ଡିସେମ୍ବର,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# କେନ୍ଦୁଝର ଜିଲ୍ଲାରେ ଧାନ ସଂଗ୍ରହ ବ୍ୟବସ୍ଥାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୨୬।୧୨

ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ସରକାର ଚାଷୀଙ୍କ ସରକାର। ଚାଷୀଙ୍କ ପାଇଁ ଏକାଧିକ ଯୋଜନା ପ୍ରସ୍ତୁତ କରିଥିବା ସରକାରଙ୍କ ଦ୍ୱାରା ଧାନର ବୋନସ୍ ୮୦୦ ଟଙ୍କା ପ୍ରଦାନ କରିବା ହେଉଛି ସବୁଠୁ ବଡ଼ ଉପଲବ୍ଧି। ଏହା ଦ୍ୱାରା ଚାଷ ପ୍ରତି ଚାଷୀଙ୍କ ମନୋବଳ ବଢ଼ିଛି ବୋଲି କେନ୍ଦୁଝର ସ୍ଥିତ ପଳାସପଙ୍ଗା ଲ୍ୟାମ୍ପସରେ ଧାନ ସଂଗ୍ରହର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତର ପ୍ରଥମ ଦିନରେ ପଳାସପଙ୍ଗା ସ୍ଥିତ ଲ୍ୟାମ୍ପସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ପାଇଁ ଧାନ ସଂଗ୍ରହ ବ୍ୟବସ୍ଥାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଆମେ ଶୁଣୁଥିଲୁ, ଚାଷ ପ୍ରତି ଚାଷୀମାନଙ୍କ ଆଗ୍ରହ କମିଯାଉଛି। ଚାଷୀ ଭାଇମାନେ ବିଲକୁ ଯିବାକୁ ବିମୁଖ ହେଉଛନ୍ତି। କିନ୍ତୁ ଏବର୍ଷର ତଥ୍ୟ ସମ୍ପୂର୍ଣ୍ଣଭାବେ ଅଲଗା ଚିତ୍ର ପ୍ରଦାନ କରୁଛି। ଏହାର କାରଣ ହେଉଛି, ମୋଦୀଜୀଙ୍କ ନେତୃତ୍ୱରେ ଓଡ଼ିଶାରେ ଗଠିତ ଆପଣ ମାନଙ୍କ ଡବଲ ଇଞ୍ଜିନ ସରକାର। କାରଣ ଆମେ ଆପଣମାନଙ୍କୁ ଆପଣଙ୍କ ପରିଶ୍ରମ ଓ ତ୍ୟାଗର ମୂଲ୍ୟଦେବା ପାଇଁ ପ୍ରତିବଦ୍ଧ ହୋଇ ପଦକ୍ଷେପ ନେଇଛୁ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୋଟିଏ ଟଙ୍କା ସବ୍‌ସିଡି ପାଇଥିବା ଚାଷୀଙ୍କୁ ତାଙ୍କ ଘରକୁ ଯାଇ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧନା ଦେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ପୂର୍ବ ସରକାର ୧୦୦ ଟଙ୍କା ଅଧିକ ଦେବେ ବୋଲି କହିଥିଲେ। କିନ୍ତୁ ଦେଇପାରିଲେ ନାହିଁ। କିମ୍ବା ହୁଏତ ଜାଣି



ଜାଣି ଦେଲେ ନାହିଁ। କିନ୍ତୁ ଆମର ପ୍ରତିଶ୍ରୁତି ପଥରରେ ଅଙ୍କା ହୋଇଥିବା ଚିତ୍ରପରି। ଆମେ ଆପଣମାନଙ୍କୁ ଆମର ସଂକଳ୍ପ ଅନୁଯାୟୀ ୮୦୦ ଟଙ୍କା ଦେଲୁ। ତାହା ନିଶ୍ଚିତ ଭାବରେ ଆପଣମାନଙ୍କ ମନୋବଳ ବୃଦ୍ଧି କରିଛି। ଚାଷ ଉପରେ ଭରସା ବଢ଼ିଛି। ସେ କହିଥିଲେ, ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସମ୍ପୂର୍ଣ୍ଣ ଧାନ କିଣା ପ୍ରକ୍ରିୟା ସ୍ୱଚ୍ଛତାର ସହ ଚାଲିବ। ଏଥିରେ ଅବହେଳା ହେଲେ, ନିଶ୍ଚିତ ଭାବରେ ସମ୍ପୃକ୍ତ ଅଧିକାରୀ ତା'ର ଫଳ ଭୋଗିବେ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ। ଧାନ ସହିତ ଅଣ-ଧାନ ଫସଲରେ ମଧ୍ୟ ଆପଣ ମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ ଆମର ବିଚାର ଚାଲିଛି। ଆମେ ଚାହୁଁଛୁ ଫସଲର ବିବିଧକରଣ ହେଉ। ଆପଣମାନେ କେବଳ ଆଉ ଧାନ ନକରି ଡାଲି ଓ ତୈଳବୀଜ ଜାତୀୟ ଫସଲ କରନ୍ତୁ। ମାଣ୍ଡିଆ ଚାଷ କରନ୍ତୁ। ଏଥିରେ ଆପଣଙ୍କର ସର୍ବନିମ୍ନ ସହାୟକ ମୂଲ୍ୟ ମଧ୍ୟ ଅଧିକ ରହୁଛି ଏବଂ ରାଜ୍ୟ ସରକାର ମଧ୍ୟ ଆହୁରି ଅଧିକ ସହାୟତା ଦେବାପାଇଁ ଚିନ୍ତା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଧାନ ସଂଗ୍ରହ ଓ ବିଭିନ୍ନ କ୍ଷେତ୍ରରେ ଆପଣମାନଙ୍କୁ ସହାୟତା ଦେବା ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ମାନଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ରାଜ୍ୟରେ ୧,୫୪୨ଟି ନୂଆ ପ୍ୟାକ୍ସ ଓ ଲ୍ୟାମ୍ପସ ଗଠନ କରାଯାଇଛି ଏବଂ ସେମାନଙ୍କୁ କାର୍ଯ୍ୟକ୍ଷମ କରିବା ପାଇଁ ୫ ଲକ୍ଷ ଟଙ୍କା ସିଡ୍ ମନି ବା ମୂଳଧନ ମଧ୍ୟ ଦିଆଯାଉଛି। ବର୍ତ୍ତମାନ ସାରା ରାଜ୍ୟରେ ୪,୨୫୩ଟି ପ୍ୟାକ୍ସ ଓ ଲ୍ୟାମ୍ପସ୍ ରହିଛି। ଏଗୁଡିକ ଏକ ୱାନ ଷ୍ଟପ ସେଣ୍ଟର ଭାବେ ବିକଶିତ କରାଯାଉଛି। ଏଥିରେ ଆପଣମାନେ ଗୋଟିଏ ଜାଗାରେ ସବୁ ପ୍ରକାର ସୁବିଧା ପାଇ ପାରିବେ। ୧୫ ଲକ୍ଷ ହେକ୍ଟର ଜମି ଆଗାମୀ ତିନିବର୍ଷରେ ଜଳ ସେଚିତ ହେବ। କାନୁପୁର ଜଳ ସେଚନ ପ୍ରକଳ୍ପ ଆଉ ମାତ୍ର ଦୁଇରୁ ତିନିମାସରେ ଉଦ୍‌ଘାଟନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ନାୟକ, ବିଧାୟକ ବଦ୍ରି ନାରାୟଣ ପାତ୍ର, ବିଧାୟକ ସନାତନ ମହାକୁଡ଼, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ବିଧାୟକ ଡକ୍ଟର ଫକୀର ମୋହନ ନାଏକ, ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁ, ଜିଲ୍ଲାପାଳ ବିଶାଲ୍ ସିଂହ ଉପସ୍ଥିତ ଥିଲେ।

## ଫରେଷ୍ଟର ନିରଞ୍ଜନ ଶତପଥୀଙ୍କ ବିପୁଳ ସମ୍ପତ୍ତି ଠାବ କଲା ଭିଜିଲାନ୍ସ

ଭୁବନେଶ୍ୱର, ୨୬।୧୨

ନ୍ୟୁଜ୍‌ବ୍ୟୁରୋ

ଫରେଷ୍ଟର ନିରଞ୍ଜନ ଶତପଥୀଙ୍କ ବିପୁଳ ସମ୍ପତ୍ତି ଠାବ କଲା ଭିଜିଲାନ୍ସ। ଫରେଷ୍ଟରଙ୍କ ଭୁବନେଶ୍ୱର ଝାରପଡ଼ାରେ ଅଛି ୨ଟି ବହୁତଳ କୋଠା। ଭୁବନେଶ୍ୱର ସମେତ ଜଗତସିଂହପୁର ଓ ସେମିଳିଗୁଡ଼ାରେ ୭ଟି ଦାମୀ ପ୍ଲଟ୍ ରହିଛି। ଫରେଷ୍ଟରଙ୍କର ପ୍ରାୟ କେଜିଏ ସୁନା ଅଳଙ୍କାର ମଧ୍ୟ ଠାବ ହୋଇଥିବା ବେଳେ ନଗଦ ୮ ଲକ୍ଷ ୭୦ ହଜାର ଟଙ୍କା ସହ କିଛି ବିଦେଶୀ ମୁଦ୍ରା ମଧ୍ୟ ଠାବ ହୋଇଛି। ବର୍ତ୍ତମାନ ସୁଦ୍ଧା ଠାବ ହୋଇଥିବା ମୁଖ୍ୟ ସମ୍ପତ୍ତି ଗୁଡିକ ହେଉଛି, ଭୁବନେଶ୍ୱରସ୍ଥିତ ଝାରପଡ଼ା ଅଞ୍ଚଳରେ ୨ଟି ବିଶାଳ ତିନି ମହଲା କୋଠା। ଜଗତସିଂହପୁର ସହର ଓ ସେମିଳିଗୁଡ଼ାରେ ମୋଟ ୭ଟି ଦାମୀ ପ୍ଲଟ୍। ସେମିଳିଗୁଡ଼ାରେ ଆଉ ଗୋଟିଏ ଘର ଥିବା ଜଣାପଡ଼ିଛି।



ଭୁବନେଶ୍ୱର : ଶ୍ରୀଜଗନ୍ନାଥଙ୍କ ନୂତନ କ୍ୟାଲେଣ୍ଡର-୨୦୨୬କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ପ୍ରଦାନ କରୁଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ି। (ଫଟୋ : ସମ୍ବାଦ କଳିକା)

## ଜ୍ୟୋସ୍ନାଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୧୨

ନ୍ୟୁଜ୍‌ବ୍ୟୁରୋ

ରାଷ୍ଟ୍ରପତିଙ୍କ ଦ୍ୱାରା 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର'ରେ ସମ୍ମାନିତ ହୋଇଥିବା ସୁଶ୍ରୀ ଜ୍ୟୋସ୍ନା ଶବରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୋସିଆଲ ମିଡିଆରେ ଲେଖିଛନ୍ତି, ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର'ରେ ସମ୍ମାନିତ ହୋଇଥିବା ଓଡ଼ିଆ ଝିଅ ଜ୍ୟୋସ୍ନା ଶବରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଆଦିବାସୀ ବହୁଳ ଗଜପତି ଜିଲ୍ଲାର ଦୁର୍ଗମ ଅଞ୍ଚଳରୁ ଆସି ଅନ୍ତର୍ଜାତୀୟ ଭାରୋତ୍ତୋଳନ କ୍ଷେତ୍ରରେ ଏସୀୟ ରେକର୍ଡ ସ୍ଥାପନ କରିବା ସହ ବିଶ୍ୱସ୍ତରରେ ପଦକ ଜିତି ସେ ରାଜ୍ୟ ପାଇଁ ଅପୂର୍ବ ଗୌରବ ଆଣିଛନ୍ତି।

## ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ

# ବିଜେଡି ରହିଛି ଏବଂ ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ଓଡ଼ିଶା ବାସୀଙ୍କ ସ୍ୱର ହୋଇ ରହିବ

ଭୁବନେଶ୍ୱର, ୨୬।୧୨

ନ୍ୟୁଜ୍‌ବ୍ୟୁରୋ

ଶୁକ୍ରବାର ଶଙ୍ଖ ଭବନରେ ବିଜୁ ଜନତା ଦଳ (ବିଜେଡି)ର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ବିପୁଳ ଉତ୍ସାହ ସହ ପାଳିତ ହୋଇଯାଇଛି।

ଏହି ଅବସରରେ ଉପସ୍ଥିତ ନେତା ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ କହିଲେ ଯେ ଗଣତନ୍ତ୍ରରେ ହାରଜିତ ରହିଛି। କିନ୍ତୁ କିଛି ଲୋକ ଓ କିଛି ଦଳ ଲବେ ବିଜୁ ଜନତା ଦଳକୁ ନେଇ ଅପପ୍ରଚାର କରୁଛନ୍ତି। ବିଜୁ ଜନତା ଦଳ ଭାଙ୍ଗି ଯିବ ଇତ୍ୟାଦି ନାନା ଗୁଜବ ମଧ୍ୟ ସୃଷ୍ଟି କରାଯାଉଛି। କିନ୍ତୁ ସେମାନେ ଜାଣି ରଖିବା ଉଚିତ ଯେ ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ। ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷା ଓ ସ୍ୱାଭିମାନ ସହ ବିଜେଡି ଜଡିତ।



ବିଜେଡି ରହିଛି ଏବଂ ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡ଼ିଶା ବାସୀଙ୍କ ସ୍ୱର ହୋଇ ରହିବ ବୋଲି ଶ୍ରୀ ପଟ୍ଟନାୟକ ଦୃଢୋକ୍ତି ପ୍ରକାଶ କରିଥିଲେ।

ବିଜୁ ଜନତା ଦଳକୁ ଏକ ସଫଳ ଆଞ୍ଚଳିକ ଦଳ ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ୧୯୯୭ରୁ ବିଜେଡି ବିଜୁ ବାବୁଙ୍କ ଆଦର୍ଶରେ ଓଡ଼ିଶାବାସୀଙ୍କ ସେବା କରିଚାଲିଛି। ୨୦୦୦ ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଶାସନ ଥିଲା ଓଡ଼ିଶାର ବିକାଶ ଇତିହାସ ସୁବର୍ଣ୍ଣ ଯୁଗ। ଦାରିଦ୍ର୍ୟ, କ୍ଷୁଧା, ଶିଶୁ ମୃତ୍ୟୁ ଓ ପ୍ରାକୃତିକ ବିପତ୍ତି ସହ ଲଢ଼ିଛୁ। ସଫଳ ମଧ୍ୟ ହୋଇଛୁ। ଓଡ଼ିଶାକୁ ନୂଆ ପରିଚୟ ଦେଇଛୁ। ମା'ମାନଙ୍କୁ ସଶକ୍ତ କରିଛୁ। ଚାଷୀଙ୍କ ରୋଜଗାର ବୃଦ୍ଧି କରିଛୁ। ବିଏସକେୱାଇ ପରି ମାଗଣା ସ୍ୱାସ୍ଥ୍ୟ ସେବା ଦେଇଛୁ। ରାଜ୍ୟକୁ ପୁଞ୍ଜି ଆଣିଛୁ। ଯୁବ ସମାଜକୁ ନିଯୁକ୍ତି ଦେଇଛୁ। ଓଡ଼ିଶାକୁ ବିଜେଡି ସରକାର ନୂଆ ପରିଚୟ ଦେଇଛି।

ବର୍ତ୍ତମାନର ବିଜେପି ସରକାରର କାମ ଉପରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। କିନ୍ତୁ ବିକାଶ କାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ ଏବେ ଚାଷୀଙ୍କୁ ସାର ମିଳୁନି। ମଣ୍ଡି ଖୋଲୁନି। ମିଶନ ଶକ୍ତି ମା'ମାନେ ହଇରାଣ। ଯୁବ ସମାଜ ହତାଶ। ଗତ ଅଠର ମାସରେ ଅଠର ଥର ନିଯୁକ୍ତି ପରୀକ୍ଷା ପ୍ରଶ୍ନ ଲିକ୍ ହେଲାଣି। ଆଇନ ଶୃଙ୍ଖଳା କଥା ନ କହିବା ଭଲ। ମହିଳାମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଏପରିକି ଛୋଟ ଛୋଟ ଝିଅମାନେ ମଧ୍ୟ ନିରାପଦ ନୁହନ୍ତି। ରାଜ୍ୟ ରେ ଏକ ସରକାର ଥିବା ପରି ଅନୁଭବ ହେଉ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ।

ଯୁବ ସମାଜକୁ ଦଳର ଅମୂଲ୍ୟ ସମ୍ପତ୍ତି ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସେବା, ସଂଗ୍ରାମ ଓ ସ୍ୱାଭିମାନ ବିଜେଡିର ମନ୍ତ୍ର। ବିକାଶ ଆମର ପରିଚୟ। ତେଣୁ ବିଜେଡିର ଯୁବ ବନ୍ଧୁମାନେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବା ସହ ଦଳ ବିରୁଦ୍ଧରେ ଚାଲିଥିବା ଅପପ୍ରଚାରର ଫଳପ୍ରଦ ମୁକାବିଲା କରିବାକୁ ବିଜେଡି ସଭାପତି ଆହ୍ୱାନ ଜଣାଇଥିଲେ। ରାଜନୀତିରେ ଧୈର୍ଯ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଦଳର ଲକ୍ଷ ଲକ୍ଷ କର୍ମୀ ଭାଇ ଭଉଣୀମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଛି। ତେଣୁ ବର୍ତ୍ତମାନର ଆହ୍ୱାନକୁ ଭବିଷ୍ୟତ ପାଇଁ ସୁଯୋଗରେ ରୂପାନ୍ତରିତ କରି ଏକ ସଶକ୍ତ ଓଡ଼ିଶା ଗଠନ ଦିଗରେ ବ୍ରତୀ ହେବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

## ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଓ ପାରାଦୀପ ପୋର୍ଟ ମଧ୍ୟରେ

# 'ଇଞ୍ଜିନ୍-ଅନ୍-ଲୋଡ୍' ଯୋଜନା ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର, ୨୬।୧୨

ନ୍ୟୁଜ୍‌ବ୍ୟୁରୋ

ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଓ ପୋର୍ଟ-ରେଳ ସମନ୍ୱୟ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଓ ପାରାଦୀପ ପୋର୍ଟ ପ୍ରାଧିକାରୀଙ୍କ ମଧ୍ୟରେ 'ଇଞ୍ଜିନ୍-ଅନ୍-ଲୋଡ୍ (ଇଓଏଲ) ଯୋଜନା' ଅଧୀନରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି।



ଏହି ଯୋଜନା ଅନୁଯାୟୀ, ପଣ୍ୟ ବୋଝେଇ ଓ ନିଷ୍କାସନ ସମୟରେ ଲୋକୋମୋଟିଭ୍‌ଗୁଡ଼ିକୁ ରେକ୍ ସହ ଲଗାଇ ରଖାଯିବ, ଯାହାଦ୍ୱାରା ଇଞ୍ଜିନ୍ ଖୋଲିବା ଓ ପୁନଃ ସଂଯୋଗ କରିବାର ଆବଶ୍ୟକତା ପଡ଼ିବ ନାହିଁ। ଏହା ଦ୍ୱାରା ସମୟ ସଞ୍ଚୟ, ଲୋକୋମୋଟିଭ୍‌ର ଉତ୍ପାଦକତା ବୃଦ୍ଧି ଏବଂ ୱାଗନ୍ ଓ ଟ୍ରେନ୍ ରେକ୍‌ର ଦ୍ରୁତ ଟର୍ଣ୍ଣ-ଏରାଉଣ୍ଡ ସମ୍ଭବ ହୋଇପାରିବ। ଏହି ଯୋଜନା ୟାର୍ଡ଼ ଓ ସାଇଡିଂରେ ଭିଡ଼ କମେଇ ପଣ୍ୟ ପରିଚାଳନାକୁ ଅଧିକ ସୁଗମ କରିବ। 'ଇଞ୍ଜିନ୍-ଅନ୍-ଲୋଡ୍' ଯୋଜନା ଦ୍ୱାରା ପଣ୍ୟ ପରିବହନର ଦ୍ରୁତ ନିଷ୍କାସନ, ସମ୍ପତ୍ତିର ଉତ୍ତମ ବ୍ୟବହାର ଏବଂ ନିର୍ଭରଯୋଗ୍ୟ ଓ ସୁନିଶ୍ଚିତ ପଣ୍ୟ ସେବା ସୁନିଶ୍ଚିତ ହୋଇପାରିବ। ଅତିରିକ୍ତ ଢାଞ୍ଚା ତିଆରି ନକରି ସାମର୍ଥ୍ୟ ବୃଦ୍ଧି ଏହି ଯୋଜନାର ଏକ ମୁଖ୍ୟ ଲାଭ ଯାହା ଭାରତୀୟ ରେଲୱେର କାର୍ଯ୍ୟକୁଶଳତା ଓ ସୁସ୍ଥାୟୀ ପରିଚାଳନା ଲକ୍ଷ୍ୟ ସହ ସମନ୍ୱୟ ରଖେ। ପାରାଦୀପ ପୋର୍ଟ ଅଧ୍ୟକ୍ଷ ପି.ଏଲ. ହରନାଧଙ୍କ ଉପସ୍ଥିତିରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ଓ ପାରାଦୀପ ପୋର୍ଟ ଟ୍ରାଫିକ୍ ମ୍ୟାନେଜର ଜି. ଏଡିସନ୍ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ରେଳ-ପୋର୍ଟ ସହଯୋଗ ପାରାଦୀପ ପୋର୍ଟରେ ପଣ୍ୟ କାରବାର କ୍ଷମତା ବୃଦ୍ଧି, ମଲ୍ଟିମୋଡାଲ୍ ଲଜିଷ୍ଟିକ୍ସ ସୁଦୃଢ଼ିକରଣ ଓ ପୂର୍ବତଟ ରେଳପଥର ପଣ୍ୟ ପରିବହନ ଚଳାଚଳକୁ ଅଧିକ ଗତିଶୀଳ କରି ଏହି ଅଞ୍ଚଳର ଆର୍ଥିକ ଉନ୍ନତିକୁ ସମର୍ଥନ ଦେବ ବୋଲି ଆଶା କରାଯାଉଛି।

## ବିକଶିତ ଓଡ଼ିଶା ଓ ଭାରତ ଗଠନରେ ଛାତ୍ରଛାତ୍ରୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ପୂର୍ବ ମନ୍ତ୍ରୀ

ଭୁବନେଶ୍ୱର, ୨୬।୧୨ : ନ୍ୟୁଜ୍‌ବ୍ୟୁରୋ

ରାଜ୍ୟର ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ଅନ୍ତର୍ଗତ ଇଶ୍ୱରପୁର ସ୍ଥିତ ଶ୍ୟାମ ସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ଯୋଗଦେଇଛନ୍ତି। ଏହି ଅବସରରେ ବିଦ୍ୟାଳୟ ଗଠନ ଓ ବିକାଶରେ ଅବଦାନ ରଖିଥିବା ବ୍ୟକ୍ତିବିଶେଷମାନଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ। ସମାରୋହକୁ ସମ୍ବୋଧନ କରି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି ଯେ, ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ସାଧନରେ ଛାତ୍ରଛାତ୍ରୀମାନଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାଳୟ କେବଳ ଶିକ୍ଷା ଦେଇନଥାଇ ଚରିତ୍ର ଗଠନ ସହ ଛାତ୍ରଛାତ୍ରୀମାନଙ୍କୁ ବିବେକବାନ ଓ ଦାୟିତ୍ୱଶୀଳ ନାଗରିକ ଭାବେ ଗଢ଼ି ତୋଳେ ବୋଲି ସେ ମତ ପ୍ରକାଶ କରିଥିଲେ।

ଶିକ୍ଷାର ମନ୍ଦିରରେ ଗଢ଼ା ଛାତ୍ରଛାତ୍ରୀମାନେ ହିଁ ଭବିଷ୍ୟତରେ 'ଭଗୀରଥ' ସାଜି ବିକାଶର ଧାରାକୁ ଆଗକୁ ନେଇପାରିବେ ବୋଲି କହିବା ସହ ମନ୍ତ୍ରୀ, ମାନସିକ ଓ ଶାରିରୀକ ଭାବେ ସୁସ୍ଥ ଛାତ୍ରଛାତ୍ରୀମାନେ ରାଷ୍ଟ୍ର ମଙ୍ଗଳରେ ବଡ଼ ଅବଦାନ ରଖିପାରିବେ ବୋଲି କହିଥିଲେ। ଶିକ୍ଷା ମାଧ୍ୟମରେ ଦେଶପ୍ରେମ ଜାଗ୍ରତ ହେଉ ଏବଂ ନିଜ ଅଂଚଳର ଉନ୍ନତି ପାଇଁ ପିଲାମାନେ ପ୍ରେରିତ ହେଉନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ।

# ପୂର୍ବତନ ବିଧାୟିକା ସଂଚିତା ମହାନ୍ତିଙ୍କ ଦେହାନ୍ତ

ଭୁବନେଶ୍ୱର, ୨୬।୧୨

ନ୍ୟୁଜ୍‌ବ୍ୟୁରୋ

ବରିଷ୍ଠ ନେତ୍ରୀ ତଥା କୋରେଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ସଂଚିତା ମହାନ୍ତିଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ସଂଚିତା ମହାନ୍ତି ଭାରତୀୟ ଜନତା ପାର୍ଟିର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଥିଲେ। ସେ ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ କୋରେଇ ବିଧାୟିକା ଭାବେ କାର୍ଯ୍ୟ କରିଥିଲେ। ସେ କେବଳ ଜଣେ ଦକ୍ଷ ରାଜନେତ୍ରୀ ନୁହନ୍ତି ବରଂ ଜନସେବା ଓ ସାଙ୍ଗଠନିକ କାର୍ଯ୍ୟରେ ଜଣେ କର୍ମଠ ନେତ୍ରୀ ଥିଲେ। କୋରେଇ ଅଞ୍ଚଳର ବିକାଶ ଏବଂ ଜନକଲ୍ୟାଣ ପାଇଁ ନିରନ୍ତର ପରିଶ୍ରମ କରି ସାଧାରଣ ଜନତାଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଅଧିକାର କରିଥିଲେ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଦଳର କାୟା ବିସ୍ତାରରେ ସ୍ୱର୍ଗତଃ ସଂଚିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଶେଷ ସମୟ ପର୍ଯ୍ୟନ୍ତ ସେ ଦଳ ପାଇଁ କାର୍ଯ୍ୟ କରିଥିଲେ। ରାଜନୀତି ସହ ଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ରାଜନୀତି ଓ ଭାରତୀୟ ଜନତା ପାର୍ଟିର ପ୍ରଭୂତ କ୍ଷତି ହୋଇଛି ବୋଲି ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ



କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି କହିଛନ୍ତି। ସ୍ୱର୍ଗତଃ ମହାନ୍ତିଙ୍କ ପାର୍ଥୀବ ଶରୀର ଶୁକ୍ରବାର ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି ଓ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି ଦଳୀୟ ପତାକା ପ୍ରଦାନ କରି ଶେଷ ସମ୍ମାନ ଜଣାଇବା ସହ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭାବବିହ୍ୱଳ ପରିବେଶରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ସାଧାରଣ ସମ୍ପାଦକ (ସଂଗଠନ) ପ୍ରସନ୍ନ ମିଶ୍ର, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉପସଭାପତି ବିଷ୍ଣୁ ଦାସ, ଅଶୋକ ମିଶ୍ର, କେ. ନାରାୟଣ ରାଓ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ସମ୍ପାଦିକା ଡ. ପ୍ରୀତିପ୍ରତିଭା ଭୋଳ, ବରିଷ୍ଠ ନେତା ସୁଦୀପ୍ତ ରାୟ, ମହେଶ ମହାନ୍ତି, ସୁଦର୍ଶନ ନାୟକ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ତାଙ୍କ ପାର୍ଥିବ ଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




## ଆଉ ଚାରି ଜିଲ୍ଲାରେ ଚାଷୀଙ୍କୁ ଟୋକନ ପ୍ରଦାନ : ୧୨ଟି ଜିଲ୍ଲାରେ ଧାନସଂଗ୍ରହ ଜାରି

ଭୁବନେଶ୍ୱର, ୨୬।୧୨ :ନ୍ୟୁଜ୍‌ବ୍ୟୁରୋ

ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନକିଣା ଜାରି ରହିଥିବାବେଳେ ଆଉ ଚାରୋଟି ଜିଲ୍ଲାରେ ଚାଷୀମାନଙ୍କ ପାଇଁ ଆଗୁଆ ଟୋକନ ପ୍ରଦାନ କରାଯାଇଛି। ବାଲେଶ୍ୱର, ନୟାଗଡ଼, ଗଜପତି ଓ କନ୍ଧମାଳ ଜିଲ୍ଲାର ଚାଷୀମାନଙ୍କ ପାଇଁ ଆଗୁଆ ଟୋକନ ପ୍ରଦାନ କରାଯାଇଛି। ବାଲେଶ୍ୱର ଓ ନୟାଗଡ଼ ଜିଲ୍ଲାରେ ଆସନ୍ତା ୨୯ ତାରିଖରେ ଧାନସଂଗ୍ରହ ଆରମ୍ଭ ହେଉଥିବାବେଳେ ଗଜପତିରେ ଆସନ୍ତା ୩୦ ତାରିଖରେ ଏବଂ କନ୍ଧମାଳରେ ୩୧ ତାରିଖରେ ଧାନସଂଗ୍ରହ ଆରମ୍ଭ କରାଯିବ। ବାଲେଶ୍ୱର ଜିଲ୍ଲାରେ ୬୫ ହଜାର ୨୭୩ ଜଣ, ନୟାଗଡ଼ ଜିଲ୍ଲାରେ ୨୮ ହଜାର ୭୨୩, ଗଜପତିରେ ୧୦ ହଜାର ୧୧୨ ଜଣ ଏବଂ କନ୍ଧମାଳ ଜିଲ୍ଲାରେ ୩୧୭୬ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି।

# ୧୦ ମେଗାୱାଟ୍ ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ପିପିଏ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୬।୧୨

ନ୍ୟୁଜ୍‌ବ୍ୟୁରୋ

ଗ୍ରୀନ ଏନର୍ଜି ଡେଭେଲପମେଣ୍ଟ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍ (ଜିଇଡିସିଓଏଲ) ଏବଂ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ଏସଏଆଇଏଲ)ର ଏକ ମିଳିତ ଉଦ୍ୟମ କମ୍ପାନୀ, ଜିଇଡିସିଓଏଲ ସେଲ୍ ପାୱାର କର୍ପୋରେସନ୍ ଲିମିଟେଡ୍ (ଜିଏସପିସିଏଲ), ଓଡ଼ିଶାର ମନ୍ଦିରା ଡ୍ୟାମ୍ ଠାରେ ଏକ ୧୦ ମେଗାୱାଟ୍ ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରୁଛି। ଏହି ପରିପ୍ରେକ୍ଷୀରେ, ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ସମ୍ମିଳନୀ କକ୍ଷରେ ଜିଏସପିସିଏଲ ଏବଂ ସେଲ୍ ମଧ୍ୟରେ ବିଦ୍ୟୁତ୍ କ୍ରୟ ଚୁକ୍ତିନାମା (ପିପିଏ) ସ୍ୱାକ୍ଷରିତ ହୋଇଛି। ଏହି ପିପିଏ ସ୍ୱାକ୍ଷର ସମାରୋହ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ସଚିବ ବିଶାଳ କୁମାର ଦେବ, ପ୍ରମୁଖ ସଚିବ, ସିଏମଡ଼ି, ଓଏଚପିସି ଏବଂ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ସ୍ୱାଧୀନ ନିର୍ଦ୍ଦେଶକ




ବି.ସି. ଜେନା, ସ୍ୱାଧୀନ ନିର୍ଦ୍ଦେଶକ ଆର.ସି. ତ୍ରିପାଠୀ, ଅତିରିକ୍ତ ସଚିବ ନିବେଦିତା ମିଶ୍ର, ଓଏଏସ (ଏସଏସ), ଶ୍ୟାମଳୀ ମହାପାତ୍ର, ଓଏଏସ (ଏସଏସ), ସାଇଦତ୍ତ ବିପ୍ଲବ କେଶରୀ ପ୍ରଧାନ, ଓଏଏସ (ଏସଏଜି), ଶକ୍ତି ବିଭାଗର ଓଏଫଏସ ଡକ୍ଟର ଦେବୀ ଦତ୍ତ ତ୍ରିପାଠୀ, ଓଏଚପିସି ନିର୍ଦ୍ଦେଶକ (ଅର୍ଥ) ପି.କେ. ମହାନ୍ତି, ଓଏଚପିସି ଏବଂ ଜିଇଡିସିଓଏଲର ନିର୍ଦ୍ଦେଶକ (ଅପରେସନ) ଏ.କେ. ମହାନ୍ତି, ଜିଏସପିସିଏଲର ସିଏଫଓ ଗଗନ ବିହାରୀ ମହାରଣା, ଜିଏସପିସିଏଲର ବୈଷୟିକ ମୁଖ୍ୟ ମଳୟକାନ୍ତା ସ୍ୱାଇଁ ଏବଂ ରାଉରକେଲା ଇସ୍ପାତ କାରଖାନାର ପ୍ରତିନିଧି ଦୀପକ ରାୟ, ସିଜିଏମ (ପାୱାର) ଏବଂ ଆର.କେ. ମୁଦୁଲି, ସିଜିଏମ (ଏନପିଏମ, ଏସପିପି ଏବଂ ଡିଜିଟାଲାଇଜେସନ୍), ଜିଏସପିସିଏଲ ବୋର୍ଡର ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

ଚୁକ୍ତିନାମା ଅନୁଯାୟୀ, ମନ୍ଦିରା କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ସମସ୍ତ ବିଦ୍ୟୁତ୍ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ବ୍ୟବହୃତ ହେବ ଏବଂ କୁଆଁରମୁଣ୍ଡା ଗ୍ରୀଡ୍ ସବଷ୍ଟେସନ ମାଧ୍ୟମରେ ବିଦ୍ୟୁତ୍ ନିଷ୍କାସନ କରାଯିବ।

ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ବିଶାଳ କୁମାର ଦେବ ଏହି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପାଇଁ ଜିଏସପିସିଏଲ ଦଳକୁ ଅଭିନନ୍ଦନ ଜଣାଇଥିଲେ ଏବଂ ରାଜ୍ୟରେ ସ୍ୱଚ୍ଛ ଓ ନବୀକରଣୀୟ ଶକ୍ତି ଉତ୍ପାଦନକୁ ସୁଦୃଢ଼ କରିବାରେ ଏହାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମାପ୍ତ କରିବାକୁ ପରାମର୍ଶ ଦେଇଥିଲେ।

## ୨୫ ଗ୍ରାମ୍ ହେରୋଇନ ଓ ଗଞ୍ଜେଇ ଜବତ : ୨ ଗିରଫ

ଜଗତସିଂହପୁର, ୨୬।୧୨

ନ୍ୟୁଜ୍‌ବ୍ୟୁରୋ

ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ପେଶାଲ ଡ୍ରାଇଭ ଚାଲିଥିବାବେଳେ ଶୁକ୍ରବାର ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ। ଜଗତସିଂହପୁର ଥାନା ଅନ୍ତର୍ଗତ ଗଉଡୁଣି ପଡ଼ିଆ ଠାରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତିକରି ଜଗତସିଂହପୁର ଅବକାରୀ ରେଞ୍ଜର ଇନ୍ସପେକ୍ଟର ଶ୍ରୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲେ। ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ତାକୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୨୫ ଗ୍ରାମ୍ ହେରୋଇନ ଏବଂ ଏକ ସ୍କୁଟି ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତ ଜଣକ ହେଲେ ଅଲଣା ଗ୍ରାମର ମୁନା ସାହୁ(୩୬)। ସେହିପରି ପାରାଦୀପ ଅବକାରୀ ରେଞ୍ଜର ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱାଧିନ ଏକ ଟିମ୍ ପାରାଦୀପ ଥାନା ଅନ୍ତର୍ଗତ ମଧୁବନ ଜଗନ୍ନାଥ କଲୋନିରେ ଚଢ଼ଉ କରି ୧ କେଜି ୨୫୦ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବେପାରୀ ଜଗନ୍ନାଥ କଲୋନିର ଝାଡ଼େଶ୍ୱର କରଣ(୩୬)ଙ୍କୁ ଗିରଫ କରିଛି।



## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com